# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୧୭/୨୦୨୦ (୧୪ ପୃଷ୍ଠା) | Bhubaneswar, Friday, July 17/2020 | ★★★★★★

୪୬ଶ ଭାଗ ୨୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


## ‘ମାଇଁ ଲର୍ଡ’ ନୁହେଁ, ‘ସାର୍’ ସମ୍ବୋଧନ କର

**ନ୍ୟାୟିକ ଅଧିକାରୀମାନଙ୍କୁ କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ପରାମର୍ଶ**



ଜଷ୍ଟିସ୍ ଟିବିଏନ୍ ରାଧାକ୍ରିଷ୍ଣନ୍

**କୋଲକାତା,୧୬।୭(ପି.ଟି.)**

କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତି ଟିବିଏନ୍ ରାଧାକ୍ରିଷ୍ଣନ୍ ବିଚାର ବିଭାଗୀୟ ବ୍ୟବସ୍ଥାରେ ଏକ ନୂଆ ପରମ୍ପରା ଆରମ୍ଭ କରିଛନ୍ତି। ତାଙ୍କୁ ‘ମାଇଁ ଲର୍ଡ’ କିମ୍ବା ‘ଲର୍ଡଶିପ୍’ ପରିବର୍ତ୍ତେ ‘ସାର୍’ ସମ୍ବୋଧନ କରିବା ପାଇଁ ପଶ୍ଚିମବଙ୍ଗ ଓ ଆଣ୍ଡାମାନର ନ୍ୟାୟିକ ଅଧିକାରୀମାନଙ୍କୁ ଜଷ୍ଟିସ୍ ରାଧାକ୍ରିଷ୍ଣନ୍ ପରାମର୍ଶ ଦେଇଛନ୍ତି।

କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତି ରାଧାକ୍ରିଷ୍ଣନ୍ ପଶ୍ଚିମବଙ୍ଗ ଓ ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ**

ବ୍ୟର୍ଥ ପ୍ରୟାସ

# ୪ ଜିଲା, ରାଉରକେଲା ଲକ୍‌ଡାଉନ

**ଭୁବନେଶ୍ୱର,୧୬।୭(ବ୍ୟୁରୋ)**

- ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ଯାଜପୁରରେ କଟକଣା
- ଆଜି ରାତି ୯ରୁ ୩୧ ତାରିଖ ଯାଏ ଲାଗୁ
- ତେଜରାତି, ପରିବା ଦୋକାନ ସକାଳ ୬ରୁ ଅପରାହ୍ନ ୧ଟା ଯାଏ ଖୋଲା ରହିବ
- ୧୪ ଦିନରେ ହେବ କଣ୍ଟାକ୍ଟ ଟ୍ରେସିଂ
- ବ୍ୟାଙ୍କ, ଡାକଘର, ହସ୍ପିଟାଲ, ଗଣମାଧ୍ୟମ ସଂସ୍ଥା ଖୋଲା
- ଅନ୍ୟ ଜିଲା ଲୋକଙ୍କୁ ବାରଣ

ରାଜ୍ୟରେ କରୋନା ସ୍ଥିତି ବେଳକୁ ବେଳ ଗମ୍ଭୀର ହେଉଛି। ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ଯାଜପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବହୁମାତ୍ରାରେ ବଢିଚାଲିଛି। ଏହି ଜିଲାଗୁଡିକରେ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୁରୁବାର ଉକ୍ତ ୪ଟି ଜିଲାକୁ ୧୪ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଥିସହିତ ରାଉରକେଲା ମହାନଗର ନିଗମକୁ ମଧ୍ୟ ଲକ୍‌ଡାଉନ ଘୋଷଣା କରାଯାଇଛି। ୧୭ ତାରିଖ ରାତି ୯ରୁ ଜୁଲାଇ ୩୧ ମଧ୍ୟରାତ୍ର ପର୍ଯ୍ୟନ୍ତ ଲକ୍‌ଡାଉନ ଜାରିରହିବ। ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଏ ନେଇ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ ଲକ୍‌ଡାଉନ ସମୟରେ ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିବ। ଲୋକମାନଙ୍କ ଯାତାୟାତ ଉପରେ କଟକଣା ଜାରି କରାଯାଇଛି। ବିନା କାରଣରେ ଅନ୍ୟ ଜିଲାର ଲୋକମାନେ ଉକ୍ତ ଜିଲାଗୁଡିକୁ ପ୍ରବେଶ କରିବେ ନାହିଁ। ଜରୁରୀ ହେଲେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବାକୁ ପଡ଼ିବ। ବିନା କାରଣରେ ଆସିଲେ କଡ଼ାକାର୍ଯ୍ୟାନୁଷ୍ଠାନ ହେବ ବୋଲି ମୁଖ୍ୟଶାସନ ସଚିବ କହିଛନ୍ତି। ଲକ୍‌ଡାଉନ ବେଳେ ଯେପରି ଲୋକେ ପଦାକୁ ନ ଆସିବେ ତାହା କଡ଼ାକଡି କରିବାକୁ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲକ୍‌ଡାଉନ ନ ମାନିଲେ ବିପର୍ଯ୍ୟୟ ପରିଚାଳନା ଆଇନ-୨୦୦୫ ଧାରା-୫୧ ଓ ୬୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ। ତେବେ ପୂର୍ବଭଳି ଜୁଲାଇ ୩୧ ଯାଏ ଶନିବାର ଓ ରବିବାର ଉକ୍ତ ଜିଲାଗୁଡିକରେ ଶଟ୍‌ଡାଉନ ବଳବତ୍ତର ରହିବ। ଏହି ଲକ୍‌ଡାଉନ ସମୟରେ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ଜରୁରୀ ସେବା ଜାରି ରହିବ। ଏହି କଡ଼ା କଟକଣା ସତ୍ତ୍ୱେ ଲୋକଙ୍କ ସୁବିଧା ପାଇଁ ଆଉ କେତେକ ନିଷ୍ପତ୍ତି ନିଆଯାଇଛି। ସକାଳ ୬ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ତେଜରାତି, ପରିବା ଦୋକାନ ଖୋଲାରହିବ। ଏହି ସମୟରେ ☞ପୃଷ୍ଠା-୪








ଧରିତ୍ରୀ
DHARITRI
ଶୁକ୍ରବାର, ୧୭ ଜୁଲାଇ, ୨୦୨୦



ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା, କୋଟିପତି ବ୍ୟବସାୟୀ ବିଲ୍ ଗେଟ୍ସ, ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ଜୋ ବିଡେନ୍, ଆମାଜନ ପ୍ରତିଷ୍ଠାତା ଜେଫ୍ ବେଜୋସ୍, ବ୍ୟବସାୟୀ ଇଲୋନ୍ ମସ୍କ, ୱାରେନ୍ ବଫେଟ୍, ର୍ୟାପର କେନ୍ୟେ ୱେଷ୍ଟଙ୍କ ଭଳି ହାଇ ପ୍ରୋଫାଇଲ ବ୍ୟକ୍ତିଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ୍ କରାଯାଇଛି। ଏମାନେ ଏବେ ଟୁଇଟ କରିପାରୁନାହାନ୍ତି କି ପାସୱାର୍ଡ ରିସେଟ୍ କରିପାରୁନାହାନ୍ତି।



# ପୋଲିସ ପିଟିଲା, ବିଷ ପିଇଲେ ଦଳିତ ଦମ୍ପତି

## ବର୍ବରତା ବେଳର ଦୃଶ୍ୟ ଭାଇରାଲ
## ଗୁନା ଜିଲାପାଳ, ଏସ୍‌ପି ହଟିଲେ

ଭୋପାଳ,୧୬।୭

ପୋଲିସ ବର୍ବରତାର ଆଉ ଏକ ଚିତ୍ର ଆସିଛି ମଧ୍ୟପ୍ରଦେଶର ଗୁନା ଜିଲାରୁ। ଏଠାରେ ଏକ ଦଳିତ ଦମ୍ପତିଙ୍କୁ ଖଣ୍ଡେ ଜମିରୁ ବାହାର କରିବା ପାଇଁ ପୋଲିସ ମାଡ଼ ମାରିଥିଲା। ଏଥିରେ ମର୍ମାହତ ହୋଇ ଦଳିତ ଦମ୍ପତି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ମାଡ଼ ମାରିବା ବେଳର ଦୃଶ୍ୟ ଗୁରୁବାର ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ଘଟଣାକୁ ନେଇ ରାଜନୀତି ଜୋର୍ ଧରିବା ପରେ ଏଭଳି ଅମାନୁଷିକ କାର୍ଯ୍ୟ ପାଇଁ ଗୁନା ଜିଲାପାଳ ଏବଂ ଏସ୍‌ପିଙ୍କୁ ସେମାନଙ୍କ ପଦରୁ ହଟାଇ ଦିଆଯାଇଛି।

ଗୁନା ଜିଲାସ୍ଥିତ କ୍ୟାଣ୍ଟ ଥାନା ଅଞ୍ଚଳର ଏକ କଲେଜ ଜମିରୁ ଚକ୍ ଗ୍ରାମର ବାସିନ୍ଦା ରାମ କୁମାର ଅହିରୱାର (୩୭) ଓ ତାଙ୍କ ସ୍ତ୍ରୀ ସାବିତ୍ରୀ ଅହିରୱାରଙ୍କୁ ହଟାଇବା ପାଇଁ ନିର୍ଦ୍ଦେଶ ରହିଥିଲା। ଜବରଦଖଲ ଉଚ୍ଛେଦ ଲାଗି ମଙ୍ଗଳବାର ଗୁନାର ରାଜସ୍ୱ ଅଧିକାରୀ ଓ ପୋଲିସ କର୍ମଚାରୀମାନେ ଉକ୍ତ ଜମିକୁ ଯାଇଥିଲେ। ଦଳିତ ଦମ୍ପତି ସେଠାରୁ ନ ହଟିବାରୁ ପୋଲିସ ସେମାନଙ୍କୁ ଅତି ଅମାନୁଷିକ ଭାବେ ଠେଙ୍ଗାରେ ମାଡ଼ ମାରିଥିଲା। ଦଳିତ ଦମ୍ପତି ଏଥିରେ ମର୍ମାହତ ହୋଇ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜିଲା ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଦମ୍ପତିଙ୍କ ଅବସ୍ଥା ସ୍ଥିର ଅଛି। ରାମକୁମାରଙ୍କ କହିବା ହେଲା ଯଦିଓ ଉକ୍ତ ଜମିକୁ ନେଇ ବିବାଦ ରହିଛି ଆଇନଗତ ଉପାୟରେ ଏହାର ସମାଧାନ ହୋଇପାରିବ। କିନ୍ତୁ ଆଇନକୁ ହାତକୁ ନେଇ ତାଙ୍କୁ, ସ୍ତ୍ରୀ, ପିଲାଛୁଆ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ନିର୍ଦ୍ଦୟ ଭାବେ ମାଡ଼ମାରିବା କ'ଣ ନ୍ୟାୟ? ଦଳିତ ଓ



ଜମିରୁ ଜବରଦଖଲ ଉଚ୍ଛେଦ ବେଳେ ପୋଲିସ ମାଡ଼ ମାରୁଥିବା ବେଳର ଦୃଶ୍ୟ।

ଗରିବ ଚାଷୀ ହୋଇଥିବାରୁ ସେମାନଙ୍କୁ ଏପରି ଆକ୍ରମଣ କରାଯାଇଥିବା ସେ ଅଭିଯୋଗ କରିଛନ୍ତି।

ଜିଲାପାଳ ବିଶ୍ୱନାଥନ୍ କହିଛନ୍ତି, ଜନକପୁର ଚକ୍‌ରେ ଥିବା ୪ ଏକର ଜମି ଏକ ସାଇନ୍ସ କଲେଜ କରିବା ପାଇଁ ଚିହ୍ନଟ ହୋଇଥିଲା। ସରକାର କଲେଜ ନିର୍ମାଣ ପାଇଁ ଗତବର୍ଷ ପୂର୍ତ୍ତ ବିଭାଗକୁ ୧୨ କୋଟି ଟଙ୍କା ଅନୁଦାନ ଦେଇଥିଲେ। କିନ୍ତୁ ବାବୁ ପାଦ୍ରି ନାମକ ଜଣେ ଜମି ମାଫିଆ ଗରିବ ଲୋକଙ୍କୁ ଧରି ଜମିକୁ ଜବରଦଖଲ ପାଇଁ ଉଦ୍ୟମ କରୁଛନ୍ତି। ଅହିରୱାର ଓ ତାଙ୍କ ପରିବାର ଜବରଦଖଲ କାର୍ଯ୍ୟରେ ବ୍ୟବହୃତ ହେଉଛନ୍ତି। ଆମେ କେବଳ ଜବରଦଖଲ ହଟାଇବାକୁ ଉଦ୍ୟମ କରିଛୁ। ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ମାଡ଼ ମରାଯାଇ ନାହିଁ କି ହଇରାଣ କରାଯାଇ ନାହିଁ।

ଏନେଇ ଦମ୍ପତିଙ୍କ ସମେତ ରାମ କୁମାରଙ୍କ ଭାଇ ଶିଶୁପାଳ ଓ ଅନ୍ୟ ୪ ଜଣଙ୍କ ବିରୋଧରେ କର୍ତ୍ତବ୍ୟ ପାଳନରେ ବାଧାସୃଷ୍ଟି ଅଭିଯୋଗ ଆଣି ଗୁନାର ଜଣେ ରାଜସ୍ୱ ଅଧିକାରୀ ଏତଲା ଦେଇଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିବା ଅଭିଯୋଗରେ ରାମ କୁମାର ଓ ସାବିତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ଏସ୍‌ପି ତରୁଣ ନାୟକ ସୂଚନା ଦେଇଛନ୍ତି। ସୋସିଆଲ ମିଡିଆରେ ପୋଲିସ ବର୍ବରତାର ଦୃଶ୍ୟ ଭାଇରାଲ ହେବା ପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ସରକାର ଗୁରୁବାର ଜିଲାପାଳ ଏସ୍. ବିଶ୍ୱନାଥନ୍ ଏବଂ ଏସ୍‌ପି ତରୁଣ ନାୟକଙ୍କୁ ପଦରୁ ହଟାଇ ଦେଇଛନ୍ତି। ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଭାଜପା ରାଜ୍ୟ ସଭା ସଦସ୍ୟ ଜ୍ୟୋତିରାଦିତ୍ୟ ସିନ୍ଧିଆ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଘଟଣାର ନିନ୍ଦା କରିଛନ୍ତି। ସମ୍ବେଦନାହୀନ ଅଧିକାରୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ଅନୁରୋଧ କରିଛନ୍ତି।

### ଜ୍ୟୋତିରାଦିତ୍ୟଙ୍କୁ ଟାର୍ଗେଟ କଲେ ରାହୁଲ, ପ୍ରିୟଙ୍କା

ନୂଆଦିଲ୍ଲୀ, ୧୬।୭ (ଆଇଏଏନ୍‌ଏସ୍)

ଗୁନାରେ ଦଳିତ ଦମ୍ପତିଙ୍କୁ ପୋଲିସ ମାଡ଼ ମାରିବା ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପରୋକ୍ଷରେ ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲ କହିଛନ୍ତି, ଆମ ଲଢ଼େଇ ହେଉଛି ଏହି ବିଚାରଧାରା ଓ ଅନ୍ୟାୟ ବିରୋଧରେ। ରାହୁଲ ଟୁଇଟର୍‌ରେ ଆକ୍ରମଣ ବେଳର ଭାଇରାଲ ଭିଡିଓକୁ ମଧ୍ୟ ସଂଲଗ୍ନ କରିଛନ୍ତି। ସେହିପରି ତାଙ୍କ ଭଉଣୀ ପ୍ରିୟଙ୍କା ଟୁଇଟ୍ କରି ଲେଖିଛନ୍ତି, ଗରିବ, ଦଳିତ, ଚାଷୀ ଓ ଗଣତନ୍ତ୍ର ଉପରେ ଆକ୍ରମଣ ହେଉଛି ଭାଜପାର କୌଶଳ, ଚେହେରା ଏବଂ ଚରିତ୍ର। ଅନ୍ୟାୟ ବିରୋଧରେ ଆମେ ଜୋର୍‌ଦାର ଲଢ଼େଇ କରିବୁ। ପ୍ରକାଶ ଯେ, ସିନ୍ଧିଆ ପୂର୍ବରୁ ଗୁନା ଲୋକ ସଭା ଆସନରୁ ପ୍ରତିନିଧିତ୍ୱ କରୁଥିଲେ। ଗତ ମାର୍ଚ୍ଚରେ ସେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେବା ପରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଯାଇଛନ୍ତି।

# ୨୫ ହଜାର ଟପିଲା ମୃତ୍ୟୁସଂଖ୍ୟା

ମୁମ୍ବାଇ,୧୬।୭: ମହାମାରୀ କରୋନାରେ ୨୫,୪୧୫ରୁ ଅଧିକ ବ୍ୟକ୍ତିଙ୍କ ଜୀବନ ଯାଇସାରିଥିବା ବେଳେ ୯.୮୦ ଲକ୍ଷ ଲୋକ ସଂକ୍ରମିତ ହୋଇଛନ୍ତି। ଗୋଟିଏ ଦିନରେ ୩୨, ୬୯୫ ନୂଆ ମାମଲା ସାମ୍ନାକୁ ଆସିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ମୁତାବକ ବର୍ତ୍ତମାନ ସୁଦ୍ଧା ୬.୨୮ ଲକ୍ଷ ଲୋକ ସୁସ୍ଥ ହୋଇସାରିଲେଣି। ତଥାପି ୩.୩୮ ଲକ୍ଷ ଆକ୍ଟିଭ୍ ମାମଲା ରହିଛି। ମହାରାଷ୍ଟ୍ର, ତାମିଲନାଡୁ, ରାଜଧାନୀ ଦିଲ୍ଲୀ, କର୍ନାଟକ ଭଳି ରାଜ୍ୟରେ ସ୍ଥିତି ଉଦ୍‌ବେଗଜନକ ରହିଛି।

# ମୁମ୍ବାଇରେ ୨ କୋଠା ଭୁଶୁଡ଼ିଲା



ମୁମ୍ବାଇ,୧୬।୭(ଆଇଏଏନ୍‌ଏସ୍)

## ୨ ମୃତ, ଅନେକେ ଫସିଥିବା ଆଶଙ୍କା

ମୁମ୍ବାଇରେ ଗୁରୁବାର ପ୍ରବଳ ବର୍ଷା ଯୋଗୁ ଦୁଇଟି ବିଲ୍ଡିଂ ଭୁଶୁଡ଼ିପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି ଓ ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି। ଭଗ୍ନାବଶେଷ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ମାଲାଦର ମାଲଭାନି ଅଞ୍ଚଳ ଏବଂ ଫର୍ଟ ଅଞ୍ଚଳରେ ଏହି ଘଟଣା ଘଟିଥିବାବେଳେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମୁମ୍ବାଇର ମାଲଭାନି ଅଞ୍ଚଳରେ ଥିବା ୩ ମହଲା ବିଲ୍ଡିଂ ଭୁଶୁଡ଼ି ପଡିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ଭଗ୍ନାବଶେଷ ତଳୁ ୧୩ ଜଣଙ୍କୁ ବାହାର କରାଯାଇ ହସ୍ପିଟାଲ ପଠାଯାଇଛି। ଆଉ ୪-୫ ଜଣ ଭଗ୍ନାବଶେଷ ତଳେ ରହିଥିବା ଆଶଙ୍କା କରାଯାଉଛି। ଅଗ୍ନିଶମ ଏବଂ ବିପର୍ଯ୍ୟୟ ପରିଚାଳନା ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ମୃତକଦ୍ୱୟ ହେଲେ ଅଞ୍ଜୁମ୍ ଏସ୍. ଶେଖ୍(୨୩) ଏବଂ ଫୈଜଲ ଡବ୍ଲ୍ୟୁ. ସୟେଦ(୧୮)। ସେହିପରି ଅପରାହ୍ନରେ ଫର୍ଟ ଅଞ୍ଚଳର ମିଣ୍ଟ ରୋଡ୍‌ରେ ଥିବା ୫ ମହଲା ବିଶିଷ୍ଟ ଭାନୁଶାଲୀ ବିଲ୍ଡିଂ ଭୁଶୁଡ଼ି ପଡିଛି। ଉଦ୍ଧାର କାର୍ଯ୍ୟରେ ୮ଟି ଦମକଳ ଗାଡ଼ି, ଦୁଇଟି ଉଦ୍ଧାରକାରୀ ଭ୍ୟାନ୍ ଓ ୧୦ଟି ଆମ୍ବୁଲାନ୍ସକୁ ନିୟୋଜିତ କରାଯାଇଛି। ତଲାସି ଜାରି ରହିଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ କହିଛନ୍ତି। ପୂର୍ବରୁ ବିଲ୍ଡିଂକୁ ଖାଲି କରାଯାଇ ମରାମତି କାର୍ଯ୍ୟ ଚାଲିଥିଲା। ଏହା ସତ୍ତ୍ୱେ କେତେଜଣ ଲୋକ ବିଲ୍ଡିଂ ଭିତରେ ରହିଯାଇଥିଲେ।

# ମାନବ ଶରୀରରେ ଦ୍ୱିତୀୟ କୋଭିଡ୍ ଟିକା ପରୀକ୍ଷା ଆରମ୍ଭ





ନୂଆଦିଲ୍ଲୀ,୧୬।୭

ଭାରତର ଦ୍ୱିତୀୟ କୋଭିଡ୍ ଟିକା ଜିକୋଭ-ଡିର ମାନବ ଶରୀରରେ ପରୀକ୍ଷା ଆରମ୍ଭ ହୋଇଛି। ଜାଇଡସ୍ କାଡିଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ଟିକା ପାଇଁ ବାୟୋଟେକ୍‌ନୋଲୋଜି ବିଭାଗ ଆଂଶିକ ପାଣ୍ଠି ଯୋଗାଇଛି। ପ୍ରଥମ କୋଭିଡ୍ ଟିକା କୋଭାକ୍ସିନ୍ ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏହାକୁ ମାନବ ଶରୀରରେ ପରୀକ୍ଷା ପାଇଁ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସି) ଅନୁମତି ପ୍ରଦାନ କରିସାରିଛି। ଜିକୋଭ-ଡି ଟିକାର ପ୍ରାକ୍ କ୍ଲିନିକାଲ ପରୀକ୍ଷା ସଫଳ ହୋଇଛି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷାରୁ ଏହାର ନିରାପତ୍ତା, ସହନଶୀଳତା ଏବଂ ରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କରେ ଜଣାପଡିଯିବ। ଫେବୃୟାରୀ ମାସରୁ ଏହି ଟିକା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ମାନବ ଶରୀରରେ ପରୀକ୍ଷା ମୁଖ୍ୟ ମାଇଲଖୁଣ୍ଟ ବୋଲି କୁହାଯାଉଛି।

# କୁଳଭୂଷଣଙ୍କୁ ଭେଟିଲେ ୨ ଭାରତୀୟ ଅଧିକାରୀ

ନୂଆଦିଲ୍ଲୀ,୧୬।୭

ଗୁପ୍ତଚର ବୃତ୍ତି ସହ ସମ୍ପୃକ୍ତି ଅଭିଯୋଗରେ ମୃତ୍ୟୁଦଣ୍ଡାଦେଶ ପାଇଥିବା ଭାରତର ପୂର୍ବତନ ନୌସେନା ଅଧିକାରୀ କୁଳଭୂଷଣ ଯାଦବଙ୍କୁ ଇସ୍‌ଲାମାବାଦ ପକ୍ଷରୁ ଦ୍ୱିତୀୟ କନ୍‌ସୁଲାର ଆକ୍ସେସ (କୂଟନୈତିକ କାର୍ଯ୍ୟାଳୟ ମାଧ୍ୟମରେ ଆଇନଗତ ସହାୟତା) ପ୍ରଦାନ କରାଯାଇଛି। ଇସ୍‌ଲାମାବାଦରେ ଥିବା ଭାରତୀୟ ଦୂତାବାସର ୨ ଅଧିକାରୀ ତାଙ୍କୁ ଭେଟିବା ପରେ କୁଳଭୂଷଣ ଚାପଗ୍ରସ୍ତ ରହିଥିବା କହିଛନ୍ତି। ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।



କୁଳଭୂଷଣ ଯାଦବ

## ମିଳିଲା ଦ୍ୱିତୀୟ କନ୍‌ସୁଲାର ଆକ୍ସେସ୍

# ୬୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ମିଳିବନି ପୋଷ୍ଟାଲ ବାଲଟ ସୁବିଧା

ନୂଆଦିଲ୍ଲୀ,୧୬।୭(ଆଇଏଏନ୍‌ଏସ୍)

କରୋନା ମହାମାରୀ ଯୋଗୁ ୬୫ ବର୍ଷ ବା ତଦୂର୍ଦ୍ଧ୍ୱ ବୟସର ଲୋକମାନଙ୍କ ପ୍ରତି ଅଧିକ ବିପଦ ହୋଇଥିବାରୁ ଆଗାମୀ ବିହାର ବିଧାନସଭା ନିର୍ବାଚନ ଓ ନିକଟ ଭବିଷ୍ୟତରେ ହେବାକୁ ଥିବା ଉପନିର୍ବାଚନରେ ସେମାନଙ୍କୁ ପୋଷ୍ଟାଲ ବାଲଟ ସୁବିଧା ଯୋଗାଇଦେବାକୁ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ବିଭିନ୍ନ ରାଜନୈତିକ ଦଳ ଏଭଳି ନିଷ୍ପତ୍ତିକୁ ସମାଲୋଚନା କରିବା ପରେ ପୋଷ୍ଟାଲ ବାଲଟ ସୁବିଧା ୬୫ ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କୁ ନ ଦେବା ଲାଗି ନିର୍ବାଚନ କମିଶନ ଗୁରୁବାର ନିଷ୍ପତ୍ତି ନେଇଛନ୍ତି। ମତଦାନ ସହଜ କରିବା ଲାଗି ପ୍ରତି ଭୋଟ କେନ୍ଦ୍ରରେ ଭୋଟରଙ୍କ ସଂଖ୍ୟା ୧୦୦୦ ମଧ୍ୟରେ ସୀମିତ କରାଯାଇଛି। ତେବେ ପୂର୍ବଭଳି ୮୦ ବର୍ଷରୁ ଊର୍ଦ୍ଧ୍ୱ ଭୋଟର, ଭିନ୍ନକ୍ଷମ, କିମ୍ବା ଜରୁରୀ ସେବା ସହ ସମ୍ପୃକ୍ତ ଥିବା ଭୋଟର ଚାହିଁଲେ ପୋଷ୍ଟାଲ ବାଲଟର ସୁବିଧା ନେଇପାରିବେ। କୋଭିଡ୍ ପଜିଟିଭ୍ କିମ୍ବା ସନ୍ଦିଗ୍ଧ ରୋଗୀ କ୍ୱାରାଣ୍ଟାଇନ୍‌ରେ ଥିଲେ, ଏହି ସୁବିଧା ମିଳିବ ବୋଲି ନିର୍ବାଚନ କମିଶନ କହିଛନ୍ତି।

# ଆସାମ ବନ୍ୟା
# ମୃତ୍ୟୁସଂଖ୍ୟା ୭୧କୁ ବୃଦ୍ଧି

ଗୁଆହାଟୀ,୧୬।୭(ଆଇଏଏନ୍‌ଏସ୍)

## ୪୦ ଲକ୍ଷ ପ୍ରଭାବିତ

ଆସାମରେ ବନ୍ୟା ସ୍ଥିତି ସଙ୍ଗିନ୍ ରହିଛି। ଗୁରୁବାର ଆଉ ୫ ଜଣଙ୍କ ମୃତ୍ୟୁ ଘଟିବା ଫଳରେ ରାଜ୍ୟରେ ବନ୍ୟାଜନିତ ମୃତ୍ୟୁସଂଖ୍ୟା ୭୧ରେ ପହଞ୍ଚିଛି। ୨୭ ଜିଲାରୁ ପ୍ରାୟ ୪୦ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହାବ୍ୟତୀତ ବନ୍ୟାରେ ୭୬ ବନ୍ୟ ପ୍ରାଣୀଙ୍କ ମୃତ୍ୟୁ ହେବା ସହ ୧୨୧ ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି। ୨,୨୦୦ରୁ ଊର୍ଦ୍ଧ୍ୱ ଗଣ୍ଡାଙ୍କ ବାସସ୍ଥାନ ବିଶ୍ୱପ୍ରସିଦ୍ଧ କାଜିରଙ୍ଗା ଜାତୀୟ ଉଦ୍ୟାନର ୯୫ ପ୍ରତିଶତ ଜଳାର୍ଣ୍ଣବ ହୋଇଛି। ମାସେରୁ ଊର୍ଦ୍ଧ୍ୱ ସମୟ ହେଲା ଆସାମର ସୋନିତପୁର, ବିଶ୍ୱନାଥ, ତିନସୁକିଆ, ଲକ୍ଷ୍ମୀପୁର, ବୋଙ୍ଗାଇଗାଁଓ, କାମରୂପ, ଗୋଲାଘାଟ, ଶିବସାଗର, ମୋରିଗାଁଓ, ଧୁବ୍ରି, ନାଗାଓଁ, ନାଲବାରୀ, ବରପେଟା, ଧେମାଜି, ଟଦଲଗୁରି, ଗୋଲପରା ଓ ଡିବ୍ରୁଗଡ଼ ଜିଲା ବନ୍ୟାପ୍ଳାବିତ ହୋଇଥିବାବେଳେ ୭୧ ଜଣଙ୍କ ଜୀବନ ଯାଇଛି। ଏହାବ୍ୟତୀତ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ହୋଇ ଅନ୍ୟ ୨୬ ଜଣ ପ୍ରାଣ ହରାଇଛନ୍ତି। ବ୍ରହ୍ମପୁତ୍ର ସମେତ ୭ରୁ ଅଧିକ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ୩,୨୧୮ ଗାଁ ପାଣି ଘେରରେ ରହିଥିବାବେଳେ ୧,୩୧,୩୬୮ ହେକ୍ଟର ଜମିରେ ଚାଷ କ୍ଷତିଗ୍ରସ୍ତ ହୋଇଛି। ୨୫ ଜିଲାର ୭୪୮ ରିଲିଫ୍ କ୍ୟାମ୍ପରେ ୫୦ ହଜାର ଲୋକ ଆଶ୍ରୟ ନେଇଛନ୍ତି।



ମୁମ୍ବାଇର ୱାଡଲାରେ ବର୍ଷା ଯୋଗୁ ରାସ୍ତାରେ ବୁଡ଼ିଯାଇଥିବା ବସ୍‌କୁ ଯାତ୍ରୀମାନେ ଠେଲୁଛନ୍ତି।

# ଭାଜପା ଶିବିରକୁ ଯାଇପାରନ୍ତି ଝାଡ଼ଖଣ୍ଡ କଂଗ୍ରେସ ବିଧାୟକ

ରାଞ୍ଚି,୧୬।୭(ଆଇଏଏସ୍‌ଏସ୍)

ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ରାଜନୈତିକ ସଙ୍କଟ ପରେ ଏବେ ଝାଡ଼ଖଣ୍ଡର କଂଗ୍ରେସ ବିଧାୟକମାନେ ଭାଜପା ଶିବିରକୁ ଡେଇଁପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଭାଜପା ଏବେ କଂଗ୍ରେସର କେତେଜଣ ବିଧାୟକଙ୍କୁ ନିଜ ପଟକୁ ନେବା ଲାଗି ଉଦ୍ୟମ ଚଳାଇଥିବା ବରିଷ୍ଠ କଂଗ୍ରେସ ନେତା ତଥା ଝାଡ଼ଖଣ୍ଡ ମନ୍ତ୍ରୀ ରାମେଶ୍ୱର ଓରାଓଁ କହିଛନ୍ତି। ତେବେ ଭାଜପା ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଚାପ ପକାଇବା ପାଇଁ କଂଗ୍ରେସ ରଣକୌଶଳ ଆପଣାଉଥିବା ଭାଜପା କହିଛି। ରାଜ୍ୟ ସଭା ନିର୍ବାଚନ ବେଳେ ଭାଜପା କେତେଜଣ କଂଗ୍ରେସ ବିଧାୟକଙ୍କୁ କିଣିବା ପାଇଁ ଉଦ୍ୟମ କରିଥିଲା। ଏଥିପାଇଁ ସେମାନଙ୍କୁ ଟଙ୍କା ଓ ପଦବୀ ଯଚାଯାଇଥିଲା। ଗୈରିକ ଦଳ କ୍ରମାଗତ ଭାବେ କଂଗ୍ରେସ ବିଧାୟକଙ୍କୁ ପ୍ରଲୋଭନ ଦେଖାଇ ଚାଲିଥିବା ରାମେଶ୍ୱର ଅଭିଯୋଗ କରିଛନ୍ତି। କଂଗ୍ରେସ ମନ୍ତ୍ରୀଙ୍କ ଅଭିଯୋଗକୁ ଭାଜପା ଝାଡ଼ଖଣ୍ଡ ମୁଖପାତ୍ର ପ୍ରତୁଲ ସହଦେବ ଖଣ୍ଡନ କରିଛନ୍ତି। କଂଗ୍ରେସ ଝାଡ଼ଖଣ୍ଡ ସରକାରର ଅଂଶବିଶେଷ ହୋଇଥିବାରୁ ସେପରି କିଛି ଘଟିଲେ ସେମାନେ ଏତଲା ଦାଏର କରି ଘଟଣାର ତଦନ୍ତ କରାଇବା ଆବଶ୍ୟକ ବୋଲି ପ୍ରତୁଲ କହିଛନ୍ତି। ରାଜ୍ୟରେ କରୋନା ସ୍ଥିତି ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଥିବାରୁ ଏହା ଉପରୁ ଲୋକଙ୍କ ନଜର ହଟାଇବା ପାଇଁ କଂଗ୍ରେସ ଏଭଳି ମିଥ୍ୟା ଅଭିଯୋଗ କରୁଥିବା ଭାଜପା ମୁଖପାତ୍ର କହିଛନ୍ତି।

# ହାଇକୋର୍ଟ ଗଲେ ପାଇଲଟ, ଶୁଣାଣି ଆଜି

ଜୟପୁର,୧୬।୭

## ବାଚସ୍ପତିଙ୍କ କ୍ଷମତାକୁ ଚ୍ୟାଲେଞ୍ଜ

କଂଗ୍ରେସର ବିଦ୍ରୋହୀ ନେତା ସଚିନ ପାଇଲଟ ଓ ତାଙ୍କର ୧୮ ଅନୁଗତ ବିଧାୟକ ଗୁରୁବାର ରାଜସ୍ଥାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଯୋଗ୍ୟ ଘୋଷଣା ପାଇଁ ବିଧାନସଭା ବାଚସ୍ପତି ସି.ପି. ଜୋଷୀ ପଠାଇଥିବା ନୋଟିସ୍‌କୁ ସେମାନେ ଚ୍ୟାଲେଞ୍ଜ କରିଛନ୍ତି। ଶୁକ୍ରବାର ଅପରାହ୍ନ ୧ଟାରେ ଦୁଇଜଣିଆ ଖଣ୍ଡପୀଠରେ ସେମାନଙ୍କ ପିଟିଶନର ଶୁଣାଣି ହେବ।

ସଚିନଙ୍କ ସମେତ ୧୯ ବିଧାୟକ କଂଗ୍ରେସ ବିଧାୟକ ଦଳ ବୈଠକରେ ଦୁଇଥର ଅନୁପସ୍ଥିତ ରହିବା କାରଣରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରାଯାଉ ବୋଲି ସରକାରୀ ଦଳ ମୁଖ୍ୟ ସଚେତକ ମହେଶ ଜୋଷୀ ବାଚସ୍ପତିଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ବାଚସ୍ପତି ସି.ପି. ଜୋଷୀ ସମ୍ବିଧାନର ଦଶମ ପରିଚ୍ଛେଦ ପାରା ୨ (୧) (ଏ) ଅନୁସାରେ ବିଧାନସଭାରେ ସେମାନଙ୍କ ଯୋଗ୍ୟତା କାହିଁକି ରଦ୍ଦ କରାଯିବ ନାହିଁ ସେନେଇ ଶୁକ୍ରବାର ସୁଦ୍ଧା ଜବାବ ଦାଖଲ କରିବାକୁ ୧୯ ଜଣଙ୍କୁ ନୋଟିସ ଦେଇଥିଲେ। ପାଇଲଟ ଗୋଷ୍ଠୀ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରି ଯୁକ୍ତି ବାଢ଼ିଛନ୍ତି ଯେ, ବିଧାନସଭା ଅଧିବେଶନ ଚାଲିଥିବା ସମୟରେ ହିଁ ଦଳୀୟ ହୁଇପ୍ କାମ କରିଥାଏ। ଅଧିବେଶନ ଚାଲୁ ନ ଥିବାରୁ ମୁଖ୍ୟ ସଚେତକଙ୍କ ପରାମର୍ଶ



ସଚିନ ପାଇଲଟ

ମାନି ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ନୋଟିସ କରି ପାରିବେ ନାହିଁ। ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଦାଏର ପିଟିଶନର ଶୁଣାଣି ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମା କରୁଥିବାବେଳେ ଆବେଦନକାରୀମାନଙ୍କ ଓକିଲ ହରିଶ ସାଲ୍‌ଭେ ସାନି ପିଟିଶନ ଦାଏର ପାଇଁ ସମୟ ମାଗିଥିଲେ। ରାତି ୭ଟା ୩୦ରେ ସଂଶୋଧିତ ଆବେଦନର ଶୁଣାଣି ଦୁଇଜଣିଆ ଖଣ୍ଡପୀଠରେ ଆରମ୍ଭ ହେବାର ଥିଲା। କିନ୍ତୁ ପରେ ଶୁଣାଣିକୁ ଶୁକ୍ରବାର ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଓ ମୁକୁଲ ରୋଗତ୍‌ଗୀଙ୍କ ସହ ଆଉ କେତେଜଣ ଓକିଲ ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ମାମଲା ପରିଚାଳନା କରୁଛନ୍ତି। ସେହିପରି ମୁଖ୍ୟ ସଚେତକ ମହେଶ ଜୋଷୀଙ୍କ ତରଫରୁ ବରିଷ୍ଠ କଂଗ୍ରେସ ନେତା ତଥା ଆଇନଜୀବୀ ଅଭିଷେକ ମନୁ ସିଂଘଭି ଏବଂ ଏନ୍.କେ. ମାଲ୍ଲୋ ପ୍ରତିନିଧିତ୍ୱ କରୁଛନ୍ତି।

### ୧୯ ବିଧାୟକ ପର୍ଯ୍ୟାପ୍ତ ନୁହନ୍ତି: ଭାଜପା

ବିଦ୍ରୋହୀ ନେତା ସଚିନ ପାଇଲଟଙ୍କ ପାଇଁ କଂଗ୍ରେସ ବାଟ ବନ୍ଦ କରିଦେବା ପରେ ଭାଜପା ତୁରନ୍ତ ନିଷ୍ପତ୍ତି ନ ନେଇ ଆଉ କିଛି ସମୟ ଲାଗି ଅପେକ୍ଷା କରିଛି। ଗେହଲଟଙ୍କ ସରକାରର ପତନ ଘଟାଇବା ପାଇଁ ପାଇଲଟଙ୍କ ସପକ୍ଷରେ ସଂଖ୍ୟାବଳ ନ ଥିବାରୁ ଭାଜପା ସମସ୍ତ ପ୍ରସ୍ତାବିତ ବୈଠକକୁ ବାତିଲ କରିଦେଇଛି। ଦୁଇ ଗୋଷ୍ଠୀଙ୍କ ବିବାଦର ଚୂଡ଼ାନ୍ତ ପରିଣାମ ବାହାରିବା ପରେ ଭାଜପା ପକ୍ଷରୁ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।




# ଭଗବାନଙ୍କ ଛାତିରୁ ବାହାରିଲା ତୀର
## ଏସ୍‌ସିବିରେ ସଫଳ ଅସ୍ତ୍ରୋପଚାର

କଟକ ଅଫିସ,୧୬।୭

କେନ୍ଦୁଝର ଜିଲାର ଜଣେ ବ୍ୟକ୍ତିଙ୍କ ଛାତିରେ ଗଳିଯାଇଥିବା ତୀରକୁ ଅସ୍ତ୍ରୋପଚାର କରିଛି ବାହାର କରିଛି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ହୃଦ୍‌ଶଲ୍ୟ ବକ୍ଷ ବିଭାଗ । ୩ ଘଣ୍ଟାର ଜରୁରିକାଳୀନ ଅସ୍ତ୍ରୋପଚାର ପରେ ଶରୀରରୁ ସୁରକ୍ଷିତ ଭାବେ ତୀର ବାହାର କରାଯାଇଛି । ଏବେ ରୋଗୀଙ୍କ ଅବସ୍ଥା ସ୍ଥିର ରହିଥିବା ହୃଦ୍‌ଶଲ୍ୟ ବକ୍ଷ ବିଭାଗର ମୁଖ୍ୟ ପ୍ରଫେସର ମନୋଜ ପଟ୍ଟନାୟକ କହିଛନ୍ତି ।

ସୂଚନା ଅନୁଯାୟୀ, ପାରିବାରିକ ଅଶାନ୍ତି ଯୋଗୁ କେନ୍ଦୁଝର ଜିଲାର ହରିଚନ୍ଦନପୁରରେ ଦୁଇ ଭାଇଙ୍କ ମଧ୍ୟରେ ବୁଧବାର ଝଗଡ଼ା ଲାଗିଥିଲା । ଏଥିରେ ଉତ୍‌କ୍ଷିପ୍ତ ହୋଇ ବଡ଼ଭାଇ ସାନଭାଇଙ୍କୁ ଧନୁ ତୀରରେ ଆକ୍ରମଣ କରିଥିଲେ । ଗୁରୁତର ସାନଭାଇ ଭଗବାନ ମାଝି (୩୪)ଙ୍କୁ ପ୍ରଥମେ କେନ୍ଦୁଝର ଡାକ୍ତରଖାନା ଓ ସେଠାରୁ କଟକ ବଡ଼ ମେଡିକାଲ ଅଣାଯାଇଥିଲା । ଏସ୍‌ସିବିର ହୃଦ୍‌ଶଲ୍ୟ ବକ୍ଷ ବିଭାଗରେ ବୁଧବାର ସନ୍ଧ୍ୟାବେଳେ ତାଙ୍କୁ ଭର୍ତ୍ତି କରାଯାଇଥିଲା । ଭଗବାନଙ୍କ ବୁକୁ ହାଡ଼ ପାଖ ଦେଇ ପଶିଥିବା ତୀର ଉଭୟ ଫୁସ୍‌ଫୁସ୍ ଓ କିଛି ଗୁରୁତ୍ୱପୂର୍ଣ୍ଣ ରକ୍ତଧମନୀକୁ କ୍ଷତି ପହଞ୍ଚାଇଥିଲା । ତାଙ୍କ ଶରୀରରେ କରାଯାଇଥିବା ଏହି ସଫଳ ଅସ୍ତ୍ରୋପଚାରରେ ଡା. ସାରଦା ପ୍ରସନ୍ନ ସାହୁ, ଡା. ଚିତ୍ତରଞ୍ଜନ ଥାଟୋଇ, ଡା. ନାରାୟଣ ଆଚାର୍ଯ୍ୟ ଓ ସେବିକା ମହେଶ୍ୱତା ସାମିଲ ଥିଲେ ।

# ସୁନା ମାସ୍କ ପିନ୍ଧି ଚର୍ଚ୍ଚାରେ ଆଲୋକ

କଟକ ଅଫିସ,୧୬।୭


ଆଲୋକ ମହାନ୍ତି

■ ଦାମ୍ ସାଢ଼େ ୩ ଲକ୍ଷ ଟଙ୍କା
■ ପ୍ରାୟ ୧୦୦ ଗ୍ରାମ୍ ସୁନାରେ ତିଆରି

କରୋନା ମହାମାରୀ ଆରମ୍ଭ ହେବା ସମୟରେ ନିଜର ସୁରକ୍ଷା ପାଇଁ ଲୋକେ ମୁହଁରେ ଯେଉଁ ସାଧାରଣ ମାସ୍କ ପିନ୍ଧୁଥିଲେ, ତାହା ଏବେ ଧୀରେଧୀରେ ଫ୍ୟାଶନ ବା ମାନିଆର ରୂପ ନେଲାଣି । ବଜାରରେ ଏବେ ଅନେକ ଅଭିନବ ଢଙ୍ଗ ଓ ଆକର୍ଷଣୀୟ ରୂପର ମାସ୍କ ଦେଖିବାକୁ ମିଳୁଛି । କିନ୍ତୁ କଟକ ସହରର ୬୨ ବର୍ଷୀୟ ଆଲୋକ ମହାନ୍ତିଙ୍କ ମୁହଁରେ ଯେଉଁ ମାସ୍କଟି ରହିଛି, ତାହାକୁ ନେଇ ଖୁବ୍ ଚର୍ଚ୍ଚା ଚାଲିଛି । କାରଣ ତାହା ସୁନାରେ ତିଆରି ମାସ୍କ, ଯାହାର ମୂଲ୍ୟ ସାଢ଼େ ୩ ଲକ୍ଷ ଟଙ୍କା ବୋଲି ଖୋଦ୍ ଆଲୋକ କହିନ୍ତି । କଟକ ମେରିଆବଜାରରେ ଥିବା ଆଲୋକ ଫର୍ନିଚରର ମାଲିକ ଆଲୋକ ମହାନ୍ତିଙ୍କୁ ସହରର ସମସ୍ତେ ଗୋଲ୍ଡମ୍ୟାନ ଭାବେ ଜାଣନ୍ତି । ତାଙ୍କ ବେକରେ ୨ କେଜି ଓଜନର ସୁନାହାର ଝୁଲୁଥାଏ । ଏପରିକି ସେ ପିନ୍ଧୁଥିବା ଟୋପିଟି ମଧ୍ୟ ସୁନା ଖଚିତ । ହାତରେ ରତ୍ନଖଚିତ ବଡ଼ ମୁଦି । ବଲିଉଡ୍‌ର ପ୍ରଚ୍ଛଦପଟ କଣ୍ଠଶିଳ୍ପୀ ବାପ୍ପି ଲାହିରୀଙ୍କୁ ଟିଭିରେ ଦେଖିବା ପରେ ୧୫ ବର୍ଷ ତଳେ ତାଙ୍କ ପରି ବେକରେ ସୁନା ଅଳଙ୍କାର ପିନ୍ଧିବା ସଉକ ଆରମ୍ଭ ହୋଇଛି ବୋଲି ଆଲୋକ କୁହନ୍ତି । କିଛି ଦିନ ତଳେ ମୁମ୍ବାଇର ଜଣେ ବ୍ୟକ୍ତି ସୁନାର ମାସ୍କ ପିନ୍ଧିଥିବା ଖବର ଜାଣିବା ପରେ ସେ ନିଜେ ମଧ୍ୟ ସେହିପରି ଏକ ମାସ୍କ ପିନ୍ଧିବାକୁ ମନ ବଳାଇଥିଲେ । କଟକର ଜଣେ ଅଳଙ୍କାର ବ୍ୟବସାୟୀଙ୍କ ଜରିଆରେ ଏନ୍-୯୫ ମାସ୍କ ଉପରେ ସୁନାର ପ୍ରଲେପ ଦିଆଯାଇ ତିଆରି ହୋଇଥିବା ଏହି ମାସ୍କ ମୁମ୍ବାଇରୁ ଅର୍ଡର ହୋଇଥିଲା । ଅର୍ଡର ଦେବାର ୨୨ ଦିନ ପରେ ମାସ୍କଟି କଟକରେ ପହଞ୍ଚିଥିଲା । ଏଥିରେ ପ୍ରାୟ ୧୦୦ ଗ୍ରାମର ସୁନା ଲାଗିଛି । କରୋନା ମହାମାରୀ ଯେଉଁ ଆର୍ଥିକ ସଙ୍କଟ ଦେଇଛି, ସେହି ସମୟରେ ସୁନାର ମାସ୍କ ପିନ୍ଧିବା ତାଙ୍କୁ ଉଚିତ୍ ଲାଗୁଛି କି ବୋଲି ପଚାରିବାରୁ ଆଲୋକ କହିଥିଲେ, କରୋନା ସମୟରେ ସେ ଅନେକ ସହାୟତା ଦେଇଆସୁଛନ୍ତି । ହଜାର ହଜାର ଲୋକଙ୍କୁ ଶୁଖିଲା ଖାଦ୍ୟ, ମାସ୍କ ବାଣ୍ଟୁଛନ୍ତି । ତାଙ୍କ ଦୋକାନରେ ବର୍ଷକ ଯାକ ଲୋକଙ୍କୁ ଦହିପାଣି ବଣ୍ଟାଯାଏ, ଯେଉଁଥିରେ ପ୍ରତ୍ୟେକ ଦିନ ୩ ହଜାର ଟଙ୍କା ଖର୍ଚ୍ଚ ହେଉଛି । ଲୋକଙ୍କ ସେବାରେ କେବେ ହେଳା କରିନାହିଁ । ତେଣୁ ନିଜ ସଉକ ପୂରଣ କରିବାରେ କିଛି ଅସୁବିଧା ନାହିଁ ବୋଲି ସେ କହିଛନ୍ତି ।

## ଅଧାବାଟରୁ ଫେରିଲେ ୪ ବିଚାରପତି

**ମାଲକାନଗିରି, ୧୬।୭ (ଡି.ଏନ୍.ଏ./ସ୍ୱ.ପ୍ର.):** ମାଲକାନଗିରି ପୌର ପରିଷଦର ସୁଇପର ସାହିରେ କରୋନା ପଜିଟିଭ୍ ଚିହ୍ନଟ ହେଲା ପରେ ସମ୍ପୃକ୍ତ ଅଞ୍ଚଳକୁ ଜିଲା ପ୍ରଶାସନ ଗତ ଜୁଲାଇ ୧୧ରୁ ୧୫ ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍ ଭାବେ ଘୋଷଣା କରିଥିଲା । ତେବେ କଣ୍ଟେନ୍‌ମେଣ୍ଟ ନିୟମକୁ ୧୯ ତାରିଖ ଯାଏ ବୃଦ୍ଧି କରାଯାଇଥିଲା । ଏ ନେଇ ନିର୍ଦ୍ଦିଷ୍ଟ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲା । ଫଳରେ କୋର୍ଟ କାର୍ଯ୍ୟରେ ଯାଉଥିବା ୪ଜଣ ବିଚାରପତି ରାସ୍ତାରେ ଥିବା ବ୍ୟାରିକେଡ୍ ପାଖରେ ଦୀର୍ଘସମୟ ଅଟକି ରହିଥିଲେ । ଆଇଆଇସି ଏବଂ ତହସିଲଦାର ପହଞ୍ଚି କଣ୍ଟେନ୍‌ମେଣ୍ଟ ଅବଧି ବୃଦ୍ଧି ସମ୍ପର୍କରେ ଅବଗତ କରାଇବା ସହ ଜିଲା ପ୍ରଶାସନର ଘୋଷଣାପତ୍ର ପ୍ରଦାନ କରିଥିଲେ । ପରେ କାର୍ଯ୍ୟାଳୟକୁ ଯାଇ ନ ପାରି ବିଚାରପତିମାନେ ଅସନ୍ତୋଷରେ ଫେରିଥିଲେ ।

# ୩୬ ସାଧାରଣ ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

**ଯୁବ ନେତାଙ୍କୁ ଦାୟିତ୍ୱ ଦେଲେ ନବୀନ**
■ ବ୍ୟୋମକେଶଙ୍କୁ ଛାତ୍ର ବ୍ୟାପାର
■ ପ୍ରଣବ ବଳବନ୍ତଙ୍କୁ ଯୁବ ବ୍ୟାପାର
■ ବିଜୟ ନାୟକଙ୍କୁ ଆଞ୍ଚଳିକ ଉନ୍ନୟନ

ବରିଷ୍ଠ ବିଜେଡି ନେତା, ବରିଷ୍ଠ ନେତ୍ରୀମାନଙ୍କୁ ବିଭିନ୍ନ ଦାୟିତ୍ୱ ଦେବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୬ ଯୁବ ନେତାଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି । ଏଥିସହିତ ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଛି । ଏ ନେଇ ଗୁରୁବାର ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସୁଶାନ୍ତ ସିଂଙ୍କୁ ସଶକ୍ତ ଓଡ଼ିଶା ଦାୟିତ୍ୱ ଦିଆଯାଇଥିବା ବେଳେ ଚନ୍ଦ୍ର ସାରଥି ବେହେରାଙ୍କୁ ଅନୁସୂଚିତ ଜାତି ସଶକ୍ତୀକରଣ, ମନୋହର ରାନ୍ଧାରୀଙ୍କୁ ସଶକ୍ତ ଓଡ଼ିଶା, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁଙ୍କୁ ସାମାଜିକ କଲ୍ୟାଣ, ସ୍ନେହାଙ୍ଗିନୀ ଛୁରିଆଙ୍କୁ ଅନୁସୂଚିତ ଜାତି ସଶକ୍ତୀକରଣ, ଜଗନ୍ନାଥ ସାରକାଙ୍କୁ ଆଦିବାସୀ ସଶକ୍ତୀକରଣ ଓ ସଂଖ୍ୟାଲଘୁ ବ୍ୟାପାର, ହାଜିମହମ୍ମଦ ଆୟୁବ ଖାଁଙ୍କୁ ସଂଖ୍ୟା ଲଘୁ ବ୍ୟାପାର ଏବଂ ଦେବେଶ ଆଚାର୍ଯ୍ୟଙ୍କୁ ମୋ ପରିବାର ଓଡ଼ିଶାର ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିପରି ଉମାକାନ୍ତ ସାମନ୍ତରାୟଙ୍କୁ ସାମାଜିକ କଲ୍ୟାଣ, ବ୍ୟୋମକେଶ ରାୟଙ୍କୁ ଛାତ୍ର ବ୍ୟାପାର, ଅନନ୍ତ ନାରାୟଣ ଜେନାଙ୍କୁ ସଶକ୍ତ ଓଡ଼ିଶା, ରାଜଶ୍ରୀ ମଲ୍ଲିକଙ୍କୁ ମହିଳା ସଶକ୍ତୀକରଣ, ପ୍ରିୟଦର୍ଶୀ ମିଶ୍ରଙ୍କୁ କଳା, ସଂସ୍କୃତି ଏବଂ ମାନବ ସମ୍ବଳ ବିକାଶ, ଧ୍ରୁବ ଚରଣ ସାହୁଙ୍କୁ ପରିବେଶ, ପ୍ରଣବ ବଳବନ୍ତ ରାୟଙ୍କୁ ଯୁବ ବ୍ୟାପାର, ରାଶେଶ୍ୱରୀ ପାଣିଗ୍ରାହୀଙ୍କୁ ଆଞ୍ଚଳିକ ଉନ୍ନନ, ରାଜୀବ ଲୋଚନ ପାତ୍ରଙ୍କୁ ସାମାଜିକ କଲ୍ୟାଣ, ସୁଧୀର କୁମାର ସାମଲ, ସସ୍ମିତ ପାତ୍ର ଏବଂ ବିକ୍ରମ ପଣ୍ଡାଙ୍କୁ ମୋ ପରିବାର ଓଡ଼ିଶା ଦାୟିତ୍ୱ ଦିଆଯାଇଛି । ଯୋଗେଶ ସିଂଙ୍କୁ ଆଦିବାସୀ ସଶକ୍ତୀକରଣ ଓ ସଂଖ୍ୟାଲଘୁ ବ୍ୟାପାର ଦାୟିତ୍ୱ ଦିଆଯାଇଥିବା ବେଳେ ବାସନ୍ତୀ ହେମ୍ବ୍ରମଙ୍କୁ ଆଦିବାସୀ ସଶକ୍ତୀକରଣ ଓ ସଂଖ୍ୟାଲଘୁ ବ୍ୟାପାର, ବିଜୟ କୁମାର ନାୟକଙ୍କୁ ଆଞ୍ଚଳିକ ଉନ୍ନୟନ, ଲୋପାମୁଦ୍ରା ବକ୍ସିପାତ୍ର, ଗୀତା ବସ୍ତିଆ ଏବଂ ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ରଙ୍କୁ ମହିଳା ସଶକ୍ତୀକରଣ, ପ୍ରଫୁଲ୍ଲ ସିଂଙ୍କୁ ସାମାଜିକ କଲ୍ୟାଣ, ଦେବାଶିଷ ମାର୍ଣ୍ଡିଙ୍କୁ ଆଦିବାସୀ ସଶକ୍ତୀକରଣ ଓ ସଂଖ୍ୟାଲଘୁ ବ୍ୟାପାର, ମାନସ ମଙ୍ଗରାଜଙ୍କୁ ଗଣମାଧ୍ୟମ ବ୍ୟାପାର, ଜନ୍ମେଜୟ ଲେଙ୍କାଙ୍କୁ କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ, ବିଶ୍ୱଜିତ ମହାନ୍ତିଙ୍କୁ ସଶକ୍ତ ଓଡ଼ିଶା, ସତ୍ୟବ୍ରତ ପାତ୍ର ଓ ସାରାଦା ପ୍ରସନ୍ନ ଜେନାଙ୍କୁ କଳା, ସଂସ୍କୃତି ଓ ମାନବ ସମ୍ବଳ ବିକାଶ, ଗୀତାଞ୍ଜଳି ସେଠୀଙ୍କୁ ଅନୁସୂଚିତ ଜାତି ସଶକ୍ତୀକରଣ, ପ୍ରମୋଦ କିଶୋର ଜେନାଙ୍କୁ ପରିବେଶ ଏବଂ ଶ୍ୟାମ ପ୍ରସାଦ ବେହେରାଙ୍କୁ ଆଞ୍ଚଳିକ ଉନ୍ନୟନ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ନିୟମ ନ ମାନି ସଙ୍ଗରୋଧରେ ବିଇଓ

ଦାରିଙ୍ଗବାଡି,୧୬।୭(ଡି.ଏନ୍.ଏ.)

■ ପଳାଇଥିଲେ ଘରକୁ, ଚେକିଂରେ ଧରାପଡ଼ିଲେ
■ ଫେରିବା ବେଳେ ସୀମାରେ ଧରାପଡ଼ିଲେ

ଜିଲା ପ୍ରଶାସନର ନିୟମ ନ ମାନି ଘରକୁ ପଳାଇବା ମହଙ୍ଗା ପଡିଛି ଜଣେ ଶିକ୍ଷା ବିଭାଗ ଅଧିକାରୀଙ୍କୁ । ସୀମା ସିଲ୍ ସତ୍ତ୍ୱେ ଗଳାବାଟ ଦେଇ ଘରକୁ ପଳାଇଥିଲେ । ଫେରିବାବେଳେ ଧରାପଡିବାରୁ ସମ୍ପୃକ୍ତ ଅଧିକାରୀ ଓ ସହଯୋଗୀଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖିଛନ୍ତି ତହସିଲଦାର । ଏପରି ଘଟଣା ଘଟିଛି କନ୍ଧମାଳ ଜିଲା ଦାରିଙ୍ଗବାଡି ଅଞ୍ଚଳରେ ।

ପ୍ରକାଶ ଯେ, କରୋନା ମୁକାବିଲା ପାଇଁ ଜିଲାର ସମସ୍ତ ଅଧିକାରୀ ଓ ସରକାରୀ କର୍ମଚାରୀ ହେଡ୍‌କ୍ୱାର୍ଟର ଛାଡି ନ ଯିବାକୁ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି. ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହାକୁ ଉଲ୍ଲଂଘନ କରି ଦାରିଙ୍ଗବାଡି ବିଇଓ ବ୍ରହ୍ମାନନ୍ଦ ରାଉତ ଏବଂ ତାଙ୍କ କାର୍ଯ୍ୟାଳୟର କର୍ମଚାରୀ ପ୍ରାଣତୋଷ ସାହୁ ଶୁକ୍ରବାର ଘରକୁ ପଳାଇଥିଲେ । ବିଇଓଙ୍କ ଘର କଟକ ଜିଲାରେ ହୋଇଥିବାବେଳେ ପ୍ରାଣତୋଷଙ୍କ ଘର ନୟାଗଡ ଦଶପଲ୍ଲାରେ ।

ବୁଧବାର ଫେରିବାବେଳେ କନ୍ଧମାଳ-ନୟାଗଡ ଜିଲା ସୀମା ସିଲ୍ ଯୋଗୁ ସବିଶେଷ ତଥ୍ୟ ମଗାଯାଇଥିଲା । ବିଇଓ ରାଉତ ପରିଚୟ ଦେବାପରେ ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ଦାରିଙ୍ଗବାଡି ତହସିଲଦାର ନୀତୀଶ କୁମାର ତ୍ରିପାଠୀଙ୍କୁ ଜଣାଇଥିଲେ । ପରେ ଉଭୟଙ୍କୁ ଛାଡି ଦିଆଯାଇଥିଲା । ଦାରିଙ୍ଗବାଡିରେ ପହଞ୍ଚିବା ପରେ ତହସିଲଦାର ତ୍ରିପାଠୀ ବିଇଓ ରାଉତ ଓ ପ୍ରାଣତୋଷଙ୍କୁ ସରକାରୀ ସଙ୍ଗରୋଧ ଗୃହରେ ରଖିଛନ୍ତି । ଜିଲାରେ କରୋନା ସଂକ୍ରମଣ ବଢୁଥିବାବେଳେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀ ଏପରି ଭାବେ ଘରକୁ ପଳାଇବା ଅଞ୍ଚଳବାସୀଙ୍କ ଚିନ୍ତା ବଢାଇଛି ।

ଅତିରିକ୍ତ ଜିଲାପାଳ ବସନ୍ତ ସାହୁ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତହସିଲଦାର ତ୍ରିପାଠୀ କହିଛନ୍ତି, ଏନେଇ ଜିଲାପାଳଙ୍କୁ ଅବଗତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ପୁରସ୍କାର ରାଶିକୁ ସାମିଲ କରାଯିବା ଦୁଃଖଦାୟକ: ଦୁତୀ

ଭୁବନେଶ୍ୱର, ୧୬।୭(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୁତୀ ଚାନ୍ଦ କିଛି ଦିନ ତଳେ ନିଜ ବିଏମ୍‌ଡବ୍ଲ୍ୟୁ କାର୍ ବିକିବା ପାଇଁ ଇଚ୍ଛା ଜାହିର କରିଥିଲେ । ସାମ୍ପ୍ରତିକ ସମୟରେ ଏହାର ରକ୍ଷଣାବେକ୍ଷଣରେ ଅଯଥା ଅର୍ଥ ଅପଚୟ ନ କରିବା ଉଦ୍ଦେଶ୍ୟରେ ସେ ଏପରି ନିଷ୍ପତ୍ତି ନେଇଥିଲେ ବୋଲି କହିଥିଲେ । ମାତ୍ର ସୋସିଆଲ ମିଡିଆରେ ସେ ଟ୍ରେନିଂ ପାଇଁ ଏହାକୁ ବିକୁଥିବା ଖବର ପ୍ରକାଶ ପାଇଥିଲା । ଏହାକୁ ନେଇ ବିବାଦ ଉପୁଜିଥିଲା । ଏହା ଏବେ ଚର୍ଚ୍ଚାରେ ରହିଥିବାବେଳେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଓଏମ୍‌ସି ପକ୍ଷରୁ ୨୦୧୫ରୁ ଏପର୍ଯ୍ୟନ୍ତ ଦୁତୀଙ୍କୁ ୪.୦୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଏକ ପ୍ରେସ୍ ବିବୃତିରେ ପ୍ରକାଶ କରାଯାଇଛି । ମାତ୍ର ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ଜିତିବାପରେ ତାଙ୍କୁ ମିଳିଥିବା ପୁରସ୍କାର ରାଶିକୁ ଏଥିରେ ସାମିଲ କରାଯାଇଛି । ଏଥିପାଇଁ ଦୁଃଖ ଲାଗୁଛି ବୋଲି ଦୁତୀ ପ୍ରକାଶ କରିଛନ୍ତି ।

କ୍ରୀଡ଼ା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିବା ବିବୃତିରେ ଦର୍ଶାଯାଇଛି ଯେ ୨୦୧୮ରେ ଏସିଆନ ଗେମ୍ସରେ ପଦକ ଜିତିଥିବାରୁ ପ୍ରୋତ୍ସାହନ ସ୍ୱରୂପ ତାଙ୍କୁ ୩ କୋଟି, ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ଟ୍ରେନିଂ ଏବଂ ଆର୍ଥିକ ସମର୍ଥନ ପାଇଁ ୩୦ ଲକ୍ଷ, ଟୋକିଓ ଅଲିମ୍ପିକ୍ସ ପାଇଁ ଟ୍ରେନିଂ ବାବଦକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହା ବାଦ୍ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁତୀଙ୍କୁ ଓଡ଼ିଶା ମାଇନିଂ କର୍ପୋରେସନ(ଏ ଗୋଲ୍ଡ କାଟେଗୋରି ପିଏସ୍‌ୟୁ)ରେ ଗ୍ରୁପ୍-ଏ ଲେଭଲ ଅଫିସରଭାବେ ନିଯୁକ୍ତି ଦିଆଯାଇଛି । ସେ ଅଫିସ ନ ଆସି ଟ୍ରେନିଂ ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବାକୁ ପରାମର୍ଶ ଦିଆ ଯାଇଛି । ଓଏମସି ପକ୍ଷରୁ ତାଙ୍କୁ ଟ୍ରେନିଂ ଏବଂ ଆର୍ଥିକ ପ୍ରୋତ୍ସାହନ ପାଇଁ ୨୯ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ।

**ଦୁତୀଙ୍କୁ ୪.୦୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଛି: କ୍ରୀଡ଼ା ବିଭାଗ**



ପ୍ରତିକ୍ରିୟାରେ ଦୁତୀ କହିଛନ୍ତି ଯେ, ସେ ପ୍ରଥମେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇବାକୁ ଚାହାନ୍ତି । ଖେଳ କ୍ୟାରିୟର ମଧ୍ୟରେ ସବୁ ସୁବିଧା ଅସୁବିଧାରେ ସରକାର ତାଙ୍କ ସହିତ ରହିଛନ୍ତି । ୨୦୧୫ରୁ ଆସନ୍ତା ବର୍ଷ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଟ୍ରେନିଂ ଏବଂ ଅନ୍ୟ ବାବଦରେ ସରକାର ୪.୦୯ କୋଟି ଟଙ୍କା ପ୍ରଦାନ କରିଥିବା ଉଲ୍ଲେଖ କରିଛନ୍ତି । ମାତ୍ର ଏହା ମଧ୍ୟରୁ ପାଖାପାଖି ୩.୫ କୋଟି ଟଙ୍କା ପୁରସ୍କାର ବାବଦରେ ମିଳିଛି । ପଦକ ପାଇଁ ଏହି ଅର୍ଥ ମିଳିଛି, ଟ୍ରେନିଂ କିମ୍ବା ଖେଳର ଉନ୍ନତି ପାଇଁ ନୁହେଁ । ପ୍ରତି ରାଜ୍ୟରେ କ୍ରୀଡ଼ାବିତ୍ ପଦକ ଜିତିଲେ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରୋତ୍ସାହନ ରାଶି ଦେଇଥାନ୍ତି । ଏସିଆନ ଗେମ୍ସରେ ୨ଟି ରୌପ୍ୟ ପଦକ ଜିତିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ୩ କୋଟି ଟଙ୍କା ମିଳିଥିଲା । ଏସିଆନ ଚାମ୍ପିୟନଶିପ୍‌ରେ ୨ଟି ବ୍ରୋଞ୍ଜ ପଦକ ଜିତିଥିବାରୁ ୧୫ ଲକ୍ଷ, ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଆକାରରେ ୫ ଲକ୍ଷ, ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ସ୍ୱର୍ଣ୍ଣ ପଦକ ପାଇଁ ୫ ଲକ୍ଷ ଟଙ୍କା ଦିଆଯାଇଥିଲା । ତେଣୁ ପାଖାପାଖି ୩.୫ କୋଟି ଟଙ୍କା ପୁରସ୍କାର ରାଶି ବାବଦରେ ମିଳିଛି । ୨୦୧୯ରୁ ୨୦୨୦ ପର୍ଯ୍ୟନ୍ତ ଟ୍ରେନିଂ ପାଇଁ ମିଳିଥିବା ୫୦ ଲକ୍ଷ ଟଙ୍କା କେବଳ ସେଥିପାଇଁ ଖର୍ଚ୍ଚ କରିଛନ୍ତି । କେଉଁଥିପାଇଁ କେତେ ଖର୍ଚ୍ଚ କରିଛି ଏହାର ହିସାବ ମଧ୍ୟ ସରକାରଙ୍କୁ ଦେଇଛନ୍ତି । ରାଜ୍ୟ ସରକାର ଯେପରି ପ୍ରୋତ୍ସାହନ ଦେଇଛନ୍ତି ସେ ମଧ୍ୟ ସେପରି ଦେଶ ଓ ରାଜ୍ୟ ପାଇଁ ଏକାଧିକଥର ଗୌରବ ଆଣିଛନ୍ତି । ଅନେକ ବଡ଼ ପ୍ରତିଯୋଗିତାରେ ପଦକ ଜିତି ରାଜ୍ୟର ସମ୍ମାନ ବଢ଼ାଇଛନ୍ତି । ନିଜ ଜାତୀୟ ରେକର୍ଡକୁ ୫ ଥର ଭାଙ୍ଗିଛନ୍ତି । ଦୀର୍ଘ ୫ ବର୍ଷ ଧରି ଜାତୀୟ ସ୍ତରରେ ନମ୍ବରୱାନ ରହିଛନ୍ତି ।

### ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପ୍ରୋତ୍ସାହନ ରାଶି ପ୍ରକାଶ କରାଯାଉ

ରାଜ୍ୟ ସରକାରଙ୍କ ନିକଟରୁ କେବଳ ସେ ନୁହେଁ ଅନ୍ୟ କ୍ରୀଡ଼ାବିତ୍‌ମାନେ ମଧ୍ୟ ପ୍ରୋତ୍ସାହନ ପାଉଛନ୍ତି । ତେଣୁ କେବଳ ତାଙ୍କୁ ନୁହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ୟ କ୍ରୀଡ଼ାବିତ୍‌ଙ୍କ ପାଇଁ କେତେ ଖର୍ଚ୍ଚ କରାଯାଇଛି ତାହା ମଧ୍ୟ ପ୍ରକାଶ କରାଯିବା ଆବଶ୍ୟକ । ଏହା ବ୍ୟତୀତ କାହାର ପ୍ରଦର୍ଶନ କ'ଣ ରହିଛି ତାହା ମଧ୍ୟ ଉଲ୍ଲେଖ କରାଯାଉ । ବିଏମ୍‌ଡବଲ୍ୟୁ କାର୍ ବିକ୍ରି ଖବରକୁ ନେଇ ଅନେକ ବିବାଦ ଉପୁଜିଲା । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ ତାଙ୍କୁ ଫୋନ୍ କରି ଭଲମନ୍ଦ ବୁଝିଥିଲେ ଏବଂ ଆବଶ୍ୟକ ପଡ଼ିଲେ ଆର୍ଥିକ ସହାୟତା ଦେବାକୁ ପରାମର୍ଶ ଦେଇଥିଲେ । କେନ୍ଦ୍ରୀ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ଫୋନ୍ ମାଧ୍ୟମରେ ସବୁକଥା ବୁଝିଥିଲେ । ତେବେ ୨୦୧୫ରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ନାମୀ କ୍ରୀଡ଼ାବିତ୍‌ଙ୍କୁ ସମର୍ଥନ କରି ଆସିଥିବାରୁ ସେ ବହୁତ ଖୁସି ବୋଲି ଦୁତୀ କହିଛନ୍ତି ।

ବର୍ତ୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା
ଷ୍ଟ୍ରଙ୍ଗ୍ ଇମ୍ୟୁନିଟି
"ଜୋଲି ତୁଳସୀ 51" ଏକ ପ୍ରମାଣିତ ଇମ୍ୟୁନିଟି ବର୍ଦ୍ଧକ ଅଟେ
ଯାହାର ପରିଣାମ Lab tested ଅଟେ ।


କେମିତି କାମ କରିଥାଏ Jolly Tulsi 51
ଯଦି ଇମ୍ୟୁନିଟି ମଜଭୁତ ହୋଇଥାଏ ତେବେ ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦିର ଆକ୍ରମଣରୁ ପ୍ରତିରୋଧ କରାଯାଇପାରିବ । ଜୋଲି ତୁଳସୀ 51 ଡ୍ରପ୍‌ସ ଉପରେ କରାଯାଇଥିବା ଏକ ଲାବ୍ ଟେଷ୍ଟ (Clinical Trial)ରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁ ବ୍ୟକ୍ତିମାନେ ଜୋଲି ତୁଳସୀ 51 ଡ୍ରପ୍‌ସ ନିୟମିତ ଭାବେ ସେବନ କରୁଥିଲେ ସେମାନଙ୍କ ଇମ୍ୟୁନିଟି ବହୁ ମାତ୍ରାରେ ବଢ଼ିଯାଇଛି ।
ପାଞ୍ଚ ପ୍ରକାର ତୁଳସୀ ଦ୍ୱାରା ଅତି ବିଶେଷ ବିଧିରେ ପ୍ରସ୍ତୁତ ଅର୍କ
JOLLY
CLINICALLY TESTED
ତୁଳସୀ 51 ଡ୍ରପ୍‌ସ
ଦୈନିକ କେବଳ 5 ବୁନ୍ଦା ପିଅନ୍ତୁ, ସୁସ୍ଥ ନୀରୋଗୀ ଜିଅନ୍ତୁ...
ଜୋଲି ତୁଳସୀ 51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରକୁ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍‌ସ ଆସିଯାଇଛି, ଯାହା ଗ୍ରାହକମାନଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି ।
ମନେରଖନ୍ତୁ, ଯେପରି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ତୁଳସୀ ଡ୍ରପ୍‌ସ "ଜୋଲି ତୁଳସୀ 51 ଡ୍ରପ୍‌ସ" ଭଳି ହୋଇ ନ ଥାଏ ।
ଏଥିପାଇଁ ଷ୍ଟୋର୍‌ରୁ ତୁଳସୀ ଡ୍ରପ୍‌ସ ନୁହେଁ ଜୋଲି ତୁଳସୀ 51 ଡ୍ରପ୍‌ସ ହିଁ ମାଗନ୍ତୁ । ଯାହାର ପରିଣାମ ବିଶ୍ୱସନୀୟ ହେବା ସହ ଲାବ୍ ପ୍ରମାଣିତ ମଧ୍ୟ ଅଟେ ।
Odisha : S.S» Jeevan Dhara Enterprises, Bbsr - 90400 34013 ☎ 0161-520-1588

**ଆଜିର ମନ୍ତବ୍ୟ**

"ରାଜନୈତିକ ଦଳର ପ୍ରତିନିଧି ଭଳି ରାଜ୍ୟପାଳ କିଛି କହିପାରିବେ ନାହିଁ।
– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଇତିଶ୍ରୀ
ପରିବାରବର୍ଗ


ରୁହି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏନ୍‌ସିଇଆର୍‌ଟି ବହିରେ କଳାହାଣ୍ଡି ଜିଲା ସମ୍ବନ୍ଧରେ ବିଭ୍ରାନ୍ତିକର ତଥ୍ୟ

## ମାନବ ସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଜଣାଇଲେ ଶିଳ୍ପମନ୍ତ୍ରୀ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ଦ୍ୱାରା ପଞ୍ଚମ ଶ୍ରେଣୀ ପରିବେଶୀୟ ପାଠ୍ୟ (ଇଭିଏସ୍) ପୁସ୍ତକରେ କଳାହାଣ୍ଡି ଜିଲା ସମ୍ପର୍କରେ ବର୍ଣ୍ଣନା ଦେବାକୁ ଯାଇ ଏହାକୁ ଦାରିଦ୍ର୍ୟ ଓ ଅନାହାରର ଭୂଖଣ୍ଡରୂପେ ଚିତ୍ରଣ କରାଯାଇଛି। ଏହା ବୁଦ୍ଧିଜୀବୀମାନଙ୍କ ଦୃଷ୍ଟିକୁ ଆସିବା ପରେ ସମଗ୍ର ଜିଲାରେ ଏହାକୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେବାରେ ଲାଗିଛି। ଏ ସମ୍ପର୍କରେ ଶକ୍ତି, ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ରମେଶ ପୋଖରିୟାଲ୍ ନିଶଙ୍କଙ୍କ ସହିତ ଫୋନ୍ ଯୋଗେ ଆଲୋଚନା କରିଛନ୍ତି। ସେ ତାଙ୍କ ଆଲୋଚନା ବେଳେ କଳାହାଣ୍ଡିର ପ୍ରକୃତ ଚିତ୍ର ଉପସ୍ଥାପନା ନ ହୋଇ ପାରିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ଏହାଦ୍ୱାରା ଗୋଟିଏ ଅଞ୍ଚଳର ଲୋକଙ୍କ ସ୍ୱାଭିମାନ ପ୍ରତି ଉପହାସ ବୋଲି କହିଛନ୍ତି। ତେଣୁ ବଜାରରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରି ଆବଶ୍ୟକ ଏବଂ ଏହାର ସଂଶୋଧନ ଉପରେ ମନ୍ତ୍ରଣାଳୟ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଖରିଆଲ ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ମନ୍ତ୍ରୀ ମିଶ୍ର ଏନ୍‌ସିଇଆର୍‌ଟିର ନିର୍ଦ୍ଦେଶକ ହୃଷୀକେଶ ସେନାପତିଙ୍କ ସହ ମଧ୍ୟ କଥା ବାର୍ତ୍ତା କରିଥିବା ଜଣାପଡ଼ିଛି।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ବାସୁଦେବପୁର, ୧୬।୭(ଡି.ଏନ୍.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ସୁରେଶ୍ୱରପୁର ଗ୍ରାମରେ ଜଣେ ଯୁବତୀଙ୍କ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ପଡ଼ୁଆଁ ଗ୍ରାମର ମନୋରଞ୍ଜନ ଦାସଙ୍କ ଝିଅ ଲିପିପୁଷ୍ପା (୧୮)। ସେ ସୁରେଶ୍ୱରପୁର ଗ୍ରାମସ୍ଥିତ ମାମୁ ମାନସ ରଞ୍ଜନ ନାୟକଙ୍କ ଘରେ ରହି ଆସୁଥିଲେ। ବୁଧବାର ସେ ବିଷ ପିଇ ଗୁରୁତର ହୋଇ ପଡ଼ିଥିଲେ। ମାମୁ ଘର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁବାର ସକାଳେ ସେ ସାମାନ୍ୟ ସୁସ୍ଥ ହେବା ପରେ ଘରକୁ ଫେରିଥିଲେ। ଅପରାହ୍ଣରେ ପୁଣି ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ବାସୁଦେବପୁର ଡାକ୍ତରଖାନା ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ବାସୁଦେବପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚିଲକୁ ବାଜ
ଚିଲା ମାରିବାକୁ ଲାଗିଛି ଖଞ୍ଜା ।**

ଅନେକ ସମୟରେ ପରସ୍ପର ମଧ୍ୟରେ ଟକରା ଟକରି ଚାଲୁଥିବାର ଦେଖିବାକୁ ମିଳିଥାଏ । ଦୁଇ ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ସୃଷ୍ଟି ହେଉଥିବା ବେଳେ କେହି କାହାରିକୁ ସହଜରେ ଛାଡି ନ ଥାନ୍ତି। ଚିଲପକ୍ଷୀକୁ ବାଜ ବା ଛଞ୍ଚାଣ ପକ୍ଷୀ, କେହି କାହାରିଠୁ କମ ନୁହେଁ। ଏକୁ ଆରେକ ବଳିୟାର। ଉଭୟେ ପରସ୍ପରର ଶତ୍ରୁ ଭାବେ ଜଣା। ଶିକାରକୁ କିଏ କେମିତି ଝାମ୍ପିନେବ ଛକାଛକି ହୋଇ ରହିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚମ୍ପକ ଗୋରୀ,
ହଳଦୀ ଗରଗର ଟାକୁଆ ଗାଲି ।**

ଯୁବତୀମାନେ ବେଶ୍ ପରିପାଟି ହୋଇ ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଓ ଆନନ୍ଦ ପାଇଥାନ୍ତି। ଏପରି ସ୍ଥଳେ ଗାଉଁଲୀ ଯୁବତୀର ଫେଶନ ବା ବିଚିତ୍ର ବେଶ ପରିପାଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


## classifieds Everyday
0674-2580101, 2549302

real estate

**SALE**

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

ଫୁଲନଖରା Grandbazar ବମ୍ପକୁଦ ପାଖରେ immediate ଘର ହୋଇପାରିବା plot ତୁରନ୍ତ ବିକ୍ରିହେବ। Contact- 9090556060. D-17772

Gita College ପାଖରେ 4800sqft. ଘରବାରି plot ବିକ୍ରିହେବ। Contact- 9937910363. D-68356

CV Raman College ପାଖରେ 11760sqft. ଘରବାରି plot ବିକ୍ରିହେବ, sqft.@400/-. Contact- 9778928492. D-68357

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69133

3BHK duplex 36,00,000/- finishing Hanspal (Finance available)- 9337888492, 8280396945 D-69602

**Ready to move 3BHK flat 1600sqft. First Floor sale at Kalarahanga, near Patia Station. Contact- 7978090773.** D-17745

to-let

1000sqft. for office purpose at Sahid Nagar. Contact- 9777014906, 9556762524. D-68096

healthcare

Monalisa massage club : All types body massage with hiprofile smart lady rooms service available 9708545108. D-17767

Get refreshment body massage by expert therapist contact for. 9556978408. D-69705

Rejuvenate and Ayurvedic full body massage by smart therapist. 9114402304. D-69706

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

Newly open full body massage SPA in Bhubaneswar. Contact: 7205058838. D-69703

Relaxing body massage by trained Ladies/ Gents therapist, 7008773793. D-60884

Newly open full body massage by Ladies/ Gents therapist, 8018656899. D-60883

Ayurvedic full body massage ladies and gents, Contact: 9861064981. D-69523

Herbal full body massage by smart / expert therapist. Contact: 8338067247. D-69702

business

ଘରେବସି ୩,୦୦୦/– ବିନିଯୋଗରେ SMS send କରି ମାସିକ ୧୨,୦୦୦/– ରୋଜଗାର କରନ୍ତୁ। 7077448116. D-59954

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ପରିବାର ଅନୁମତି ନେଇ ନାଁ ସାର୍ବଜନୀନ କରିହେବ

## କରୋନା ଆକ୍ରାନ୍ତଙ୍କ ପରିଚୟ ପ୍ରଘଟ ମାମଲା

**କଟକ ଅଫିସ, ୧୬।୭**

କରୋନା ଆକ୍ରାନ୍ତଙ୍କ ନାମ ପ୍ରଘଟ ଉପରେ କଟକଣା ଜାରି କରିବା ପାଇଁ ରୁଜୁ ହୋଇଥିବା ମାମଲାରେ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ପରିବାର ବର୍ଗଙ୍କଠାରୁ ଅନୁମତି ନେଇ ଆକ୍ରାନ୍ତଙ୍କ ନାମ ସାର୍ବଜନୀନ କରାଯାଇପାରିବ ବୋଲି କୋର୍ଟ କହିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲାର ୧୩ ଜଣ କରୋନା ଆକ୍ରାନ୍ତଙ୍କ ପରିଚୟ ପ୍ରଘଟ ହେବା ସହ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିଲା। ଏନେଇ ଅନଙ୍ଗ ଓଟା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଆଇସିଏମ୍‌ଆର୍‌ଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କରୋନା ସଂକ୍ରମିତଙ୍କ ପରିଚୟ ଗୋପନ ରହିବ। ତାଙ୍କ ନାମ, ଠିକଣା କିମ୍ବା ବୟସ ସହ ଅନ୍ୟ କୌଣସି ତଥ୍ୟ ପ୍ରଘଟ ହେବନାହିଁ। ଥରେ ଆକ୍ରାନ୍ତଙ୍କ ନାମ ପ୍ରଘଟ ହେଲେ ସାମାଜିକ ବାସନ୍ଦ ହେବାର ଆଶଙ୍କା ରହୁଛି। ତେଣୁ କେନ୍ଦ୍ରାପଡ଼ା ଜିଲାରେ ଯେଉଁମାନେ କରୋନା ଆକ୍ରାନ୍ତଙ୍କ ନାମ ପ୍ରଘଟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଥିଲେ ଆବେଦନକାରୀ। ହାଇକୋର୍ଟ ମାମଲାର ଶୁଣାଣି କରି ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ଅନ୍ୟପକ୍ଷରେ କେହି କରୋନା ଆକ୍ରାନ୍ତ ହେଲେ କିମ୍ବା ସେଥିରେ ତାଙ୍କର ମୃତ୍ୟୁ ହେଲେ, ପରିବାରର ଅନୁମତି ନେଇ ନାମ ପ୍ରଘଟ କରାଯାଇପାରିବ। ଏଦିଗରେ ଗଣମାଧ୍ୟମ ସଂସ୍ଥା ସୂଚାରୁ ରୂପେ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ଜନସାଧାରଣ ମଧ୍ୟ ଆକ୍ରାନ୍ତଙ୍କ ପ୍ରତି ସକାରାତ୍ମକ ମନୋଭାବ ଦେଖାଇବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି।


ଚକ୍ରବୁଲା ଏକାଦଶୀ ଅବସରରେ ଗୁରୁବାର ଶ୍ରୀମନ୍ଦିରରୁ ଶ୍ରୀଚକ୍ର ନାରାୟଣ ଚାରି ଆଶ୍ରମକୁ ବିଜେ କରୁଛନ୍ତି।

# ଖରିଫ ଧାନ ସଂଗ୍ରହ ଲାଗି ୧ରୁ ପଞ୍ଜୀକରଣ

**ଭୁବନେଶ୍ୱର, ୧୬।୭(ବ୍ୟୁରୋ)**

ରାଜ୍ୟରେ ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଆସନ୍ତା ଅଗଷ୍ଟ ୧ ତାରିଖରୁ ଆରମ୍ଭ ହେବ। ଅଧିକରୁ ଅଧିକ କ୍ଷୁଦ୍ର, ନାମମାତ୍ର ଓ ନୂତନ ଚାଷୀ ଯେପରି ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଚାଷୀଙ୍କ ନାମ ପଞ୍ଜୀକରଣ ତାଲିକା ନିର୍ଭୁଲ ଭାବେ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସଚିବ ଓ ଜିଲାପାଳମାନଙ୍କୁ ପତ୍ର ଲେଖାଯାଇଛି। ରାଜ୍ୟର ସମସ୍ତ ୩୦ ଜିଲାରେ ଖରିଫ ଧାନ ସଂଗ୍ରହ କରାଯିବ। ଏଥିପାଇଁ ଅଗଷ୍ଟ ୧ରୁ ୩୧ ତାରିଖ ମଧ୍ୟରେ ଚାଷୀଙ୍କ ନିକଟରୁ ଆବେଦନପତ୍ର ଗ୍ରହଣ କରାଯିବ। ଇଚ୍ଛୁକ ଚାଷୀମାନେ ଆବେଦନପତ୍ର ପୂରଣ କରି ସମସ୍ତ ତଥ୍ୟ ସହ ନିକଟସ୍ଥ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପ୍ୟାକ୍ସ/ଲ୍ୟାମ୍ପ୍ସ/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତରେ ଦାଖଲ କରିପାରିବେ। ଅଗଷ୍ଟ ୧ରୁ ୧୫ ମଧ୍ୟରେ ନବୀକରଣ ଫର୍ମ ଏବଂ ନୂତନ ନାମ ପଞ୍ଜୀକରଣ ଫର୍ମ ଚାଷୀମାନଙ୍କ ନିମନ୍ତେ ଉପଲବ୍ଧ ହେବ। ଯେଉଁମାନେ ଗତବର୍ଷ ଖରିଫ ଧାନ ବିକ୍ରି ନିମନ୍ତେ ନାମ ପଞ୍ଜୀକରଣ କରିଥିଲେ ସେମାନଙ୍କୁ କେବଳ ନାମ ନବୀକରଣ ନିମନ୍ତେ ଆବେଦନ କରିବାକୁ ପଡ଼ିବ। ଭାଗଚାଷୀ ଧାନ ବିକ୍ରି କରିବାକୁ ଚାହୁଁଥିଲେ ଜମି ମାଲିକଙ୍କ ସମ୍ମତି ପତ୍ର ଆବଶ୍ୟକ। ତାଲିକାକୁ ନେଇ ଯେଉଁମାନଙ୍କ ଆପତ୍ତି ରହିଥିବ ସେମାନେ ଅଗଷ୍ଟ ୧୦ରୁ ସେପ୍ଟେମ୍ବର ୧୭ ମଧ୍ୟରେ ଅଭିଯୋଗପତ୍ର ଦାଖଲ କରିପାରିବେ। ସେପ୍ଟେମ୍ବର ୨୫ରୁ ଅକ୍ଟୋବର ୧୫ ମଧ୍ୟରେ ଚାଷୀଙ୍କ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି।

# ମାନବାଧିକାର କମିଶନଙ୍କୁ ଭେଟିଲା ଭାଜପା

## ଭଦ୍ରକରେ ମହିଳାଙ୍କୁ ନିର୍ଯାତନା ପ୍ରସଙ୍ଗ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଦୀର୍ଘ କିଛିଦିନ ଧରି ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅନ୍ତର୍ଗତ ଉତ୍ତୁକୁଡ଼ା ପଞ୍ଚାୟତ ସମେତ ଏକାଧିକ ଗ୍ରାମର ମହିଳାମାନଙ୍କୁ କେତେଜଣ ଅସାମାଜିକ ଯୁବକ ଶାରିରୀକ ତଥା ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ବିଜେଡି ଦଳର କିଛି ଲୋକ ମହିଳାଙ୍କ ଉପରେ ହିଂସାତ୍ମକ ଆକ୍ରମଣ କରିଛନ୍ତି। ଅନ୍ୟପଟେ ହିଂସାର ଶିକାର ହୋଇଥିବା ମହିଳାମାନେ ଚାନ୍ଦବାଲି ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଅଭିଯୋଗ ଶୁଣିବା ପରିବର୍ତ୍ତେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଥାନାରୁ ଧକ୍କା ଦେଇ ବାହାର କରି ଦେଇଥିଲେ। ଖାଲି ସେତିକି ନୁହେଁ ମହିଳାଙ୍କ ମୋବାଇଲ ଛଡ଼ାଇ ରଖିବା ସହ ଥାନାକୁ ନ ଆସିବାକୁ ଧମକ୍ ଦେଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାସହ ଉକ୍ତ ଗ୍ରାମରେ ହିଂସାକାଣ୍ଡ ଭିଆଇଥିବା ଯୁବକଙ୍କ ସହିତ ମିଶି ଘରଘର ବୁଲି ଆଇଆଇସି ମହିଳାମାନଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଇବା ପରେ ମଧ୍ୟ ଏସପି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଏହାର ପ୍ରତିବାଦରେ ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ରାଜ୍ୟ ମାନବାଧିକାର କମିଶନଙ୍କୁ ଭେଟି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ସହ ମହିଳାଙ୍କ ବଞ୍ଚିବାର ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଦାବି କରିଛନ୍ତି। ବିଜେଡି ଗୁଣ୍ଡାମାନେ ପଦ୍ମାବତୀ ବେହେରା ନାମ୍ନୀ ୬୦ ବର୍ଷୀୟା ମହିଳାଙ୍କୁ ବାଡ଼େଇ ତାଙ୍କ ହାତ ଭାଙ୍ଗି ଦେଇଛନ୍ତି। ଏ ସମ୍ପର୍କରେ ଗତ ୪ ତାରିଖରେ ଏସ୍‌ପିଙ୍କୁ ଦଳୀୟ ନେତୃବୃନ୍ଦଙ୍କ ଦ୍ୱାରା ଲିଖିତଭାବେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନୀରବତା ଆଇନ ପ୍ରତି ଏକ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସ୍ମୃତି କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## 'ମାଇଁ ଲର୍ଡ' ନୁହେଁ,...

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ନିମ୍ନ ଅଦାଲତଗୁଡ଼ିକରେ ଥିବା ବିଚାରପତି ଏବଂ ନ୍ୟାୟିକ ଅଧିକାରୀମାନଙ୍କୁ ଏକ ପତ୍ର ଲେଖିଛନ୍ତି। ଏଥିରେ ସେ ଆଗ୍ରହ ପ୍ରକାଶ କରିଛନ୍ତି ଯେ ଏଣିକି ସମସ୍ତ ଜିଲାସ୍ତରୀୟ ବିଚାରପତିମାନେ ତାଙ୍କୁ ସବୁ ପ୍ରକାର ବିଚାର ବିଭାଗୀୟ ଓ ପ୍ରଶାସନିକ କାର୍ଯ୍ୟ ସମ୍ପର୍କିତ ଦସ୍ତାବିଜରେ ସାର୍ ସମ୍ବୋଧନ କରନ୍ତୁ। ସେ 'ମାଇଁ ଲର୍ଡ' କିମ୍ବା 'ଲର୍ଡଶିପ୍' ପରିବର୍ତ୍ତେ ତାଙ୍କୁ 'ସାର୍' ଡାକ ଶୁଣିବାକୁ ପସନ୍ଦ କରିବେ। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ରାୟ ଚଟ୍ଟୋପାଧ୍ୟାୟ ମୁଖ୍ୟ ବିଚାରପତି ଥୋଟ୍ଟିଲ ବି. ନାୟାର ରାଧାକ୍ରିଷ୍ଣନ୍‌ଙ୍କ ଏହି ସନ୍ଦେଶକୁ ସମସ୍ତ କୋର୍ଟକୁ ପଠାଇଦେଇଛନ୍ତି।

## ୪ ଜିଲା, ରାଉରକେଲା...

ହୋମ୍ ଡେଲିଭରି ଜାରି ରହିବ। ପୋଲିସ, ଅଗ୍ନିଶମ, ବିପର୍ଯ୍ୟୟ ପରିଚାଳନା, ବ୍ୟାଙ୍କ, ଡାକଘର ଆଦି ଖୋଲା ରହିବ। ଜିଲା କାର୍ଯ୍ୟାଳୟ, ମହାନଗର ନିଗମ କାର୍ଯ୍ୟାଳୟ, ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନା, କ୍ଲିନିକ, ଔଷଧ ଦୋକାନ ଖୋଲା ରହିବ। ହୋଟେଲ ଓ ଢାବାଗୁଡିକ ପାର୍ସଲ ଦେଇପାରିବେ। ପାନୀୟ ଜଳ ଯୋଗାଣ, ପରିମଳ, ବିଦ୍ୟୁତ୍ ଯୋଗାଣ, ଟେଲିକମ୍ ସେବା, କେନ୍ଦ୍ର ସରକାରଙ୍କ ଜରୁରୀ ସେବା ଯୋଗାଉଥିବା କାର୍ଯ୍ୟାଳୟ ଖୋଲାରହିବ। ବିମାନ, ରେଳ, ବସ୍ ଓ ଅନ୍ୟାନ୍ୟ ଯାତ୍ରୀ ପରିହନ ସେବା ଚାଲୁ ରହିବ। ମାଲ୍‌ବାହୀ ଯାନ ଉପରେ କୋଣସି କଟକଣା ଜାରି କରାଯାଇ ନାହିଁ। ଶିଳ୍ପ, କାରଖାନା, ନିର୍ମାଣ, କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଚାଲୁରହିବ। ହୋଟେଲ, ଆଇଟି କ୍ଷେତ୍ରଗୁଡିକ କମ୍ କର୍ମଚାରୀଙ୍କୁ ନେଇ ଖୋଲା ରଖିପାରିବେ। ସେହିପରି ଗଣମାଧ୍ୟମ ସଂସ୍ଥା ଓ ପେଟ୍ରୋଲ ପମ୍ପ ଖୋଲାରହିବ। ବିବାହ, ଶୁଦ୍ଧିକାର୍ଯ୍ୟ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେବାକୁ ପଡ଼ିବ। ଓମ୍‌ଫେଡ, ଚିଲିକା ଫ୍ରେଶ ହୋମ୍ ଡେଲିଭରି କରିପାରିବେ। କୋଭିଡ୍-୧୯ ଗାଇଡ୍‌ଲାଇନ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହାତ ଦେଇ ସଫଳତା ହାସଲ କରିବେ। ଅଶ୍ୱିନୀ ନକ୍ଷତ୍ରର ଯାତ୍ରାରେ ଟେନ୍ସନ ଲାଗି ରହିବ କିନ୍ତୁ ନିଜର ମନୋବଳ ହେତୁ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିପାରିବେ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ** ଦ୍ୱିଜା ନକ୍ଷତ୍ର ସକାଳୁ ସକାଳୁ ପ୍ରତୀକ୍ଷିତ ଖବରଟି ବନ୍ଧୁଙ୍କ ନିକଟରୁ ପାଇ ଖୁସି ହେବେ। ପୁରୁଣା ସମ୍ପର୍କ, ଜମିଜମା, ଗାଡିମୋଟରରୁ ଭଲ ଲାଭବାନ୍ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକୃତ ହେବେ।

**ମିଥୁନ** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆପଣଙ୍କ ଆକର୍ଷଣୀୟ ବ୍ୟବହାର ଅନ୍ୟମାନଙ୍କ ମନକୁ ଆକର୍ଷିତ କରିବ। ବ୍ୟବସାୟୀମାନେ ବ୍ୟବସାୟରେ କିଛି ନୂତନ ପଦେକ୍ଷପ ନେବା ସକାଶେ ଚିନ୍ତା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ଆଇନ, ଅଦାଲତ ଓ କଳା, କାରିଗରି କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ** ଶନିଙ୍କ କେନ୍ଦ୍ରସଂସ୍ଥିତିଜନିତ ଆକସ୍ମିକ ଭାବରେ ଦୂରଯାତ୍ରା ଓ ବନ୍ଧୁ ମିଳନ ଘଟିବାର ସୂଚନା ରହିଛି। ଦୀର୍ଘଦିନର ଆଶା ଫଳବତୀ ହେବା କ୍ଷେତ୍ରରେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଅଫିସ୍‌ରେ ବ୍ୟସ୍ତ ଥିବା ସମୟରେ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ସିଂହ** ସେପରି କିଛି ବଡ ଧରଣର ଅସୁବିଧା ନ ହେଲେ ମଧ୍ୟ ମନ ଅସ୍ଥିର ରହିବ। କେତେକ କ୍ଷେତ୍ରରେ ପୂର୍ବାଫାଲଗୁନୀ ପାଇଁ ଆତ୍ମୀୟମାନେ ଆବଶ୍ୟକୀୟ ସହଯୋଗ କରିବେ। ଆଜିର ସକାଳୁଆ ଯାତ୍ରା ଫଳପ୍ରଦ ହେବ କିନ୍ତୁ ସାମୟିକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ଦୀର୍ଘଦିନରୁ ଲାଗି ରହିଥିବା ରୋଗ, ଋଣ ଯୋଗୁ ବ୍ୟସ୍ତ ରହିବେ। ଚିତ୍ରା ନକ୍ଷତ୍ରର ବିବାଦୀୟ ଘଟଣା, ଜମିଜମା କଳହରେ ତଥା ମାଲିମକଦ୍ଦମା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଅଫିସ୍‌ରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ସ୍ୱାତୀ ନକ୍ଷତ୍ର କ୍ରୀଡା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ। ବାନ୍ଧବୀଙ୍କ ସହ ଆଳାପ ଆଲୋଚନାରୁ ଏକ ପ୍ରକାର ଖୁସୀ ରହିପାରନ୍ତି।

**ବିଛା** ଆକସ୍ମିକ ଭାବରେ କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଆତ୍ମୀୟମାନଙ୍କ ସହ ଆଲୋଚନା କରିପାରନ୍ତି। କୌଣସି ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେଇପାରେ।

**ଧନୁ** ଶତ୍ରୁଯୁକ୍ତ ଚନ୍ଦ୍ରଙ୍କ ଯୋଗୁଁ ମାନସିକ ଅବସାଦ ବୃଦ୍ଧି ପାଇବା ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବୃହସ୍ପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର କାରଣ ହୋଇପାରେ। ଅଫିସ୍‌ର କୌଣସି ସଂକଟଜନକ ସ୍ଥିତି ଅପରାହ୍ଣରେ ସମାଧାନ ହୋଇଯିବ।

**ମକର** ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୂରେଇ ଯିବ ଓ ଆରୋଗ୍ୟ ଲାଭ କରିବେ। ପରିବାରରେ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ଆଶଙ୍କା ରହିଛି। ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**କୁମ୍ଭ** ଆଜି ଅସାବଧାନତା କାରଣରୁ ଧନହାନି ଓ ଅସଂଯମ କଥାବାର୍ତ୍ତାରୁ କଳହର ସୂଚନା ରହିଛି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡିପାରେ। ପୂର୍ବଭାଦ୍ରବ ନକ୍ଷତ୍ରର ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ଯେ କୌଣସି କାର୍ଯ୍ୟରେ ହେଉନା କାହିଁକି ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବହୁତ କଥା କହିବେ। ଆଜି ବାଣିଜ୍ୟ, ଲେଖାପଢା, ଆଲୋଚନା, ମନୋରଞ୍ଜନରୁ ଖୁସୀ ରହିବେ।

ଆଜି ଶ୍ରାବଣ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ଜୁଲାଇ ୧୭ ତାରିଖ, ଅନ୍ତର୍ଜାତୀୟ ନ୍ୟାୟ ଦିବସ, ରାଶିନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦ୍ୱାଦଶୀରଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫.୨୧ମି.ଗତେ ଘ. ୦୬.୧୩ମି. ମଧ୍ୟେ, ଘ.୦୭.୦୬ମି.ଗତେ ଘ.୦୯.୪୨ମି.ମଧ୍ୟେ, ଘ.୧୨.୧୯ମି.ଗତେ ଘ.୦୨.୫୬ମି.ମଧ୍ୟେ, ଘ. ୦୪.୪୧ମି.ଗତେ, ଘ.୦୬.୨୫ମି.ମଧ୍ୟେ, ସନ୍ଧ୍ୟା ଘ.୦୭.୫୨ମି.ଗତେ ଘ.୦୯.୧୯ମି.ମଧ୍ୟେ, ରାତ୍ରି ଘ.୦୧.୪୨ମି.ଗତେ ଘ.୦୩.୧୦ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୯.୨୦ମି.ଗତେ ଘ.୧୦.୦୪ମି.ମଧ୍ୟେ, ଘ.୦୩.୧୦ମି.ଗତେ ଘ.୦୫.୫୪ମି.ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୫ମି.ଗତେ ଘ.୧୧.୫୩ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ମେଡିକାଲ କଲେଜରେ ପଢ଼ାଇବେ ଅବସରପ୍ରାପ୍ତ ସେନା ଡାକ୍ତର

**ଭୁବନେଶ୍ୱର,୧୬।୭(ବ୍ୟୁରୋ):** ମେଡିକାଲ କଲେଜରେ ପାଠ ପଢ଼ାଇବା ପାଇଁ ସେନା ବାହିନୀରୁ ଅବସରପ୍ରାପ୍ତ ଡାକ୍ତରମାନଙ୍କୁ ନେଇ କେନ୍ଦ୍ର ସରକାର ଜାତୀୟ ମେଡିକାଲ ଶିକ୍ଷକ ପୁଲ ଗଠନ କରିଥିବା ଜଣାପଡିଛି। ଏହାର ଫାଇଦା ଯେପରି ରାଜ୍ୟ ସରକାର ଉଠାଇ ପାରିବେ ସେନେଇ ଏକ ପ୍ରକାର ସୁଯୋଗ ସୃଷ୍ଟି କରାଯାଇଛି। ଏନେଇ ନୀତି ଆୟୋଗ ମଧ ପରାମର୍ଶ ଦେଇଛନ୍ତି। ଏହି ନୂତନ ଅଭିନବ ପଦକ୍ଷେପ ମାଧମରେ ସେନାରୁ ଅବସରପ୍ରାପ୍ତ ଅଭିଜ୍ଞ ଡାକ୍ତରମାନେ ମେଡିକାଲ କଲେଜରେ ପାଠ ପଢ଼ାଇ ପାରିବେ। ସେନା ବାହିନୀ ଡାକ୍ତରୀ ସେବା ଦ୍ୱାରା ପ୍ରତିରକ୍ଷା ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ନୀତି ଆୟୋଗ ସହାୟତାରେ ଏହି ନୂତନ ଯୋଜନା ଆରମ୍ଭ ହୋଇଛି। ବର୍ତ୍ତମାନ ମେଡିକାଲ କଲେଜଗୁଡିକରେ ଶିକ୍ଷକମାନଙ୍କ ଘୋର ଅଭାବ ପରିଲକ୍ଷିତ ହେଉଥିବା ବେଳେ ଉଚ୍ଚଶିକ୍ଷା ଲାଗି ଅଭିଜ୍ଞ ଡାକ୍ତର ମିଳୁନାହାନ୍ତି। ରାଜ୍ୟରେ ବର୍ତ୍ତମାନ ୮ ସରକାରୀ ମେଡିକାଲ କଲେଜରେ ଉଚ୍ଚଶିକ୍ଷା ଲାଗି ଶିକ୍ଷକମାନଙ୍କ ଘୋର ଅଭାବ ରହୁଛି। ଏଭଳି ସ୍ଥିତିରେ ଏହି ନୂଆ ଯୋଜନାରୁ ରାଜ୍ୟ ସରକାର ସୁବିଧା ନେବା ଲାଗି ନୀତି ଆୟୋଗ ପରାମର୍ଶ ଦେଇଛନ୍ତି। ଯେଉଁମାନେ ସେନାରୁ ଅବସର ନେବାପରେ ପାଠପଢ଼ାଇବାର ଅଭିଜ୍ଞତା ରଖିଛନ୍ତି ସେମାନଙ୍କୁ ନେଇ ନ୍ୟାସନାଲ ମେଡିକାଲ କଲେଜରେ ଫାକଲ୍ଟି ପୁଲ ଗଠନ ହୋଇଛି।

### ଶିଳ୍ପାନୁଷ୍ଠାନ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରିବେ

**ଭୁବନେଶ୍ୱର,୧୬।୭(ବ୍ୟୁରୋ):** ଶିଳ୍ପ ପ୍ରତିଷ୍ଠାନଗୁଡିକରେ ସପ୍ତାହକ ମଧରେ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରାଯିବ। ଏଥିପାଇଁ ସମ୍ପୃକ୍ତ ଜିଲାପାଳ ଏବଂ ପୌର କମିଶନର ଅନୁମତି ଦେବେ। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ମୁଖ୍ୟ ଶାସନ ସଚିବ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ବିଭିନ୍ନ ଶିଳ୍ପାନୁଷ୍ଠାନ ସହ ଡିଜିଟାଲ୍ ମୋଡ୍‌ରେ ଆଲୋଚନା କରିଥିଲେ। ମୁଖ୍ୟ ଶାସନ ସଚିବ କହିଥିଲେ ଯେ କୋଭିଡ୍ ପ୍ରତିରୋଧ ଓ ଚିକିତ୍ସା ନିମନ୍ତେ ସରକାରଙ୍କ ଦ୍ୱାରା ବ୍ୟାପକ ତ୍ରିସ୍ତରୀୟ ବ୍ୟବସ୍ଥା ସୃଷ୍ଟି କରାଯାଇଛି । ସେଗୁଡିକ ହେଲା କୋଭିଡ୍ କେୟାର ସେଣ୍ଟର, କୋଭିଡ୍ ହେଲ୍ଥ ସେଣ୍ଟର ଏବଂ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍। ଲକ୍ଷଣ ବିହୀନ ବା ସାମାନ୍ୟ ଲକ୍ଷଣଯୁକ୍ତ ବ୍ୟକ୍ତିଙ୍କର ଯତ୍ନ କୋଭିଡ୍ କେୟାର ସେଣ୍ଟରରେ ନିଆଯାଉଛି। ଲକ୍ଷଣହୀନ ବ୍ୟକ୍ତିଙ୍କୁ ସେମାନଙ୍କ ଘର ଏବଂ ସାମାଜିକ ପରିବେଶରୁ ଅଲଗା କରିବା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ । ଏହାକୁ ବିଚାରକୁ ନେଇ ସରକାର ହୋମ୍ କେୟାର ଏବଂ ନିଜ ପରିବେଶରେ ଆନୁଷ୍ଠାନିକ କେୟାର ପାଇଁ ଅନୁମତି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଦୃଷ୍ଟିରୁ ଶିଳ୍ପାନୁଷ୍ଠାନ ନିଜ ସୁବିଧାରେ କର୍ମଚାରୀଙ୍କ ପାଇଁ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରିବା ଭଲହେବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଶିଳ୍ପ ବିଭାଗ ଯୁଗ୍ମ ଶାସନ ସଚିବ ଶୁଭେନ୍ଦ୍ର ନାୟକ ରାଜ୍ୟ ନୋଡାଲ୍ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଆଲୋଚନାରେ ୪୦ଟି ଘରୋଇ ଶିଳ୍ପ ପ୍ରତିଷ୍ଠାନ, କେନ୍ଦ୍ରୀୟ ଓ ରାଜ୍ୟ ସାଧାରଣ ଉଦ୍ୟୋଗର ଅଧକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ ନେଇଥିଲେ। ଇପିକଲ୍‌ର ଏମ୍‌ଡି ସଚିନ ରାମଚନ୍ଦ୍ର ଯାଦବ ବୈଠକର ସଂଯୋଜନା କରିଥିଲେ।

# ୧୫ହଜାର ଟପିଲେ ଆକ୍ରାନ୍ତ

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

**ରାଜ୍ୟରେ କରୋନା ମୃତ୍ୟୁ ୭୯, ଗଞ୍ଜାମରେ ୪୮**

- ଆକ୍ରାନ୍ତ ହେଲେଣି ୭୪୩ଜଣ ଶିଶୁ
- ଆଉ ୪୯୪ ଚିହ୍ନଟ, ୨ ମୃତ, ୪୦୧ ସୁସ୍ଥ

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୫ ହଜାର ଟପିଯାଇଛି। ୧୪ ତାରିଖରେ ୧୪ ହଜାର ପାର୍ କରିଥିଲାବେଳେ କେବଳ ଶେଷ ୩ ଦିନରେ ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏବେ ଆଉ ୪୯୪ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ଏବେ ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୩୯୨ରେ ପହଞ୍ଚିଛି। ତେବେ ରାଜ୍ୟରେ ଶିଶୁମାନେ କରୋନାରେ ଆକ୍ରାନ୍ତ ହେବା ହାର ବେଶ୍ ଚିନ୍ତାଜନକ ରହିଛି। ପୂର୍ବରୁ ଯୁବପିଢ଼ି ଆକ୍ରାନ୍ତଙ୍କ ସଂଖା ହୁ ହୁ ହୋଇ ବଢ଼ୁଥିଲା। ଏବେ ଆକ୍ରାନ୍ତ ପିଲାଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି। ଆକ୍ରାନ୍ତଙ୍କ ମଧରୁ ୦ରୁ ୧୪ବର୍ଷ ମଧରେ ୭୪୩ଜଣ ଶିଶୁ ରହିଥିବାବେଳେ ୧୫ରୁ ୪୦ବର୍ଷ ମଧରେ ୯,୪୮୦ଜଣ, ୪୧ରୁ ୬୦ବର୍ଷ ମଧରେ ୩,୯୦୮ଜଣ ଏବଂ ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ୭୬୭ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ରାଜ୍ୟରେ ୨୪% ମହିଳା ଓ ୭୬% ପୁରୁଷ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟରୁ ଜଣାପଡିଛି।

ତଥ୍ୟ ଅନୁସାରେ, ରାଜ୍ୟର ୨୩ ଜିଲାରୁ ଚିହ୍ନଟ ହୋଇଥିବା ୪୯୪ ନୂଆ ଆକ୍ରାନ୍ତଙ୍କ ମଧରୁ ୩୨୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୧୭୨ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଗଞ୍ଜାମରୁ ସର୍ବାଧିକ ୨୪୬, ଖୋର୍ଦ୍ଧାରୁ ୬୪ ଓ କଟକରୁ ୩୮ ନମୁନା ପଜିଟିଭ୍ ଆସିଛି। ସେହିଭଳି ବାଲେଶ୍ୱରରୁ ୨୧, ନୟାଗଡ଼ରୁ ୧୬, ଯାଜପୁରରୁ ୧୫, ମୟୂରଭଞ୍ଜରୁ ୧୪, କେନ୍ଦ୍ରାପଡ଼ାରୁ ୧୧, କେନ୍ଦୁଝର ଓ ସୁନ୍ଦରଗଡ଼ରୁ ୧୦ଜଣ ଲେଖାଏ, ନୂଆପଡ଼ାରୁ ୯, ଭଦ୍ରକ ଓ ପୁରୀରୁ ୭ଜଣ ଲେଖାଏ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ସମ୍ବଲପୁରରୁ ୪ଜଣ ଲେଖାଏ, ବଲାଙ୍ଗୀରରୁ ୩, ବୌଦ୍ଧ ଓ କଳାହାଣ୍ଡିରୁ ୨ଜଣ ଲେଖାଏ ଏବଂ ଅନୁଗୋଳ, ଜଗତ୍‌ସିଂହପୁର ଓ ରାୟଗଡ଼ାରୁ ଜଣେ ଲେଖାଏ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

**ଗୋଟିଏ ଦିନରେ ୮,୦୯୬ ନମୁନା ପରୀକ୍ଷଣ**

ମାର୍ଚ୍ଚ ୧୫ରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ଇତିମଧରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ହଜାର ଡେଇଁଛି। ୪ ମାସରେ ସଂକ୍ରମଣ ଏହି ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ ରାଜ୍ୟରେ ଟେଷ୍ଟ ତୁଳନାରେ ଆକ୍ରାନ୍ତ ସଂଖ୍ୟା କମିଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୩,୬୧,୯୨୦ ନମୁନା ପରୀକ୍ଷା ହୋଇଛି। ତେବେ ଶେଷ ୨୪ ଘଣ୍ଟାରେ ରେକର୍ଡ଼ ସଂଖ୍ୟାରେ ୮,୦୯୬ ଟେଷ୍ଟ ହୋଇଥିବାବେଳେ ୪୯୪ ଜଣଙ୍କ ନମୁନାରୁ କରୋନା ଭୂତାଣୁ ଚିହ୍ନଟ ହୋଇଛି। ଏହି ହାର ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍ ବୋଲି ସରକାରୀ ତଥ୍ୟରୁ ଜଣାପଡୁଛି।

ସେପଟେ ରାଜ୍ୟରେ କରୋନା ଆଉ ୨ଜଣଙ୍କ ଜୀବନ ନେଇଛି। ସମସ୍ତଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ଉଭୟ ହେଉଛନ୍ତି ପୁରୁଷ। ଜଣଙ୍କ ବୟସ ୫୧ ଓ ଅନ୍ୟଜଣେ ୩୪ ବର୍ଷୀୟ ଯୁବକ। ଏହାକୁ ମିଶାଇ ରାଜ୍ୟରେ ମୋଟ୍ କରୋନାଜନିତ ମୃତ୍ୟୁ ସଂଖ୍ୟା ୭୯ରେ ପହଞ୍ଚିଥିବାବେଳେ କେବଳ ଗଞ୍ଜାମରେ ୪୮ ମୃତକ ରହିଛନ୍ତି। ସେହିଭଳି ରାଜ୍ୟରେ ଅଣ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୪ ରହିଛି। ଏମାନେ କରୋନା ଆକ୍ରାନ୍ତ ହୋଇଥିଲେ ମଧ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରତିଦିନ ଭଳି ରାଜ୍ୟରେ ଆଉ ୪୦୧ଜଣ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ଯାଜପୁରରୁ ୯୮ଜଣ ଥିବାବେଳେ ଗଞ୍ଜାମ ୮୪, ସୁନ୍ଦରଗଡ଼ ୪୬, ଗଜପତି ୩୬, ଝାରସୁଗୁଡ଼ା ୩୦, କେନ୍ଦୁଝର, ମାଲକାନଗିରି ଓ ଜଗତ୍‌ସିଂହପୁରରୁ ୧୭ଜଣ ଲେଖାଏ, ଖୋର୍ଦ୍ଧା ୧୨, ଅନୁଗୋଳ ୮, ସୋନପୁର ୭, ବରଗଡ଼ ୬, ସମ୍ବଲପୁର ଓ କେନ୍ଦ୍ରାପଡ଼ାରୁ ୫ଜଣ ଲେଖାଏ, ଢେଙ୍କାନାଳ ୪, ଭଦ୍ରକ ଓ ବାଲେଶ୍ୱରରୁ ୩ଜଣ ଲେଖାଏ, କଟକ ୨, ପୁରୀରୁ ଜଣେ ଆକ୍ରାନ୍ତ ଆରୋଗ୍ୟ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୧୦,୮୭୭ରେ ପହଞ୍ଚିଛି।

## ହାଇକୋର୍ଟରେ ଜାମିନ ଆବେଦନ କଲେ ପୂର୍ବତନ ଆଇଆଇସି

କଟକ ଅଫିସ,୧୬।୭

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଭିତରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ପରେ ଗର୍ଭପାତ ଅଭିଯୋଗରେ ପୂର୍ବତନ ଆଇଆଇସି ଆନନ୍ଦ ଚନ୍ଦ୍ର ମାଝୀ ଗିରଫ ହୋଇଥିଲେ। ତଳ ଅଦାଲତରେ ଜାମିନ ଆବେଦନ ଖାରଜ ହେବା ପରେ ଏବେ ସେ ଏଥିପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଥାନାରେ ଜଣେ ୧୩ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଥିଲା। ଏନେଇ ରାଏବୋଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

**ଥାନାରେ ନାବାଳିକାଙ୍କୁ ବଳାତ୍କାର ମାମଲା**

ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଘଟଣାର ତଦନ୍ତ କରି ଗତ ୧ ତାରିଖରେ ଅଭିଯୁକ୍ତ ପୂର୍ବତନ ଥାନା ଆଇଆଇସି ମାଝୀଙ୍କୁ ଅନୁଗୋଳ ଜିଲା ହଣ୍ଡପାରୁ ଗିରଫ କରିଥିଲା। ପରେ ଗର୍ଭପାତ କରାଇଥିବା ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ଦେବାଶିଷ ଘୋଷ ମଧ ଗିରଫ ହୋଇଥିଲେ। ତଳ ଅଦାଲତରେ ମାଝୀଙ୍କୁ ହାଜର କରିବା ପରେ ପୋଲିସ ତାଙ୍କୁ ରିମାଣ୍ଡରେ ନେଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ନବରଙ୍ଗପୁର,୧୬।୭(ବି.ପ୍ର.)

ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ଘଟଣା ନେଇ ନାବାଳିକା ନବରଙ୍ଗପୁର ଥାନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମା'ଘର' ଅଧକ୍ଷାଙ୍କ ନିକଟରେ ଅଭିଯୋଗ କରିଛନ୍ତି। ନାବାଳିକା ବୁଧବାର ସିଉନି ଗ୍ରାମରେ ଥିବା ମାମୁଘରକୁ ଯାଇଥିଲେ। ଗୁରୁବାର ଚିଟିମାପଣ୍ଡି ଗ୍ରାମର ବବୁଲୁ ହରିଜନ ମାମୁଘରକୁ ଆସି ତୁମ ମା'ଙ୍କ ଦେହ ଭଲ ନାହିଁ, ସେ ଆଣିବାକୁ ପଠେଇଛନ୍ତି ବୋଲି କହିଥିଲେ। ନାବାଳିକା ଯୁବକଙ୍କ ସାଙ୍ଗରେ ଯିବାକୁ ରାଜି ହୋଇ ନ ଥିଲେ। ବଡ଼ ମା' କହିବାରୁ ସେ ଯାଇଥିଲେ। ସିଉନି ଗ୍ରାମଠାରୁ କିଛି ଦୂରରେ ଏକ ଜଙ୍ଗଲରେ ବବୁଲୁ ବଳାତ୍କାର କରି ଫେରାର ହୋଇଥିବା ନାବାଳିକା ଜଣାଇଥିଲେ। ନବରଙ୍ଗପୁର ଥାନାରେ ପୋଲିସ ୧୬୯/୨୦ରେ ମାମଲା ରୁଜୁ କରି ଫେରାର ବବୁଲୁଙ୍କୁ ଖୋଜୁଛି।



ଶ୍ରାବଣ ମାସ ସଂକ୍ରାନ୍ତି ଗୁରୁବାର ଜଣେ ସାଧୁ ବନ୍ଦ ରହିଥିବା ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ବସି ପ୍ରଭୁ ଲିଙ୍ଗରାଜଙ୍କୁ ଭକ୍ତି ଜଣାଉଛନ୍ତି।

## ୨୦ରୁ ରାଜ୍ୟରେ ଟେଲି ମେଡିସିନ ସେବା

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

- ପ୍ରଥମେ ୪୧ ସ୍ଥାନରେ ଆରମ୍ଭ ହେବ
- ଫୋନ୍‌ରେ ଡାକ୍ତର ଦେବେ ଚିକିତ୍ସା ପରାମର୍ଶ

ରାଜ୍ୟରେ କରୋନା ପରିସ୍ଥିତ ଓ କଟକଣା ଯୋଗୁ ସାଧାରଣ ରୋଗୀ ହସ୍ପିଟାଲ ଯିବା ସମ୍ଭବ ହୋଇପାରୁ ନାହିଁ। ଫଳରେ ଆବଶ୍ୟକ ଚିକିତ୍ସା ସେବାରୁ ସେମାନେ ବଞ୍ଚିତ ହେଉଛନ୍ତି। ଚିକିତ୍ସା କ୍ଷେତ୍ରରେ ସୃଷ୍ଟି ହୋଇଥିବା ଏପରି ସମସ୍ୟାର ପ୍ରତିକାର ସ୍ୱରୂପ ରାଜ୍ୟ ସରକାର ଟେଲି ମେଡିସିନ ସେବା ଆରମ୍ଭ କରିବାକୁ ଯାଉଛନ୍ତି। ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ସେବା ଦ୍ୱାରା ରୋଗୀ ଫୋନ୍ ମାଧମରେ ଡାକ୍ତରଙ୍କ ସହ ସିଧାସଳଖ ଯୋଗାଯୋଗ କରି ରୋଗର ଉପଚାର ମଧ ପାଇପାରିବେ। ଏ ସମ୍ପର୍କରେ ଗୁରୁବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଏକ ବୈଠକ ବସି ନିଷ୍ପତ୍ତି ହୋଇଛି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, ଟେଲିମେଡିସନ ସେବା ପ୍ରଥମେ ରାଜ୍ୟର ୩୦ଟି ଜିଲା ମୁଖ୍ୟ ଚିକିତ୍ସାଳୟ, ୭ଟି ସରକାରୀ ମେଡିକାଲ କଲେଜ, ରାଉରକେଲା ଆର୍‌ଜିଏଚ୍, ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ, କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନସର ପ୍ରତିଷ୍ଠାନ ଓ ଶିଶୁଭବନ ଆଦି ୪୧ ସ୍ଥାନରେ ଆରମ୍ଭ ହେବ। ଜିଲା ହସ୍ପିଟାଲଗୁଡ଼ିକରେ ଓପିଡି ସମୟ ସକାଳ ୮ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଓ ମେଡିକାଲ କଲେଜରେ ୨୪ଘଣ୍ଟିଆ ସେବା ଉପଲବ୍ଧ ହେବ। ଏହି ସେବା ପ୍ରଦାନ କରିବା ପାଇଁ ଓକାକ୍ ପକ୍ଷରୁ ପ୍ରତି କେନ୍ଦ୍ରକୁ ୨ଟି ଲେଖାଏ ମୋବାଇଲ ଫୋନ୍ ସେଟ୍ ହିସାବରେ ମୋଟ ୮୨ଟି ସେଟ୍ ଓ ସିମ୍ କାର୍ଡ ଯୋଗାଇ ଦିଆଯିବ। ଏହି ଫୋନ୍ ନମ୍ବରଗୁଡ଼ିକ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସାର୍ବଜନୀନ କରାଯିବ। ଫଳରେ ଜନସାଧାରଣ ଏହି ସେବାର ସୁଫଳ ପାଇପାରିବେ। ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ତଥା ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କମିଶନରେଟ ପୋଲିସ ମୁଖ୍ୟାଳୟରେ ଲାଞ୍ଚ

ଭୁବନେଶ୍ୱର,୧୬।୭ (ବ୍ୟୁରୋ)



**ଧରିଲା ଭିଜିଲାନ୍ସ, କନଷ୍ଟେବଳ ଜେଲ ଗଲେ**

- ପିଏଫ୍ କରାଇ ଦେବାକୁ ୮ ହଜାର ଟଙ୍କା ନେଉଥିଲେ
- ନିଲମ୍ବନ କଲେ ପୋଲିସ କମିଶନର

ଖାକିରେ ଲାଗିଛି ଲାଞ୍ଚ କଳଙ୍କ। ସବୁଠୁ ଦକ୍ଷ ତଥା ସଚ୍ଚୋଟ ବୋଲି କହୁଥିବା କମିଶନରେଟ ପୋଲିସ ମୁଖ୍ୟାଳୟରେ ବି ଚାଲିଛି ଲାଞ୍ଚ କାରବାର। ଯେଉଁଥିପାଇଁ ଗୁରୁବାର ପୋଲିସ ଭବନରେ ପଶିଛି ଭିଜିଲାନ୍ସ। ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ୍) କରାଇ ଦେବାକୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଜଣେ କନଷ୍ଟେବଳଙ୍କୁ ଧରିଛି। ସେ ହେଲେ ପୋଲିସ ସେବା ଭବନର ଆକାଉଣ୍ଟ ସେକ୍ସନରେ କାର୍ଯ୍ୟରତ କନଷ୍ଟେବଳ ସୁରେଶଚନ୍ଦ୍ର ଦାସ। ଭିଜିଲାନ୍ସ କେସ୍ ନଂ-୧୮/୨୦ ରୁଜୁ କରି ସୁରେଶଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କନଷ୍ଟେବଳ ସୁରେଶଙ୍କୁ ନିଲମ୍ବିତ କରିଛନ୍ତି।

ସୂଚନାନୁଯାୟୀ, ବାଲିପାଟଣା ଅଞ୍ଚଳରେ କାର୍ଯ୍ୟରତ ଓଏପିଏଫ୍‌ର ରତ୍ନାକର ପେଦେନ୍ତି ନିଜ ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ୍) କରିବାକୁ କମିଶନରେଟ ପୋଲିସ ମୁଖ୍ୟାଳୟରେ ଅବେଦନ କରିଥିଲେ। ହେଲେ ଦାୟିତ୍ୱରେ ଥିବା କନଷ୍ଟେବଳ ସୁରେଶ ଏଥିଲାଗି ୧୦ ହଜାର ଟଙ୍କା ମାଗିଥିଲେ। ଶେଷରେ ୮ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। ଏନେଇ ରତ୍ନାକର ଭିଜିଲାନ୍ସରେ ଜଣାଇଥିଲେ। ଭିଜିଲାନ୍ସର ଯୋଜନା ମୁତାବକ ରତ୍ନାକର ଗୁରୁବାର ସକାଳେ କମିଶନରେଟ ପୋଲିସ ମୁଖ୍ୟାଳୟକୁ ଯାଇ କେମିକାଲ ବୋଳା ୮ହଜାର ଟଙ୍କା ସୁରେଶଙ୍କୁ ଦେଇଥିଲେ। ପୂର୍ବରୁ ସେଠାରେ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରି ସୁରେଶଙ୍କୁ କାବୁ କରିବା ସହ ଉକ୍ତ ଲାଞ୍ଚ ଟଙ୍କାକୁ ତାଙ୍କ ପ୍ୟାଣ୍ଟ ପକେଟରୁ ଜବତ କରିଥିଲେ। ସୁରେଶଙ୍କ ହାତ ଓ ଟଙ୍କାରୁ କେମିକାଲ ଚିହ୍ନଟ ହେବା ପରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

## ସ୍ୱାମୀଙ୍କୁ ପିଟି ମାରିଦେଲେ ସ୍ତ୍ରୀ

- ହତ୍ୟାକାଣ୍ଡରେ ସହଯୋଗ କରିଛନ୍ତି ଦୁଇ ଝିଅ
- ୩ ଅଭିଯୁକ୍ତାଙ୍କ ଥାନାରେ ଆତ୍ମସମର୍ପଣ
- ପାରିବାରିକ କଳହର ଭୟଙ୍କର ପରିଣତି

ପବିତ୍ରନଗର,୧୬।୭(ଡି.ଏନ.ଏ.)

ପାରିବାରିକ କଳହରୁ ସ୍ୱାମୀଙ୍କ ଜୀବନ ନେଇଛନ୍ତି ସ୍ତ୍ରୀ। ଦୁଇ ଝିଅ ମଧ ମା'ଙ୍କ ସହ ମିଶି ବାପାଙ୍କୁ ପିଟିପିଟି ମାରିଛନ୍ତି। ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ଶିଳିଂ ଗ୍ରାମରେ ଗୁରୁବାର ଘଟିଛି ଏହି ଅଭାବନୀୟ ଘଟଣା। ହତ୍ୟାକାଣ୍ଡ ପରେ ମା' ଓ ଦୁଇ ଝିଅ ଥାନାରେ ଆତ୍ମସମର୍ପଣ କରିବା ସହ ପୋଲିସକୁ ଘଟଣା ସମ୍ପର୍କରେ ବୟାନ ଦେଇଛନ୍ତି। ତେବେ ମୃତକଙ୍କ ଭଉଣୀ ଶରଧାପୁର ଗ୍ରାମର ସୁଲୋଚନା ସାହୁ ଏଥିରେ ମା' ଓ ଦୁଇ ଝିଅଙ୍କ ସହିତ ଅନ୍ୟ କେତେଜଣଙ୍କ ସମ୍ପୃକ୍ତି ରହିଥିବା ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଶିଳିଂ ଗ୍ରାମର ସୁନନ୍ଦ ପ୍ରଧାନ (୪୮)ଙ୍କ ସହ ସକାଳେ କୌଣସି କାରଣରୁ ସ୍ତ୍ରୀ ଭାରତୀ ପ୍ରଧାନ, ବଡ ଝିଅ ଚୁନିରାଣୀ ଓ ସାନ ଝିଅ ଲୁନିରାଣୀଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଭାରତୀଙ୍କ ସହ ଦୁଇ ଝିଅ କାଠଫାଳିଆରେ ପିଟି ପିଟି ସୁନନ୍ଦଙ୍କୁ ହତ୍ୟା କରିଥିଲେ। ପଡ଼ୋଶୀ ଲୋକେ ସାମାନ୍ୟ ଦୂରରେ ରହୁଥିବାରୁ ଘଟଣା ସମ୍ପର୍କରେ ଜାଣିପାରି ନ ଥିଲେ। ଭାରତୀ ଓ ତାଙ୍କ ଦୁଇ ଝିଅ ଥାନାରେ ଆତ୍ମସମର୍ପଣ କରିବା ସହ ହତ୍ୟାକାଣ୍ଡ ନେଇ ବୟାନ ଦେବା ପରେ ଘଟଣା ପଦାକୁ ଆସିଥିଲା। ତାଳଚେର ଏସ୍‌ଡିପିଓ ସିଦ୍ଧାର୍ଥ କାଟାରିଆ, ସମଲ ଥାନା ଅଧିକାରୀ ଚାରୁଲତା ବେହେରା ପ୍ରମୁଖ ସାଇଣ୍ଟିଫିକ ଟିମ୍ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ଣ ୩ଟାରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ପଠାଯାଇଥିଲା। ଆଇଆଇସି ବେହେରା କହିଛନ୍ତି, ଭାରତୀ ଓ ଦୁଇ ଝିଅ ଥାନାରେ ଆତ୍ମସମର୍ପଣ କରିଛନ୍ତି। ନଂ. ୧୩୭/୨୦ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

**କାଲି ଫେରିଥିଲେ, ଆଜି ମାରିଦେଲେ**

ବାରମ୍ବାର ପାଟିତୁଣ୍ଡ ହେଉଥିବାରୁ କିଛି ଦିନ ହେବ ସୁନନ୍ଦ ସ୍ତ୍ରୀ, ଝିଅମାନଙ୍କ ସହ ନ ରହି ଗ୍ରାମରେ ଥିବା ତାଙ୍କ ପୁରୁଣା ଘରେ ମା' ଓ ଭାଇମାନଙ୍କ ନିକଟରେ ରହୁଥିଲେ। ବେଳେ ବେଳେ ଭଉଣୀଘର ଶରଧାପୁରକୁ ଚାଲିଯାଉଥିଲେ। ଗାଁ ଲୋକଙ୍କ କହିବା ଅନୁଯାୟୀ ସୁନନ୍ଦ ବୁଧବାର ସ୍ତ୍ରୀ ଓ ଝିଅମାନଙ୍କ ନିକଟକୁ ଫେରିଥିଲେ। କିନ୍ତୁ ଗୁରୁବାର ସକାଳୁ ପାରିବାରିକ କଳହ ତାଙ୍କ ଜୀବନ ନେଇଗଲା।

**ଝିଅଙ୍କୁ ଉଚ୍ଚଶିକ୍ଷିତ କରିଥିଲେ, ସ୍କୁଟି ଦେଇଥିଲେ**

ସୁନନ୍ଦ ଟ୍ରକ୍ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ଗ୍ରାମର ଅନ୍ୟ ଏକ ସ୍ଥାନରେ ସରକାରୀ ଜାଗାରେ ଘର କରି ସ୍ତ୍ରୀ ଓ ଝିଅଙ୍କୁ ରଖିଥିଲେ। ଦୁଇ ଝିଅଙ୍କୁ ଉଚ୍ଚଶିକ୍ଷିତ କରାଇଥିଲେ। ଜଣେ ଚାକିରି ପାଇସାରିଥିବା ବେଳେ ଅନ୍ୟ ଜଣେ ଝିଅ ଏବେ ବି ଶିକ୍ଷା ଜାରି ରଖିଛନ୍ତି। ଝିଅମାନଙ୍କ ଖୁସିକୁ ଚାହିଁ ସେ ସ୍କୁଟି ମଧ କିଣି ଦେଇଥିଲେ। କିନ୍ତୁ ସ୍ତ୍ରୀଙ୍କ ସହ ସେହି ଦୁଇ ଝିଅ ହିଁ ବାପାଙ୍କ ଜୀବନ ନେଇଗଲେ।

**ଗାଁ ଲୋକେ ଚକିତ**

ସୁନନ୍ଦଙ୍କ ମୃତଦେହ ଘର ଖଟ ଉପରେ ପଡ଼ିଥିଲେ ବି ସେଠାରେ ତାଙ୍କୁ ହତ୍ୟା କରାଯାଇ ନାହିଁ। ଘର ବାହାରେ ଓ ରାସ୍ତାର ବହୁ ସ୍ଥାନରେ ରକ୍ତ ପଡିଥିବାରୁ ଗୋଡ଼ାଇ ଗୋଡ଼ାଇ ତାଙ୍କୁ ଆକ୍ରମଣ କରାଯାଇଥିବା ଗାଁ ଲୋକେ ଅନୁମାନ କରୁଛନ୍ତି। ସୁନନ୍ଦଙ୍କ ଦେହ ଓ ମୁଣ୍ଡର ବିଭିନ୍ନ ସ୍ଥାନରେ କ୍ଷତ ରହିଛି। କେଉଁ କାରଣ ପାଇଁ ନିଜ ସ୍ତ୍ରୀ ଓ ଝିଅମାନେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ତାହା ଖୋଜି ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ କରୁଛି।

# ପ୍ରଥମ ଦିନ: ୫ ରୋଗୀଙ୍କୁ ଦିଆଗଲା ପ୍ଲାଜ୍‌ମା

## ଆଜିଠୁ ଡୋନର ପଞ୍ଜୀକରଣ, ସ୍କ୍ରିନିଂ, କାଉନସେଲିଂ

କଟକ ଅଫିସ,୧୬।୭

ରାଜ୍ୟରେ ସଙ୍କଟାପନ୍ନ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ବୁଧବାରଠାରୁ ପ୍ଲାଜ୍‌ମା ଥେରାପି ଆରମ୍ଭ ହୋଇଛି। ସଂଗୃହୀତ ହୋଇଥିବା ୮ ୟୁନିଟ୍ ପ୍ଲାଜ୍‌ମାରୁ ଗୋଟିଏ ପ୍ୟାକେଟ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କୁ ଦିଆଯାଇଛି। ଆଉ ୪ ଜଣ ରୋଗୀଙ୍କ ପାଇଁ ୪ ୟୁନିଟ୍ ପ୍ଲାଜ୍‌ମା ସମ୍ ହସ୍ପିଟାଲ ପଠାଯାଇଛି। ଅବଶିଷ୍ଟ ୩ ୟୁନିଟ୍ ଗଚ୍ଛିତ ରହିଛି। ସେଥିରୁ ଆଉ ଗୋଟିଏ ୟୁନିଟ୍ ଶୁକ୍ରବାର ଅଶ୍ୱିନୀ ହସ୍ପିଟାଲକୁ ପଠାଯିବ ବୋଲି ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ପ୍ରଥମ ଦିନର ଡୋନରଙ୍କ ମଧରେ ରାଜ୍ୟର ପ୍ରଥମ ଡାକ୍ତର ଭାବେ କରୋନା ଆକ୍ରାନ୍ତ ହୋଇଥିବା କଟକ ସିଟି ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞ ଚିଦ୍‌ଭୂଷଣ ପଣ୍ଡା ସ୍ୱେଚ୍ଛାକୃତ ଭାବେ ପ୍ଲାଜ୍‌ମା ଦେଇଥିଲେ । ତାଙ୍କ ବ୍ୟତୀତ ମନୋଜ ବରାଳ, ଅବିନାଶ ରାଉତ ଓ ପଙ୍କଜ ବେହେରା ପ୍ଲାଜ୍‌ମା ଦେଇଛନ୍ତି। ଶୁକ୍ରବାର ଅନେକ ବ୍ୟକ୍ତି ଡୋନର ହେବା ପାଇଁ ସ୍ୱେଚ୍ଛାକୃତ ଭାବେ ନିଜକୁ ପଞ୍ଜୀକୃତ କରାଇବା ପାଇଁ ଯୋଗାଯୋଗ କରିଥିବା ଏସ୍‌ସିବି ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ସ୍ୱେଚ୍ଛାକୃତ ଡୋନରଙ୍କ ମଧରେ ଅଧିକାଂଶ ପଶ୍ଚିମବଙ୍ଗରୁ ଅମ୍ଫନ ପୁନରୁଦ୍ଧାର କାର୍ଯ୍ୟରୁ ଫେରି କରୋନା ଆକ୍ରାନ୍ତ ହୋଇ ପରେ ସୁସ୍ଥ ହୋଇଥିବା ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବିଭାଗର ଯବାନ ରହିଛନ୍ତି। ଶୁକ୍ରବାରଠାରୁ ଡୋନରଙ୍କ ପଞ୍ଜୀକରଣ, ସ୍କ୍ରିନିଂ ଓ କାଉନସେଲିଂ ଆରମ୍ଭ ହେବ।

**ଡୋନରଙ୍କ ପାଇଁ କ'ଣ ରହିଛି ଗାଇଡ୍‌ଲାଇନ**

ଡୋନରଙ୍କ ପ୍ରଥମେ କୋଭିଡ୍ ଟେଷ୍ଟ ଓ ପରେ ଅନ୍ୟ ସମସ୍ତ ଆନୁଷଙ୍ଗିକ ନମୁନା ଯାଞ୍ଚ ହେବ । ନିୟମ ଅନୁଯାୟୀ ଡୋନରଙ୍କ ବୟସ ୨୦ରୁ ୫୦ ବର୍ଷ, ଓଜନ ସର୍ବନିମ୍ନ ୫୫ କିଗ୍ରା ଏବଂ କରୋନା ଆକ୍ରାନ୍ତ ହୋଇ ସୁସ୍ଥ ହେବାର ଅତିକମ୍‌ରେ ୪ ସପ୍ତାହ ହୋଇଥିବା ଜରୁରୀ। ମହିଳାଙ୍କ କ୍ଷେତ୍ରରେ ସମସ୍ତ ନିୟମ ସମାନ ରହିବା ସହ କେବଳ ଡୋନର ମହିଳା ଶିଶୁ ଜନ୍ମ କିମ୍ବା ଗର୍ଭଧାରଣ କରି ନ ଥିବା ବାଞ୍ଛନୀୟ।

**ଏସ୍‌ସିବିକୁ ନୂଆ ସୁଯୋଗ ଦେଲା ପ୍ଲାଜ୍‌ମାଥେରାପି**

ଜଣେ ଡୋନରଙ୍କଠାରୁ ପ୍ଲାଜ୍‌ମା ସଂଗ୍ରହ କରିବା ପାଇଁ ଆଫେରେସିସ୍ ମେଶିନର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ମେଶିନ ଡୋନରଙ୍କ ରକ୍ତରୁ ପ୍ଲାଜ୍‌ମାକୁ ପୃଥକ୍ କରି ପୁଣି ଡୋନରଙ୍କ ଶରୀରକୁ ଅବଶିଷ୍ଟ ରକ୍ତାଂଶ ଫେରାଇଦିଏ। ପ୍ଲେଟ୍‌ଲେଟ ସଂଗ୍ରହରେ ମଧ ଏହି ମେଶିନ କାମରେ ଲାଗେ। କିନ୍ତୁ ଏସ୍‌ସିବିର ବ୍ଲଡ୍ ବ୍ୟାଙ୍କରେ ୫ ବର୍ଷ ଓ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କରେ ଗତ ୧୦ ବର୍ଷ ହେଲା ଏହି ମେଶିନ ଖରାପ ।ହୋଇ ପଡ଼ିଥିଲା। ତେଣୁ ଉଭୟ ପ୍ଲାଜ୍‌ମା ଓ ପ୍ଲେଟ୍‌ଲେଟ୍ ପାଇଁ ହେଲ୍‌ଥ ହବ୍ କଟକ ସିଟିକୁ ରାଜଧାନୀ ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଥିଲା। କିନ୍ତୁ ଏବେ ଏସ୍‌ସିବି ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗକୁ ପ୍ଲାଜ୍‌ମାଥେରାପିର ନୋଡାଲ ସେଣ୍ଟର ତଥା ପ୍ଲାଜ୍‌ମା ବ୍ୟାଙ୍କ ବୋଲି ଘୋଷଣା କରାଯିବା ପରେ ଏଠାକୁ ଏକ ନୂଆ ଆଫେରେସିସ୍ ମେଶିନ ଦିଆଯାଇଛି। ଆଗକୁ ଆଉ ଗୋଟିଏ ନୂଆ ମେଶିନ ମଧ ଆସିବ।

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। -**ଶ୍ରୀମା**



# ବ୍ୟର୍ଥ ପ୍ରୟାସ

ରାଜସ୍ୱ ହ୍ରାସକୁ ଦୃଷ୍ଟିରେ ରଖି ଏବଂ ଆରମ୍ଭ କରାଯାଇଥିବା ଆଣ୍ଟି-କୋଭିଡ୍-୧୯ କାର୍ଯ୍ୟକ୍ରମଗୁଡ଼ିକ ଲାଗି ଆବଶ୍ୟକ ବ୍ୟୟଭାର ବହନ କରିବା ପାଇଁ ରାଜ୍ୟ ସରକାର ଗତ ସପ୍ତାହରେ ଅନେକ ଆର୍ଥିକ ସଂଯମମୂଳକ ପଦକ୍ଷେପ ଘୋଷଣା କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଛଡ଼ା ପ୍ରତ୍ୟେକ ବିଭାଗର ଖର୍ଚ୍ଚକୁ ବନ୍ଦ କରିଦିଆଯାଇଛି। ଅଧିକାରୀଙ୍କ ଦ୍ୱାରା ସମସ୍ତ ବିମାନ ଯାତ୍ରା ଏବଂ ପ୍ରଥମ ଶ୍ରେଣୀ ଟ୍ରେନ୍ ଯାତ୍ରାକୁ ଅନୁମତି ଦିଆଯାଇ ନାହିଁ। ନୂତନ ଯାନ କ୍ରୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଅଧିକାରୀମାନଙ୍କୁ କୁହାଯାଇଛି ଭ୍ରମଣ ହ୍ରାସ କରିବା ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସରକାରୀ କାର୍ଯ୍ୟକ୍ରମଗୁଡ଼ିକ କିପରି ଚାଲିଛି ଦେଖିବା ପାଇଁ। ସରକାରୀ କୋଠା ଓ ଗେଷ୍ଟ ହାଉସ୍‌ର ନବୀକରଣ ଏବଂ କାର୍ଯ୍ୟାଳୟଗୁଡ଼ିକର ଗୃହସଜ୍ଜା ପାଇଁ ସମସ୍ତ ଖର୍ଚ୍ଚକୁ ବନ୍ଦ କରାଯାଇଛି। ସରକାରୀ କାର୍ଯ୍ୟାଳୟର ମରାମତି ଓ ନବୀକରଣ ପାଇଁ ୫ ଲକ୍ଷରୁ ଅଧିକ ଏବଂ ସରକାରୀ କ୍ୱାର୍ଟରଗୁଡ଼ିକର ମରାମତି ଓ ନବୀକରଣ ପାଇଁ ୨ ଲକ୍ଷରୁ ଅଧିକ ବ୍ୟୟ ସ୍ୱତନ୍ତ୍ର ଅନୁମୋଦନ ବିନା କରାଯିବ ନାହିଁ। ସରକାରୀ ପାଣ୍ଠିରେ ହୋଟେଲରେ ବୈଠକ, ସେମିନାର, କର୍ମଶାଳା ଏବଂ ସରକାରୀ ମଧ୍ୟାହ୍ନ ଭୋଜନ ଏବଂ ରାତ୍ରିଭୋଜନ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରାଯାଇଛି। ଏହା ବଦଳରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏସବୁ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ସରକାରୀ କର୍ମଚାରୀଙ୍କ ଛୁଟିକାଳୀନ ଯାତ୍ରା ଭତ୍ତା ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବ୍ୟତୀତ ପ୍ରଶାସନିକ ବିଭାଗ ଦ୍ୱାରା କୌଣସି ନୂତନ ରାଜ୍ୟ ଯୋଜନା କିମ୍ବା ପ୍ରକଳ୍ପ କରାଯିବ ନାହିଁ। ରହିଥିବା ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ଅନୁମତି ଦିଆଯାଇଥିବାବେଳେ ନୂତନ ପଦରେ ନିଯୁକ୍ତିକୁ ବନ୍ଦ କରିଦିଆଯାଇଛି।

ମହାମାରୀ ପରେ ଯେଉଁ ଖର୍ଚ୍ଚକାଟ ପଦକ୍ଷେପ ନିଆଯାଇଛି, ତାହା ହେଉଛି ଏକ ପୁରୁଣା ନୀତିର ପୁନରାବୃତ୍ତି, ଯାହା ବିଜୁ ଜନତା ଦଳ କ୍ଷମତାକୁ ଆସିବାର ଏକ ବର୍ଷ ପରେ ୨୦୦୧ ମସିହାରେ ରାଜ୍ୟ ସରକାର ଆପଣାଇଥିଲେ। ବାସ୍ତବରେ ଋଣ ବୋଝ ବୃଦ୍ଧି କରିବା ଭଳି ଖର୍ଚ୍ଚ କାଟ କରିବା ନୂତନ ସରକାର ପାଇଁ ସେତେବେଳେ ପ୍ରାଥମିକତା ଥିଲା। ଏହି ନୀତି ବଳବତ୍ତର ରହିଥିଲେ ମଧ୍ୟ ସରକାର ପ୍ରତ୍ୟେକ ବିଭାଗକୁ ବିଳାସପୂର୍ଣ୍ଣ କାର୍ଯ୍ୟ ପାଇଁ ଖର୍ଚ୍ଚ କରିବାକୁ ଅନୁମତି ଦେଇଥିଲେ। ରାଜନୈତିକ କାରଣ ପାଇଁ ଆଇନଗତ ମନିଟରିଂ ବିନା ବହୁ ସଂଖ୍ୟାରେ ପପୁଲିଷ୍ଟ ସ୍କିମ୍ ପ୍ରଚଳନ କରାଯାଇଥିଲା। ଅଣଯୋଜନା କାର୍ଯ୍ୟକ୍ରମରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା। ସରକାର ନିଜର ସର୍କୁଲାର ନ ମାନିବାକୁ ଅନୁମତି ଦେଇଥିଲେ।

## ଆଜିର ଅର୍ଥନୀତି

ଏହି ସମୁଦାୟ ଆର୍ଥିକ ବିଶୃଙ୍ଖଳା ପାଇଁ ଅର୍ଥ ବିଭାଗ ଦାୟୀ। ବରିଷ୍ଠ ଅମଲାତନ୍ତ୍ରୀଙ୍କ ଦ୍ୱାରା ଅପବ୍ୟୟ ପାଇଁ ବିଭାଗ ଅନୁମତି ଦେଇଥିଲା, ଯେଉଁମାନେ ଭ୍ରମଣ, ବିଦେଶ ଯାତ୍ରା ଏବଂ ଅଫିସ୍ ଚାମ୍ବରଗୁଡ଼ିକର ନବୀକରଣରେ ଅଧିକ ଖର୍ଚ୍ଚ କରିଥିଲେ। ବିଳାସପୂର୍ଣ୍ଣ କାର କ୍ରୟ ଉପରେ ପ୍ରତିବନ୍ଧକ ଥିବାବେଳେ ଦାମୀ କାର୍ କିଣିବା ପ୍ରସ୍ତାବକୁ ଅର୍ଥ ବିଭାଗ ଅନୁମୋଦନ ଦେଇଥିଲା। ଅମଲାତନ୍ତ୍ରୀମାନଙ୍କୁ ଅଫିସ୍ ସାଜସଜ୍ଜା ଏବଂ ସୌଖୀନ ଆସବାବପତ୍ର ଉପରେ ଟଙ୍କା ଉଡ଼ାଇବାକୁ ଅନୁମତି ଦିଆଯାଇଥିଲା, ଯେପରି କି ଏସବୁ ଉପରେ ସେମାନଙ୍କର ପୂର୍ଣ୍ଣ ଅଧିକାର ଥିଲା! ଏସବୁ ଅପବ୍ୟୟ ଅର୍ଥ ବିଭାଗର ଅନୁମୋଦନ ବିନା ହୋଇ ନ ଥାନ୍ତା। ଏହାର ଫଳାଫଳ ହେଲା ଋଣବୋଝ ୨୦୦୧ରେ ୨୦,୦୦୦ କୋଟିରୁ କମ୍ ଥିବାବେଳେ ତାହା ବର୍ତ୍ତମାନ ୧ ଲକ୍ଷ କୋଟିରୁ ଅଧିକ ହୋଇଛି। ମୁଣ୍ଡପିଛା ଋଣଭାର ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି।

ଭାରତ ଏକ ଅଭାବିତ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛି। ସୁଯୋଗ ଓ ନିଯୁକ୍ତି ସୃଷ୍ଟି କରିବା ପାଇଁ ସାରା ବିଶ୍ୱରେ ସାଧାରଣ ଖର୍ଚ୍ଚ ବୃଦ୍ଧି କରାଯାଉଛି। ମହାମାରୀ ଦ୍ୱାରା ସୃଷ୍ଟି ହୋଇଥିବା ସଙ୍କଟ ଦୂର କରିବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଅଧୀନରେ ୨୦ ଲକ୍ଷ କୋଟି ଟଙ୍କା ବ୍ୟୟ କରିବାକୁ ଧାର୍ଯ୍ୟ କରିଛନ୍ତି। କରୋନା ଭୂତାଣୁ ସାମ୍ପ୍ରତିକ ଆର୍ଥିକ ମାନ୍ଦାବସ୍ଥାକୁ ଆହୁରି ବଢ଼ାଇ ଦେଇଛି। ଲକ୍ଷ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ବେକାରି ହାର ରେକର୍ଡ ସର୍ବାଧିକ ସ୍ତରରେ ପହଞ୍ଚିଛି। ଅନ୍ତତଃପକ୍ଷେ ପ୍ରତିଷେଧକ ଟିକା ଆବିଷ୍କାର ନ ହେବା ପର୍ଯ୍ୟନ୍ତ ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟ ନିରାଶା ଭାବ ନିକଟ ଭବିଷ୍ୟତରେ ଯିବ ନାହିଁ। ଏପରି ସମୟରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ବନ୍ଦ କରି ରାଜ୍ୟ ସରକାର ଖର୍ଚ୍ଚ କାଟ କରିବା କିଛି ଅର୍ଥନୈତିକ ମାନେ ରଖେ ନାହିଁ। ସରକାରୀ ଅପବ୍ୟୟ ଉପରେ ନିଷେଧାଦେଶ ସ୍ୱାଗତଯୋଗ୍ୟ। କିନ୍ତୁ ଗରିବଙ୍କ ଉପରେ ପ୍ରଭାବ ପକାଇବ କି ନାହିଁ ତାହା ବିଚାର ନ କରି ସମସ୍ତ ଖର୍ଚ୍ଚ ଉପରେ ପ୍ରତିବନ୍ଧକ ଲଗାଇବା ଉଚିତ ନୁହେଁ। ସମସ୍ତ ସରକାରୀ ଖର୍ଚ୍ଚକୁ ନିଷିଦ୍ଧ କରୁଥିବା ଘୋଷଣାନାମା ଜନସାଧାରଙ୍କ ମଧ୍ୟରେ ନୈରାଶ୍ୟ ଓ ହତାଶା ବୃଦ୍ଧି କରିବ। ଅଦରକାରୀ ଖର୍ଚ୍ଚ କାଟିବା ସ୍ୱାଗତଯୋଗ୍ୟ, କିନ୍ତୁ ଜନକଲ୍ୟାଣ ଓ ବିକାଶ ସମେତ ସମସ୍ତ ଖର୍ଚ୍ଚ ଉପରେ କଟକଣା ଜାରି କରିବା ମଗ୍ ଖେଳ ପରି ଏକ ବ୍ୟର୍ଥ ପ୍ରୟାସ ହୋଇପାରେ।

## ଏଇ ଭାରତରେ

କୋଭିଡ୍-୧୯ ମହାମାରୀ ଶିକ୍ଷାକୁ ପ୍ରଭାବିତ କରିଛି। ପିଲାଏ ସ୍କୁଲ୍ ନ ଯାଇ ଘରେ ଅନ୍‌ଲାଇନ କ୍ଲାସ୍ କରୁଛନ୍ତି। କେରଳରେ ଜୁନ୍ ୧ରୁ ଏହି ଧାରା ଜାରି ରହିଥିବାବେଳ ଅନ୍‌ଲାଇନ ଶିକ୍ଷାରୁ ବଞ୍ଚିତ କୋଚିର ଏକ ପୋଲ ତଳେ ରହୁଥିବା କିଛି ପିଲାଙ୍କୁ ଶିକ୍ଷକମାନେ ପଢ଼ାଉଛନ୍ତି। ମହୀଶୂରରୁ ଆସିଥିବା ପ୍ରବାସୀ ଶ୍ରମିକଙ୍କ ପରିବାର ୧୦ ବର୍ଷ ହେବ ଏଠାରେ ରହୁଛନ୍ତି। ଏମାନଙ୍କର ୬ ପିଲା ସେଣ୍ଟ ଜନ ବସ୍‌କୋ ୟୁ.ପି. ସ୍କୁଲ୍‌ରେ ମାଗଣାରେ ପଢୁଛନ୍ତି। ପ୍ରତିବର୍ଷ ଜୁନ୍‌ରେ ସେମାନେ ଛୁଟିରେ ପରିବାର ସହ ମହୀଶୂର ଯାଆନ୍ତି କିନ୍ତୁ ଏଥର କରୋନା ଯୋଗୁ ଘରକୁ ଯାଇ ନ ପାରି ରହିଯାଇଛନ୍ତି। ପଞ୍ଚମ, ଷଷ୍ଠ ଓ ସପ୍ତମରେ ପଢୁଥିବା ଏହି ପିଲାଙ୍କ ପାଖରେ ମୋବାଇଲ କି ଲାପ୍‌ଟପ ନ ଥିବାରୁ ଅନ୍‌ଲାଇନରେ ପଢିପାରୁନାହାନ୍ତି। ତେଣୁ ସେଣ୍ଟ ଜନ୍ ବସ୍‌କୋ ୟୁ.ପି. ସ୍କୁଲର ୪ ଜଣ ଶିକ୍ଷକ ଜୁନ ୨ରୁ ପୋଲ ତଳେ ସେମାନଙ୍କୁ ପଢ଼ାଇବା ଆରମ୍ଭ କରିଛନ୍ତି। ଅନ୍‌ଲାଇନରେ ଯେଉଁ ଦିନ ଯାହା ପଢ଼ାଯାଉଛି ତା'ପର ଦିନ ଏହି ଶିକ୍ଷକମାନେ ପିଲାମାନଙ୍କୁ ତାହା ପଢ଼ାଉଛନ୍ତି। ପଢାଇବା ସମୟରେ କରୋନା ସମ୍ବନ୍ଧିତ ସମସ୍ତ ନିୟମ ପାଳନ କରୁଛନ୍ତି। ପିଲାମାନଙ୍କୁ କଲମଖାତା ଯୋଗାଇ ଦିଆଯିବା ସହ ମାସ୍କ ଓ ସାନିଟାଇଜର ମଧ୍ୟ ଦିଆଯାଉଛି ବୋଲି କହନ୍ତି ପ୍ରଧାନଶିକ୍ଷୟିତ୍ରୀ ଏଲିଜାବେଥ୍ ପର୍ନାଡିଜ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | | 1 | 7 | D | | 3 | | | | | 2 | | | |
| | | | | | 5 | | | 7 | | | 0 | | | 6 |
| | E | | 4 | 8 | | 0 | | | | D | | | 2 | |
| A | | | 9 | | | | | | | 1 | | | | |
| 7 | | | | 2 | | | B | A | 4 | | | | 5 | |
| | 1 | | | | | 7 | | 8 | 9 | 0 | | | D | E |
| | 9 | | | 6 | 8 | | | | C | | | | | 2 |
| | | 5 | B | 4 | C | | D | | | 6 | | | | |
| 6 | | | | | | | | 1 | | | | | 7 | |
| | | 4 | | 3 | | | | 5 | | | | | 0 | |
| | | 6 | | 5 | 1 | | | | | 3 | | | A | |
| | | C | 3 | | | | A | E | B | 4 | | 8 | | |
| | | A | D | | | | 3 | | 1 | 7 | | 5 | 9 | 4 |
| | B | 0 | C | | | | 1 | | 8 | | | | | |
| | | | | | | D | 8 | C | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | C | A | 7 | 9 | 2 | 8 | E | 3 | 5 | 4 | D | 1 | B |
| E | 3 | 4 | C | 5 | 8 | 1 | 6 | 0 | 7 | D | B | 9 | 2 | A |
| 8 | 9 | A | B | 0 | 3 | 4 | D | C | 1 | E | 2 | 5 | 6 | 7 |
| B | 7 | D | 1 | 2 | E | 5 | 3 | A | 6 | 9 | 8 | 0 | C | 4 |
| 5 | 2 | 1 | 6 | D | 4 | 9 | 7 | B | 0 | C | A | 8 | E | 3 |
| A | 4 | 5 | 8 | 6 | 1 | C | E | 7 | 9 | 0 | 3 | B | D | 2 |
| 0 | 8 | 2 | 9 | A | D | 6 | B | 1 | C | 4 | E | 7 | 3 | 5 |
| 1 | D | 9 | 0 | 3 | C | 8 | 2 | 5 | B | A | 7 | E | 4 | 6 |
| 7 | C | 6 | 2 | E | B | 0 | 4 | 3 | D | 8 | 5 | 1 | A | 9 |
| 3 | B | E | 7 | 4 | 5 | A | 9 | D | 2 | 1 | 6 | C | 0 | 8 |
| C | E | 8 | 5 | B | 2 | 3 | 1 | 9 | 4 | 6 | D | A | 7 | 0 |
| 4 | 1 | 7 | E | C | 6 | B | 5 | 8 | A | 3 | 0 | 2 | 9 | D |
| 2 | A | 3 | D | 8 | 0 | 7 | C | 6 | E | B | 9 | 4 | 5 | 1 |
| D | 5 | 0 | 3 | 9 | 7 | E | A | 4 | 8 | 2 | 1 | 6 | B | C |
| 9 | 6 | B | 4 | 1 | A | D | 0 | 2 | 5 | 7 | C | 3 | 8 | E |

ଗତକାଲିର ଉତ୍ତର

# ବନ ଲାଗି ଜନଜାଗରଣ ଲୋଡ଼ା



ସବ୍ୟସାଚୀ ଅମିତାଭ

ବୃକ୍ଷ ବିନା ଜୀବଜଗତର ଅସ୍ତିତ୍ୱ ଅକଳ୍ପନୀୟ। ବିଶେଷଜ୍ଞଙ୍କଙ୍କ ମତରେ ଜୈବମଣ୍ଡଳର ସନ୍ତୁଳନ ପାଇଁ ଭୂପୃଷ୍ଠର ଆନୁମାନିକ ଏକ ତୃତୀୟାଂଶ ଅଞ୍ଚଳ ବୃକ୍ଷଲତାରେ ଆଚ୍ଛାଦିତ ହୋଇ ରହିବା ଜରୁରୀ। ଦେଶ ସ୍ୱାଧୀନ ହେଲା ବେଳକୁ ଆମ ରାଜ୍ୟରେ ସମୁଦାୟ ଭୂଭାଗର ୪୭ ଭାଗ ଅଞ୍ଚଳ ଥିଲା ଜଙ୍ଗଲ। ପରବର୍ତ୍ତୀ ସମୟରେ ରାଜ୍ୟରେ ଭୌତିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ଫଳରେ ଜଙ୍ଗଲ ଉପରେ ଚଡ଼କ ପଡିଥିଲା। ଦ୍ରୁତ ଶିଳ୍ପାୟନ, ସହରୀକରଣ ଓ ରାସ୍ତାଘାଟ ସଂପ୍ରସାରଣ ପାଇଁ ହଜାର ହଜାର ଗଛ ବଳି ପଡିଥିଲେ। ତା' ସାଙ୍ଗକୁ ଜଙ୍ଗଲ ମାଫିଆଙ୍କ ଲୋଲୁପ ଦୃଷ୍ଟି କାରଣରୁ ଧ୍ୱଂସ ପାଇଥିଲା ସବୁଜ ବନାନୀ। ଉଜୁଡ଼ିଯାଇଥିଲା ଲକ୍ଷଲକ୍ଷ ଜୀବଜନ୍ତୁଙ୍କ ପ୍ରାକୃତିକ ଆଶ୍ରୟସ୍ଥଳୀ। ଆଉ କ୍ରମାଗତ ଜଙ୍ଗଲ କ୍ଷୟ ଯୋଗୁ ବିଗିଡିଥିଲା ପରିବେଶ। ସବୁସ୍ତରରୁ ଏନେଇ ଉଦ୍‌ବେଗ ଦେଖାଦେବା ପରେ ପରିବେଶ ସୁରକ୍ଷା ଦିଗରେ ସରକାରୀସ୍ତରରେ ନିଦ ଭାଙ୍ଗିଥିଲା ଆଉ କଠୋର ହୋଇଥିଲା ଜଙ୍ଗଲ ସୁରକ୍ଷା ଆଇନ। ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ତଥା ନୂଆ ଜଙ୍ଗଲ ସୃଷ୍ଟି ପାଇଁ ବନବିଭାଗ ପକ୍ଷରୁ ବନୀକରଣ, ବୃକ୍ଷରୋପଣ ତଥା ସବୁଜୀକରଣ ଯୋଜନା ସବୁ ସାମନାକୁ ଆସିଥିଲା।

ଜଙ୍ଗଲ ବିଭାଗର ତଥ୍ୟ କହେ, ଆମ ରାଜ୍ୟରେ ଜଙ୍ଗଲ ପରିମାଣ ସମୁଦାୟ ଭୂଭାଗର ୩୩ ପ୍ରତିଶତରୁ ଅଧିକ। ଏହି ତଥ୍ୟକୁ ସତ୍ୟକୁ ଧରିନେଲେ ସ୍ୱାଭାବିକ ଭାବେ ପ୍ରଶ୍ନ ଆସେ, ଆମ ରାଜ୍ୟରେ ପରିବେଶଗତ ଅସନ୍ତୁଳନ କ'ଣ ପାଇଁ ବଢୁଛି? ଖରାଦିନ ଆସିବା ମାତ୍ରେ କାହିଁକି ତତଲା କଡ଼େଇରେ ପରିଣତ ହେଉଛି ପୂରା ରାଜ୍ୟ। କାହିଁକି ବଣଜଙ୍ଗଲ ଛାଡ଼ି ଗାଁଗଣ୍ଡାକୁ ପଶିଆସୁଛନ୍ତି ହାତୀ, ଭାଲୁ ଓ ଅନ୍ୟାନ୍ୟ ବନ୍ୟପ୍ରାଣୀ? ୧୯୮୦ ଜଙ୍ଗଲ ଆଇନ ଲାଗୁ ହେଲାପରେ ଜଙ୍ଗଲର ସଂଜ୍ଞା ଓ ପରିଭାଷା ବଦଳିଯାଇଛି। ପରିବର୍ତ୍ତିତ ସଂଜ୍ଞା ଅନୁସାରେ ଜଙ୍ଗଲ ହେଉଛି ରାଜସ୍ୱ ବିଭାଗ ନଥିଭୁକ୍ତ ଜମି, ଯାହା ହୋଇପାରେ ଘଞ୍ଚ ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ପଦା ଜଙ୍ଗଲ, ମେଳା ଜଙ୍ଗଲ, ବୁଦୁବୁଦିଆ ଜଙ୍ଗଲ, ଉଜୁଡ଼ା ଜଙ୍ଗଲ, ଝାଉଁ ଜଙ୍ଗଲ କିମ୍ବା ହେନ୍ତାଳ ବଣ। ଏପରି କି ବଦଳ ସୂତ୍ରରେ ଜଙ୍ଗଲ ଖାତାକୁ ଆସିଥିବା ଅଣଜଙ୍ଗଲ ଜମି ମଧ୍ୟ ଜଙ୍ଗଲ ପଦବାଚ୍ୟ। ଏସବୁ ଜଙ୍ଗଲକୁ ଗଣି କାଗଜକଲମରେ ପରିସଂଖ୍ୟାନ ପ୍ରସ୍ତୁତ କରାଯାଉଛି। ବନ ବିଭାଗର ପରିସଂଖ୍ୟାନଟି ଯେ ବାସ୍ତବିକତାଠାରୁ ଭିନ୍ନ, ଏହା ସମସ୍ତେ ଜାଣିଛନ୍ତି ଓ ଭଲ ଭାବେ ବୁଝିଛନ୍ତି।

ଡେରାଡୁନରେ ଥିବା ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା କିଛିଦିନ ତଳେ ଏକ ରିପୋର୍ଟ ପ୍ରସ୍ତୁତ କରିଥିଲା। ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଞ୍ଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୩୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହିଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ ହଜାର ବର୍ଗ କି.ମି. ଜଙ୍ଗଲ ଥିବା ନେଇ ସନ୍ଦେହ ଉପୁଜୁଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଞ୍ଚଳରେ ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା।

ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍ସିପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତଗତିରେ ଜଙ୍ଗଲ ଧ୍ୱଂସ ପାଇଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋରେଷ୍ଟେସନ୍ ଡିଭିଜନ୍ ଖୋଲିଲେ। ଅର୍ଥାତ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋକାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁବର୍ଷ ତାପମାତ୍ରା ବଢ଼ିଲା। ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷଜନକ ପଦକ୍ଷେପ ନେଇ ପାରୁ ନ ଥିବାବେଳେ ୧୯୮୪ରେ ସୁଇଡେନ୍ ସରକାରଙ୍କ ସହାୟତାରେ ରାଜ୍ୟରେ ଆରମ୍ଭ ହୋଇଥିଲା, ସାମାଜିକ ବନ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମ। ତେବେ ଦୂରଦୃଷ୍ଟି ଅଭାବ ତଥା ଜଙ୍ଗଲ ମାଫିଆଙ୍କ ସହ ବନ କର୍ମଚାରୀଙ୍କ ଅଲିଖିତ ବୁଝାମଣା କାରଣରୁ ସାମାଜିକ ବନ୍ୟ ପ୍ରକଳ୍ପ କାର୍ଯ୍ୟକ୍ରମ ସଫଳ ହୋଇପାରନି।

ପ୍ରତିବର୍ଷ ବନ ବିଭାଗ କୋଟି କୋଟି ସଂଖ୍ୟାର ଚାରା ରୋପଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରେ। ଜଙ୍ଗଲ ପରିମାଣ ବଢୁଛି ବୋଲି ଦର୍ଶାଏ। ହେଲେ ଏହାର ବାସ୍ତବିକତାକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠେ। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ଯେ ରାଜ୍ୟ ସରକାର ପଦକ୍ଷେପ ନେଉନାହାନ୍ତି, ସେକଥା ଆମେ କହୁନୁ, ବରଂ ଆମ କହିବାର କଥାଟି ହେଲା- ରାଜ୍ୟରେ ଜଙ୍ଗଲ ସୃଷ୍ଟି ପାଇଁ ନିରନ୍ତର ପ୍ରକ୍ରିୟା ଜାରି ରହିବା ଦରକାର। କେବଳ ବନବିଭାଗ ନୁହେଁ ଏଥିରେ ସବୁ ବିଭାଗ ଏବଂ ସବୁ ବର୍ଗର ଲୋକଙ୍କ ସହଯୋଗ ମଧ୍ୟ ରହିବା ଦରକାର। ନୂଆ ଜଙ୍ଗଲ ସୃଷ୍ଟି ସହ ଜଙ୍ଗଲର ସହଭାଗୀ ପରିଚାଳନାକୁ ଗୁରୁତ୍ୱ, ଜୈବବିବିଧତାର ସୁରକ୍ଷା, ଗ୍ରାମଗୋଷ୍ଠୀ ସହାୟତାରେ ଜଙ୍ଗଲ ପୁନରୁଦ୍ଧାର, କାଠ ତଥା ଅଣକାଠ ଜଙ୍ଗଲଜାତ ଦ୍ରବ୍ୟର ଠିକ୍ ପରିଚାଳନା ଓ ମୂଲ୍ୟ ନିର୍ଦ୍ଧାରଣ, ଜୀବିକା ନିର୍ବାହ ପାଇଁ ଜଙ୍ଗଲ ବ୍ୟବହାର, ପ୍ରାଣୀ ଉଦ୍ୟାନ, ଉଦ୍ଭିଦ ଉଦ୍ୟାନ ଓ ବୃକ୍ଷ ଉଦ୍ୟାନ ସୃଷ୍ଟି ପାଇଁ ଉଦ୍ୟମ ହେବା ଆବଶ୍ୟକ। ଲୋକେ ସଚେତନ ହେଲେ ଟାଙ୍ଗରା ଭୂଇଁରେ ବି ସବୁଜ ବନାନୀ ହସିଉଠିବ।

ଭୁବନେଶ୍ୱର, ମୋ-୯୪୩୮୨୯୬୫୧୯

# ଶିକ୍ଷା ଓ ଅନୁସନ୍ଧାନ- ବିଶ୍ୱ କଲ୍ୟାଣ ନିମନ୍ତେ ନାଗରିକ ସୃଷ୍ଟି ମୂଳ ଲକ୍ଷ୍ୟ

ଦୁଇ ଦଶନ୍ଧି ପୂର୍ବେ ଭୁବନେଶ୍ୱରରେ ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟର ଏକ ନମ୍ର ଅୟମାରମ୍ଭ ହୋଇଥିଲା। ଏହି ସମୟ ମଧ୍ୟରେ ସୋଆ ନାମରେ ବେଶ୍ ପରିଚିତ ଏହି ଡିମ୍‌ଡ ବିଶ୍ୱବିଦ୍ୟାଳୟ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ନିଜର ଉତ୍କର୍ଷ ନିମନ୍ତେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି।

ଉଚ୍ଚଶିକ୍ଷା କ୍ଷେତ୍ରରେ ସୋଆରେ ଶିକ୍ଷିତ ହୋଇଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରିବାରେ ସକ୍ଷମ ହୋଇପାରିଛନ୍ତି। ନିଜ ଛାତ୍ରୀଛାତ୍ରଙ୍କ ନିମନ୍ତେ ସୋଆର ମନ୍ତ୍ର ହେଉଛି 'କେବଳ ଚାକିରି ଖଣ୍ଡେ ପାଇବା ପାଇଁ ଡିଗ୍ରୀ ଆହରଣ କର ନାହିଁ ବରଂ ଜ୍ଞାନ ଆହରଣ କରି ସମାଜକୁ ଉଚିତ ପଥରେ ଆଗେଇ ନେବାକୁ ସାହାଯ୍ୟ କର।'

ଓଡ଼ିଶାରେ ଉଚ୍ଚକୋଟୀର ବୈଷୟିକ ଶିକ୍ଷା ପ୍ରଦାନ ନେଇ ଜଣେ ଶିକ୍ଷକଙ୍କର ସ୍ୱପ୍ନ ଓ ପରିକଳ୍ପନାର ସଫଳ ରୂପାୟନ ହେଉଛି ସୋଆ। ପ୍ରଫେସର ମନୋଜ ରଞ୍ଜନ ନାୟକ, ଯିଏ କି ଓଡ଼ିଶାର ଯୁବତୀଯୁବକଙ୍କୁ ଉତ୍ତମ ବୈଷୟିକ ଶିକ୍ଷାପ୍ରଦାନ ନେଇ ସ୍ୱପ୍ନ ଦେଖିଥିଲେ ସେ ନିଜେ ଜଣେ ବିଚକ୍ଷଣ ଛାତ୍ର ଥିଲେ। ରାଉରକେଲାର ରିଜିଓନାଲ୍ ଇଞ୍ଜିନିୟରିଂ କଲେଜରୁ ବି.ଟେକ୍ ଓ ପରେ ପ୍ରତିଷ୍ଠିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଖଡଗପୁରରୁ ଏମ୍.ଟେକ୍ କରିଥିବା ପ୍ରଫେସର ନାୟକ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଲାଭ କରିଥିଲେ।

ତାଙ୍କରି ପ୍ରଚେଷ୍ଟା ବଳରେ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ସୋଆକୁ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁଜିସି) ଆକ୍ଟର ଧାରା ୩, ୧୯୫୬ ଆଧାରରେ ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ମିଳିଥିଲା। ସେବେଠାରୁ ହିଁ ଏକ ବୃତ୍ତିଗତ ଶିକ୍ଷା ପ୍ରୟୋଗଶାଳା ଏବଂ ଗବେଷଣାର ଉତ୍ସ ଭାବେ ସୋଆ ଆଗକୁ ବଢ଼ି ଚାଲିଛି।

ଭାରତ ସମେତ ୬ଟି ଦେଶର ପ୍ରାୟ ୧୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସୋଆକୁ ନିଜର ଭବିଷ୍ୟତ ଗଢ଼ିବା ପାଇଁ ମନୋନୀତ କରିଛନ୍ତି।

ମାତ୍ର ୧୩ ବର୍ଷରେ ହିଁ ଏହି ଡିମ୍‌ଡ ବିଶ୍ୱବିଦ୍ୟାଳୟଟି ବିଗତ ୫ ବର୍ଷ ଧରି କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପରିଚାଳିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଶନାଲ୍ ର୍‍ୟାଙ୍କିଂ ଫ୍ରେମ୍‌ୱାର୍କ (ଏନ୍‌ଆଇଆର୍‌ଏଫ୍) ର୍‍ୟାଙ୍କିଂରେ ଦେଶର ଶ୍ରେଷ୍ଠ ୨୫ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଥିବା ବେଳେ ଚଳିତବର୍ଷ ୨୦ତମ ସ୍ଥାନ ହାସଲ କରି ଶ୍ରେଷ୍ଠ ୨୦ଟି ବିଶ୍ୱବିଦ୍ୟାଳୟ ମଧ୍ୟରେ ନିଜ ସ୍ଥାନ ହାସଲ କରିବା ସହ ଓଡ଼ିଶାରେ ଶୀର୍ଷତମ ବିଶ୍ୱବିଦ୍ୟାଳୟ ଭାବେ ମାନ୍ୟତା ପାଇଛି।

ନ୍ୟାଶ୍‌ନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଶନ୍ କାଉନ୍‌ସିଲ୍ (ନାକ୍) ସୋଆକୁ ସର୍ବୋଚ୍ଚ ଗ୍ରେଡ୍‌ରେ ରି-ଆକ୍ରେଡିଟେଟ୍ କରିଥିବା ବେଳେ ଏହାର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଫ୍ୟାକଲ୍ଟି, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)କୁ ଆମେରିକାର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମାନ୍ୟତା ପ୍ରଦାନକାରୀ ସଂସ୍ଥା ଆକ୍ରେଡିଶନ୍ ବୋର୍ଡ ଫର୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଆବେଟ୍) ଦ୍ୱାରା ଆକ୍ରେଡିଟେଶନ୍ ମିଳିଛି। ସୋଆର ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଫ୍ୟାକଲ୍ଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଏନ୍‌ଆଇଆର୍‌ଏଫ୍-୨୦୨୦ ର୍‍ୟାଙ୍କିଂରେ ଇଞ୍ଜିନିୟରିଂ କ୍ୟାଟେଗୋରୀରେ ଦେଶରେ ୩୪ତମ ସ୍ଥାନ ହାସଲ କରିଛି। ସେହିପରି ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସୋଆ ନିଜର ସ୍ଥିତି ଜାହିର କରିଛି। ଟାଇମ୍ସ ହାୟର ଏଜୁକେଶନ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଂରେ ସୋଆ ସ୍ଥାନିତ ହୋଇପାରିଛି।

ସେହିପରି ଚଳିତବର୍ଷ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂରେ ସୋଆର ଫ୍ୟାକଲ୍ଟି ଅଫ୍ ମେଡିସିନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଦେଶରେ ୨୩ ତମ ସ୍ଥାନ ହାସଲ କରିଛି। ଟାଇମ୍ସ ହାୟର୍ ଏଜୁକେଶନ୍ ୱାର୍ଲ୍ଡ ର୍‍ୟାଙ୍କିଂ ତାଲିକାରେ ଦେଶର ୯ଟି ମେଡିକାଲ୍ କଲେଜ ମଧ୍ୟରେ ଆଇଏମ୍‌ଏସ୍ ମଧ୍ୟ ନିଜ ସ୍ଥାନ ହାସଲ କରିବାରେ ସଫଳ ହୋଇପାରିଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍‌ସେସ୍ ପ୍ରଥମ ଥର ପାଇଁ ଏନ୍‌ଆଇଆର୍‌ଏଫ୍ ର୍‍ୟାଙ୍କିଂରେ ପ୍ରବେଶ କରିଥିବା ବେଳେ ଦେଶରେ ୧୨ତମ ସ୍ଥାନ ହାସଲ କରିଛି।

୧୬୦୦ ଶଯ୍ୟା ବିଶିଷ୍ଟ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କରୋନା ମହାମାରୀକୁ ପ୍ରତିହତ କରିବା ନିମନ୍ତେ ଇଣ୍ଡିଆନ୍ କାଉନ୍‌ସିଲ୍ ଫର ମେଡିକାଲ୍ ରିସର୍ଚ୍ଚ (ଆଇ୍‌ସିଏମ୍‌ଆର୍) ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ବହୁ ପ୍ରତୀକ୍ଷିତ ଭାକ୍ସିନ୍‌ର ମଣିଷ ଉପରେ ପ୍ରୟୋଗ ନିମନ୍ତେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌କୁ ମନୋନୀତ କରାଯାଇଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ ହସ୍ପିଟାଲ୍ ପୂର୍ବାଞ୍ଚଳରେ ଏକ ପସନ୍ଦଯୋଗ୍ୟ ହସ୍ପିଟାଲ୍ ଭାବେ ପରିଗଣିତ। ଓଡ଼ିଶାରେ ସଫଳତାର ସହ ବୋନ୍ ମ୍ୟାରୋ ପ୍ରତିରୋପଣ ଏବଂ ଲାଇଭ୍ ଡୋନ୍‌ର ଲିଭର ପ୍ରତିରୋପଣ କରିବାରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ହେଉଛି ପ୍ରଥମ ଡାକ୍ତରଖାନା। ଅତ୍ୟାଧୁନିକ ପରୀକ୍ଷା, ସର୍ଜିକାଲ୍ ଏବଂ ଜୀବନ ରକ୍ଷାକାରୀ ସରଞ୍ଜାମ ସମ୍ବଳିତ ଏହି ହସ୍ପିଟାଲ୍‌ରେ ଖୁବ୍ ସୁଲଭ ମୂଲ୍ୟରେ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରାଯାଇଥାଏ।

ଭାରତ ସମେତ ସାରା ବିଶ୍ୱ କୋଭିଡ-୧୯ ମହାମାରୀ ସହ ଯୁଦ୍ଧ କରୁଥିବା ବେଳେ ଓଡ଼ିଶା ସରକାରଙ୍କ ସହ ହାତ ମିଳାଇ ସୋଆ ମଧ୍ୟ ଏହି ଯୁଦ୍ଧରେ ସାମିଲ ହୋଇଛି। ସୋଆ ପକ୍ଷରୁ ତିନୋଟି କୋଭିଡ-୧୯ ହସ୍ପିଟାଲ୍ ସ୍ଥାପନ କରାଯାଇଥିବା ବେଳେ ଦୁଇଟି କୋଭିଡ କେୟାର୍ ସେଣ୍ଟର ମଧ୍ୟ ଆରମ୍ଭ କରାଯାଇଛି।

ଭୁବନେଶ୍ୱରରେ ଏକ ୫୨୫ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ୍ ସୋଆ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ କରାଯାଇଥିବା ବେଳେ କେନ୍ଦ୍ରାପଡ଼ା ଏବଂ ତାଳଚେରରେ ୧୭୦ ଏବଂ ୧୫୦ ଶଯ୍ୟା ବିଶିଷ୍ଟ ଦୁଇଟି କୋଭିଡ ହସ୍ପିଟାଲ୍ ଆରମ୍ଭ କରାଯାଇଛି। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡାକ୍ତର, ନର୍ସ ଏବଂ ପାରାମେଡିକାଲ୍ ଷ୍ଟାଫ୍‌ମାନେ ଏହି ହସ୍ପିଟାଲ୍‌ଗୁଡ଼ିକରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ସେହିପରି ସୋଆ ପକ୍ଷରୁ ଖୋର୍ଦ୍ଧା ଜିଲାର ଜାମୁଝରୀ ଏବଂ ଜଟଣୀରେ ମୋଟ ୮୦୦ ଶଯ୍ୟା ବିଶିଷ୍ଟ ଦୁଇଟି କୋଭିଡ କେୟାର ସେଣ୍ଟର ଆରମ୍ଭ କରାଯାଇଛି।

ସୋଆର ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, ମେଡିକାଲ୍ ସାଇନ୍‌ସେସ୍, ଡେଣ୍ଟାଲ୍ ସାଇନ୍‌ସେସ୍, ନର୍ସିଂ, ଫାର୍ମାସୁଟିକାଲ୍ ସାଇନ୍‌ସେସ୍, ବାୟୋଟେକ୍ନୋଲୋଜି, ହସ୍ପିଟାଲିଟି ଆଣ୍ଡ ଟୁରିଜମ୍ ମ୍ୟାନେଜମେଣ୍ଟ ଏବଂ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ ଫ୍ୟାକଲ୍ଟି ଅଧୀନରେ ୨୪ଟି ଅଣ୍ଡର ଗ୍ରାଜୁଏଟ୍ ଓ ୭୧ଟି ପୋଷ୍ଟ ଗ୍ରାଜୁଏଟ୍, ୧୦ଟି ପୋଷ୍ଟ ମାଷ୍ଟର୍ସ, ପିଏଚ୍.ଡି ଏବଂ ପୋଷ୍ଟ ଡକ୍ଟରାଲ୍ ପ୍ରୋଗ୍ରାମ କରାଯାଉଛି।

ସୋଆର ଅନ୍ୟତମ ମୂଳଲକ୍ଷ୍ୟ ରହିଛି ଗବେଷଣା। ଏଥିପାଇଁ ୧୩ଟି ସ୍ୱତନ୍ତ୍ର ଗବେଷଣା କେନ୍ଦ୍ର ଏବଂ ୪୨ଟି ସ୍ୱତନ୍ତ୍ର ଗବେଷଣା ଲାବ୍ ସ୍ଥାପନ କରାଯାଇଛି। ଏହି କେନ୍ଦ୍ରଗୁଡ଼ିକ ମଧ୍ୟରେ ରହିଛି ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ ଇନ୍ ଥିଓରିଟିକାଲ୍ ଆଣ୍ଡ ମ୍ୟାଥମେଟିକାଲ୍ ସାଇନ୍‌ସେସ୍, ମଲ୍ଟି-ଡିସିପ୍ଲିନାରୀ ରିସର୍ଚ୍ଚ ସେଣ୍ଟର, ସେଣ୍ଟର ଫର୍ ନାନୋ ସାଇନ୍‌ସେସ୍ ଆଣ୍ଡ ନାନୋ ଟେକ୍ନୋଲୋଜି, ସେଣ୍ଟର ଫର୍ ଆପ୍ଲାଏଡ୍ ମ୍ୟାଥମେଟିକ୍ସ, ସେଣ୍ଟର ଫର୍ ରୁରାଲ୍ ଆଣ୍ଡ ଟ୍ରାଇବାଲ୍ ଡେଭଲପ୍‌ମେଣ୍ଟ, ସେଣ୍ଟର ଫର ରିପ୍ରଡକ୍ଟିଭ୍ ହେଲ୍‌ଥ, ନ୍ୟାଶ୍‌ନାଲ୍ ଏମ୍‌ଏସ୍‌ଏମ୍‌ଇ ଡିଜାଇନ୍ ସେଣ୍ଟର, ସେଣ୍ଟର୍ ଫର୍ ବାୟୋ - ଫୁଏଲ୍ ଆଣ୍ଡ ବାୟୋ ପ୍ରୋସେସିଂ ଏବଂ ସେଣ୍ଟର ଫର୍ ଏନ୍‌ଭାଇରନ୍‌ମେଣ୍ଟ ଆଣ୍ଡ କ୍ଲାଇମେଟ୍।

ଏହି ଗବେଷଣା କେନ୍ଦ୍ରଗୁଡ଼ିକ ମଧ୍ୟରୁ ଅନେକ କେନ୍ଦ୍ରଗୁଡ଼ିକୁ ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି (ଡିଏସ୍‌ଟି), ଡିପାର୍ଟମେଣ୍ଟ ଅଫ୍ ବାୟୋଟେକ୍ନୋଲୋଜି (ଡିଓବି), ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନ୍ (ଡିଆର୍‌ଡିଓ), ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍‌ଇଆର୍‌ବି), ଲାଇଫ୍ ସାଇନ୍ସ ରିସର୍ଚ୍ଚ ବୋର୍ଡ (ଏଲ୍‌ଏସ୍‌ଆର୍‌ବି) ଏବଂ କାଉନ୍‌ସିଲ୍ ଫର୍ ସାଇଣ୍ଟିଫିକ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ (ସିଏସ୍‌ଆଇଆର୍) ପକ୍ଷରୁ ଗବେଷଣା ନିମନ୍ତେ ଅନୁଦାନ ପ୍ରଦାନ କରାଯାଇଥାଏ। ୩୮ଟି ଲାବ୍ ଏହି ଗବେଷଣାକେନ୍ଦ୍ର ଗୁଡ଼ିକ ସହିତ ଜଡିତ ରହିଛନ୍ତି। ସୋଆର ଫାକଲ୍ଟି ମେମ୍ବର୍ ଏବଂ ରିସର୍ଚ୍ଚ ସ୍କଲାରମାନଙ୍କର କାର୍ଯ୍ୟଗୁଡ଼ିକ ନିୟମିତ ଭାବେ ଆନ୍ତର୍ଜାତିକ ଜର୍ନାଲ୍‌ଗୁଡ଼ିକରେ ପ୍ରକାଶିତ ହୋଇଥାଏ।

ବିଶ୍ୱବିଦ୍ୟାଳୟ ନାମରେ ୫୮୬୯ଟି ସ୍କୋପସ ଇଣ୍ଡେକ୍ସ ପ୍ରକାଶନ ରହିଥିବା ବେଳେ ଏହାର ଏଚ୍-ଇଣ୍ଡେକ୍ସ ହେଉଛି ୬୯। ସେହିପରି ସୋଆର ଗବେଷକମାନେ ୧୯୩ଟି ପାଟେଣ୍ଟ ନିମନ୍ତେ ଆବେଦନ କରିଥିବା ବେଳେ ୮୩ଟି ପ୍ରକାଶିତ ହୋଇଛି, ୧୭ଟି ପାଟେଣ୍ଟକୁ ଅନୁମୋଦନ ମିଳିଛି। ଏମାନଙ୍କ ମଧ୍ୟରେ ରହିଛି ସେଣ୍ଟର୍ ଫର୍ ନାନୋ ସାଇନ୍‌ସେସ୍ ଏବଂ ନାନୋ ଟେକ୍ନୋଲୋଜିର ୬ଟି ପାଟେଣ୍ଟ।

ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର ସମ୍ମିଳନୀ ଆୟୋଜନ କରିବା ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୭୫୦ ଆସନ ବିଶିଷ୍ଟ କନ୍‌ଭେନ୍‌ସନ୍ ହଲ୍ ନିର୍ମାଣ କରାଯାଇଛି। ୧୨୭ ଏକର ଅଞ୍ଚଳରେ ୫ ଲକ୍ଷ ସ୍କୋୟାର୍ ମିଟର ଉପରେ ନିର୍ମିତ ସୋଆର କ୍ୟାମ୍ପସ୍ ପରିବ୍ୟାପ୍ତ ହୋଇଥିବା ବେଳେ ୨୧୨ଟି ଇ- କ୍ଲାସ୍‌ରୁମ୍ ଏବଂ ୩୪୦ଟି ଅଣ୍ଡର ଗ୍ରାଜୁଏଟ୍ ଏବଂ ପୋଷ୍ଟଗ୍ରାଜୁଏଟ୍ ଲାବରେଟୋରୀ ରହିଛି। ୧୧,୬୧୭ ସ୍କୋୟାର୍ ମିଟର ପର୍ଯ୍ୟବସିତ ଗୋଟିଏ ସେଣ୍ଟ୍ରାଲ୍ ଲାଇବ୍ରେରୀ ରହିଥିବା ବେଳେ ୯ଟି ଇନ୍‌ଷ୍ଟିଚ୍ୟୁଶନାଲ୍ ଏବଂ ୪୨ଟି ଡିପାର୍ଟମେଣ୍ଟାଲ୍ ଲାଇବ୍ରେରୀ ରହିଛି। ସବୁ କ୍ୟାମ୍ପସ୍‌ରେ ନେଟ୍‌ୱର୍କ ସଂଯୋଗ ସହ ୱାଇଫାଇ ବ୍ୟବସ୍ଥା ଉପଲବ୍ଧ।

ସମାଜ ସେବା କ୍ଷେତ୍ରରେ ମଧ୍ୟ ସୋଆ ଅନେକ ଦୃଷ୍ଟାନ୍ତମୂଳକ କାର୍ଯ୍ୟ ହାତକୁ ନେଇଛି। ବସ୍ତି ଅଞ୍ଚଳର ପିଲାମାନଙ୍କର ଯତ୍ନ ଏବଂ ସେମାନଙ୍କୁ ଶିକ୍ଷିତ କରିବା ଦିଗରେ ସୋଆର ସାମାଜିକ ଅନୁଷ୍ଠାନ 'ଜାଗୋ' ଅନେକ ପଦକ୍ଷେପ ଗ୍ରହଣ କରିଛି। କରୋନା ମହାମାରୀ ସମୟରେ ଭୁବନେଶ୍ୱର ଏବଂ ଆଖପାଖ ଅଞ୍ଚଳରେ ଦୈନିକ ୨୦ ହଜାର ଗରିବ ନିରାଶ୍ରୟ ଲୋକଙ୍କୁ ଖାଦ୍ୟ, ମାସ୍କ ଏବଂ ସାନିଟାଇଜର ପ୍ରଭୃତି ସୋଆ ପକ୍ଷରୁ ପ୍ରଦାନ କରାଯାଇଛି।

ସୋଆର ସ୍ୱପ୍ନ ରହିଛି ଅଗ୍ରଣୀ ଅନୁଷ୍ଠାନ ଭାବେ ଶିକ୍ଷାର ଉନ୍ନତି କ୍ଷେତ୍ରରେ ଅଧିକ ମନୋନିବେଶ କରିବା ଏବଂ ଆଗାମୀ ଭବିଷ୍ୟତଙ୍କୁ ଉନ୍ନତମାନର ଶିକ୍ଷା ଓ ନୂତନ ଧରଣର ଗବେଷଣା ପ୍ରତି ଆକୃଷ୍ଟ କରି ଦେଶରେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିଷ୍ଠିତ କରିବା। ମାତ୍ର ମୂଳ ଲକ୍ଷ୍ୟ ରହିଛି ଛାତ୍ରୀଛାତ୍ରଙ୍କୁ ଶିକ୍ଷିତ କରାଇ ସେମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଆଣିବା ଏବଂ ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବା। ଏହାଦ୍ୱାରା ସାମାଜିକ ସ୍ଥିତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ଭବ ହୋଇପାରିବ।

## ପାଠକ ଶ୍ରେଷ୍ଠ ବିଚାରକ

### ଶୁଦ୍ଧ ଓ ସଂକ୍ଷିପ୍ତ ଲିଖନ

ମହାଶୟ,

ଶୁଦ୍ଧ ଓ ନିର୍ଭୁଲ ଭାବେ ଲେଖିବାକୁ ସମସ୍ତେ ଚାହାନ୍ତି। ମାତ୍ର ତାହା କରିପାରନ୍ତି ନାହିଁ। ବହୁ ବିଜ୍ଞ, ପ୍ରାଜ୍ଞ ବ୍ୟକ୍ତି ଘଣ୍ଟା ଘଣ୍ଟା ଧରି ଓଜସ୍ୱିନୀ ଭାଷଣ ଦେଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦିଅନ୍ତି। ମାତ୍ର କେତୋଟି ଧାଡ଼ି ଶୁଦ୍ଧ ଓ ନିର୍ଭୁଲ ଭାବେ ଲେଖିପାରନ୍ତି ନାହିଁ। ଲେଖାଲେଖି କରିବା ଏକ କଳା। ତେବେ ଲେଖାରେ ବନାନ ଶୁଦ୍ଧି ସହ ଭାଷା ଓ ଭାବର ସମନ୍ୱୟ ରହିବା ଆବଶ୍ୟକ। ସୂଚନାଧର୍ମୀ, ମନୋରଞ୍ଜନଧର୍ମୀ ଓ ସୃଜନଶୀଳ ଲେଖା ଭିନ୍ନ ଭିନ୍ନ ହେଲେ ମଧ୍ୟ ସବୁ ଲେଖା ସରଳ, ସାବଲୀଳ ଓ ବୋଧଗମ୍ୟ ହେବା ଉଚିତ। ପ୍ରତ୍ୟେକ ଲେଖକ ନିଜ ନିଜ ଶୈଳୀରେ ଲେଖନ୍ତି। ଲେଖାର ଶୈଳୀ ଯାହାହେଉ, ଏହା ସରଳ, ସ୍ପଷ୍ଟ ଓ ଅର୍ଥପୂର୍ଣ୍ଣ ହେବା ଦରକାର। ଲେଖା ମଧ୍ୟ ସଂକ୍ଷିପ୍ତ, ତଥ୍ୟ ଓ ତତ୍ତ୍ୱପୂର୍ଣ୍ଣ ହେବା ଆବଶ୍ୟକ। ଏହାର କାରଣ, ସଂକ୍ଷିପ୍ତ କଥନ ଓ ଲିଖନ ମୁନିଆ କଣ୍ଟା ପରି ମନ ଭିତରେ ଗଳି ଯାଏ। ଏହାଛଡ଼ା ଅଧ୍ୟୟନ କରିବା ପାଇଁ ବହୁ ଶାସ୍ତ୍ର ଓ ଗ୍ରନ୍ଥ ରହିଛି। ଜାଣିବା ପାଇଁ ମଧ୍ୟ ଅନେକ ବିଷୟ ରହିଛି। ମାତ୍ର ଜୀବନକାଳ ଅତି ସ୍ୱଳ୍ପ ଓ ବିଘ୍ନ ମଧ୍ୟ ଅନେକ ଅଛି। ଏଣୁ ହଂସ ଯେପରି ପାଣି ମିଶା କ୍ଷୀରରୁ କେବଳ କ୍ଷୀର ଗ୍ରହଣ କରିଥାଏ, ସେହିପରି ପାଠକ କେବଳ ସାର ବିଷୟ ପଠନ ଓ ମନନ କରିବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜୁଲାଇ ୧୯୯୫

- ଦେଶରେ ପ୍ରଥମ ଥର ପାଇଁ ସ୍କୁଲମାନଙ୍କରେ ଜାତୀୟ ସଂହତିଭିତ୍ତିକ ସଙ୍ଗୀତ ଶିକ୍ଷା ଦେବାର ଯୋଜନା ଆରମ୍ଭ କରାଯାଇଛି।
- ଚାଇନା ଜନ୍ମିତ ଶିଶୁକନ୍ୟା ଡୋଙ୍ଗ୍ ଜେଙ୍ଗ ୧୯ ମାସ ବୟସରେ ୩୦୦୦ ଚାଇନା ଶବ୍ଦ ପଢ଼ିବା ଓ ଲେଖିବା ଭଳି ସଫଳତା ପାଇଁ ତା'ର ନାମ ସାଂଘାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି।

## ଚିରନ୍ତନୀ

ଅଧର ଶୋଭାର ଜଗତେ କାହିଁଛି ମୂଲ
ସବୁ କବିତାର ଛନ୍ଦ ତହିଁରେ ଠୁଳ!
ପାଦରେ ଫୁଟାଇ ପୀରତିର ପାରିଜାତ
କେଉଁ ସ୍ୱର୍ଗର ନର୍ତ୍ତକୀ କହ ତୁଲୋ! (ରୂପର ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ବେଙ୍ଗାଲୁରୁରେ ଓଡ଼ିଆ ଯୁବକ ନିଖୋଜ

**ତିଗିରିଆ,୧୬।୭(ଡି.ଏନ୍.ଏ.):** କାମ କରିବାକୁ ଯାଇ ବେଙ୍ଗାଲୁରୁରେ ନିଖୋଜ ହୋଇଯାଇଛନ୍ତି ଜଣେ ଓଡ଼ିଆ ଶ୍ରମିକ। ସେ ହେଲେ ତିଗିରିଆ ଥାନା ଗଦାଧରପୁର ପଞ୍ଚାୟତ କଳିବୀର ଗ୍ରାମର ଦ୍ୱିଜବର ଖଟୁଆ (୪୬)। ଜୁଲାଇ ୬ରୁ ସେ ନିଖୋଜ ଥିବା ତାଙ୍କ ସ୍ତ୍ରୀ ରଞ୍ଜୁ ତିଗିରିଆ ଥାନାରେ ଅଭିଯୋଗ କରିଛନ୍ତି। ଏକ କମ୍ପାନୀରେ ରାଜମିସ୍ତ୍ରି କାମ କରିବାକୁ ଦ୍ୱିଜବର ଜୁଲାଇ ୧ରେ ବେଙ୍ଗାଲୁରୁ ଯାଇଥିଲେ। ତାଙ୍କ ସହ ସ୍ଥାନୀୟ ଅଞ୍ଚଳର ଆଉ ୧୦ ଜଣ ମଧ୍ୟ ଥିଲେ। ସେଠାରେ କମ୍ପାନୀ ସେମାନଙ୍କୁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖିଥିଲା। ପରଦିନ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ଜୁଲାଇ ୬ରେ ସେମାନଙ୍କୁ ଏକ ବସ୍ ଯୋଗେ କମ୍ପାନୀକୁ ନିଆଯାଇଥିଲା। ସ୍ୱାବ୍ ରିପୋର୍ଟ ଆସିବା ପରେ ସେମାନଙ୍କ ଗେଟ୍ ପାସ କରି ଭିତରକୁ ଛଡ଼ାଯିବ ବୋଲି କମ୍ପାନୀ କହିଥିଲା। ଦ୍ୱିଜବର ଅନ୍ୟ ଶ୍ରମିକଙ୍କ ସହ ପାଖ ବଜାରକୁ ଯାଇ ଆଉ ଫେରି ନ ଥିଲେ। ଏନେଇ କମ୍ପାନୀ ପକ୍ଷରୁ ନିକଟସ୍ଥ କରମଗୋଲା ଥାନାରେ ଅଭିଯୋଗ କରାଯାଇଛି। ଏନେଇ ଥାନା ଅଧିକାରୀ ରବୀନ୍ଦ୍ର ଭୁଜବଳ କହିଛନ୍ତି, ଅଭିଯୋଗ ଅନୁସାରେ ଏକ ନିଖୋଜ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ।

### କଇଁଚି ଭୁସି ଯୁବକଙ୍କୁ ହତ୍ୟା

**ବଡ଼ମ୍ବା ୧୬।୭( ଡି.ଏନ୍.ଏ.):** କଟକ ଜିଲା ବଡ଼ମ୍ବା ଥାନା ଗୋପପୁର ପଞ୍ଚାୟତ ଅନ୍ତର୍ଗତ ପଙ୍କାଳ ଗ୍ରାମରେ ଗୁରୁବାର ଅପରାହ୍ନରେ କଇଁଚିରେ ଭୁସି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତକ ହେଲେ ଉକ୍ତ ଗ୍ରାମର ଗୋପାଳ ସାହୁ (୨୫)। ପୂର୍ବଶତ୍ରୁତାରୁ ଗୋପାଳଙ୍କୁ ହତ୍ୟା କରାଯାଇଛି ବୋଲି ଭାଇ ମାନଗୋବିନ୍ଦ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୪୩/୨୦)ରୁଜୁ କରାଯାଇ ଅଭିଯୁକ୍ତ ଭରତ ସାହୁ (୪୦)ଙ୍କୁ ଅଟକ ରଖାଯାଇଛି। ଅଭିଯୋଗ ଅନୁଯାୟୀ, ଅପରାହ୍ନ ସମୟରେ ଗୋପପୁରସ୍ଥିତ ଏସ୍‌ବିଆଇ ଏଟିଏମ୍ ନିକଟରେ ଗୋପାଳ ଓ ଭରତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଭରତ ଉତ୍ତ୍ୟକ୍ତ ହୋଇ ଏକ କଇଁଚି ଗୋପାଳଙ୍କ ପେଟରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗୋପାଳଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ଭାରପ୍ରାପ୍ତ ଅଧିକାରୀ ବସନ୍ତ କୁମାର ଶତପଥୀ ସୂଚନା ଦେଇଛନ୍ତି।

# ୧୧ ବର୍ଷ ତଳେ ରତ୍ନଭଣ୍ଡାରରୁ ଚୋରି ଚର୍ଚ୍ଚା

**ପୁରୀ ଅଫିସ,୧୬।୭**

**ପଶ୍ଚିମ ଦ୍ୱାରରେ ମିନିଟ୍ରକ୍‌ରେ ଲଦି ନିଆଯାଇଥିଲା**

- ସୋସିଆଲ ମିଡିଆରେ ବୁଲୁଛି କାହାଣୀ
- ଜଣେ ଭକ୍ତ ଦେଖିଥିବା ଭାଇରାଲ ପତ୍ରରେ ଉଲ୍ଲେଖ
- ତଦନ୍ତ ହେଲେ ଜଣାପଡ଼ିବ ସତ୍ୟାସତ୍ୟ

ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କ ବହୁ ଦୁର୍ମୂଲ୍ୟ ରତ୍ନଅଳଙ୍କାର ଚୋରି ହୋଇଛି। ୧୧ ବର୍ଷ ତଳେ ବରିଷ୍ଠ ଅଧିକାରୀ, ପୋଲିସ ଏବଂ ସେବାୟତଙ୍କ ମଧୁଚନ୍ଦ୍ରିକାରେ ଏହାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ଶ୍ରୀମନ୍ଦିର ପଶ୍ଚିମଦ୍ୱାର ସମ୍ମୁଖରେ ରାତିରେ ଲାଗିଥିବା ଏକ ମିନିଟ୍ରକ୍‌ରେ ରତ୍ନଅଳଙ୍କାର ନିଆଯାଇଛି। ଏମିତି ଏକ ଶୀତ ରାତିର କାହାଣୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ପୁରୀ ସହରର ବିଭିନ୍ନ କାନ୍ଥ, ପାଚେରିରେ ମଧ୍ୟ ଏଭଳି ପତ୍ର ଲଗାଯାଇଛି। ଯୋଜନାବଦ୍ଧ ଭାବେ ଏହି ଲୁଟ୍ ହୋଇଥିଲେ ହେଁ ସେଦିନ ଜଣେ ଭକ୍ତ କିନ୍ତୁ ଏହାକୁ ଦେଖିଥିଲେ। ରାତି ଅଧରେ ଠାକୁରଙ୍କ ରତ୍ନଅଳଙ୍କାର ବାହାରକୁ କାହିଁକି ନିଆଯାଉଛି ବୋଲି କେତେଜଣ ସେବାୟତଙ୍କୁ ପ୍ରଶ୍ନ କରିଥିଲେ। ହେଲେ ସେମାନଙ୍କ ନାଲିଆଖି ଦେଖି ସମ୍ପୃକ୍ତ ଭକ୍ତ ଚୁପ୍ ହୋଇ ଫେରିଆସିଥିଲେ ବୋଲି ଉକ୍ତ ପତ୍ରରେ ଲେଖାଯାଇଛି। ତେବେ ଦୀର୍ଘ ୧୧ ବର୍ଷ ପରେ ଏଭଳି ଏକ ଅଭିଯୋଗର ସତ୍ୟତା ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗର ସତ୍ୟତା ଜାଣିବାକୁ ହେଲେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାର ଗଣତି କରାଗଲେ ସତ୍ୟାସତ୍ୟ ସ୍ପଷ୍ଟ ହୋଇଯିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଥିବା ଏହି ପତ୍ରରେ ଉଲ୍ଲେଖ ରହିଛି ଯେ, ୧୧ ବର୍ଷ ତଳେ ରତ୍ନଭଣ୍ଡାରରୁ ରତ୍ନଅଳଙ୍କାର ଚୋରି ହୋଇଥିଲା। ପୂର୍ବରୁ ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶୀତଋତୁର ଦ୍ୱିତୀୟ ଶନିବାର ରାତି। ସେଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତି ସଅଳ ସାରି ରାତ୍ର ପହୁଡ଼ ହୋଇ ସମସ୍ତଙ୍କୁ ବାହାର କରିଦିଆଯାଇଥିଲା। ଏହାପରେ ରତ୍ନଅଳଙ୍କାର ଚୋରି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପଶ୍ଚିମଦ୍ୱାରରେ ଏକ ୪୦୭ ଗାଡ଼ି (ମିନିଟ୍ରକ୍) ରଖାଯାଇଥିଲା। ଗାଣ୍ଡୁଆ ଚଉରା ଛକରୁ ପଶ୍ଚିମ ଦ୍ୱାର ଏବଂ ଲକ୍ଷ୍ମୀବଜାରରୁ ପଶ୍ଚିମଦ୍ୱାରକୁ ସଂଯୋଗ କରୁଥିବା ରାସ୍ତାକୁ ସିଲ୍ କରାଯାଇଥିଲା। ଅନେକ ପୋଲିସ କର୍ମଚାରୀ ଏଥିରେ ନିୟୋଜିତ ହୋଇଥିଲେ। ଶୀତ ରାତିରେ କେହି ଆଉ ଆସିବେନି ବୋଲି ଏଥିରେ ସମ୍ପୃକ୍ତ ଅଧିକାରୀ, ପୋଲିସ ଏବଂ ସେବାୟତ ଭାବିନେଇଥିଲେ। କିନ୍ତୁ ମହାପ୍ରଭୁ ଚମତ୍କାରିତା କଲେ। ସ୍ୱପ୍ନରେ ଜଣେ ଭକ୍ତଙ୍କୁ ଡାକିଲେ। ସମ୍ପୃକ୍ତ ଭକ୍ତ ନିଦରୁ ଉଠି ସିଂହଦ୍ୱାରରେ ପହଞ୍ଚିଲେ। ସବୁ ଶୂନ୍‌ଶାନ୍ ଦେଖି ମନ୍ଦିର ଭିତରକୁ ପ୍ରବେଶ କଲେ। ସାକ୍ଷୀଗୋପାଳ ମନ୍ଦିର ଅତିକ୍ରମ କରିବା ପରେ ବିମଳା ମନ୍ଦିର ପାଖରୁ ଦେଖିବାକୁ ପାଇଥିଲେ ଯେ, କେତେଜଣ ସେବାୟତ ଜଳକ୍ରୀଡ଼ା ମଣ୍ଡପ ନିକଟରେ ଛିଡ଼ା ହୋଇଛନ୍ତି। ସେମାନଙ୍କ ପାଖକୁ ଯିବାରୁ ତାଙ୍କୁ ପ୍ରଶ୍ନ କରାଗଲା କିରେ ଟୋକା ଏତେ ରାତିରେ କୁଆଡ଼େ ଆସିଛୁ? ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଛି କହିବାରୁ ଉତ୍ତର ମିଳିଲା ଠାକୁର ଶୋଇପଡ଼ିଲେଣି। ଏହି ସମୟରେ ବେହେରଣ ଦ୍ୱାର ଦେଇ ରତ୍ନଅଳଙ୍କାର ପଶ୍ଚିମ ଦ୍ୱାର ଆଡ଼କୁ ନିଆଯାଉଥିବା ଭକ୍ତଙ୍କ ନଜରରେ ପଡ଼ିଲା। ଏତେ ରାତିରେ ଅଳଙ୍କାର କୁଆଡ଼େ ଯାଉଛି ଭକ୍ତ ପଚାରିବାରୁ ମରାମତି ପାଇଁ ଯାଉଥିବା ସେହି ସେବାୟତମାନେ କହିଥିଲେ। ଯଦି ମରାମତି ହେବାର ଥିଲା ରାତି ଅଧରେ କ’ଣ ପାଇଁ ଯାଉଛି ବୋଲି ପଚାରିବାରେ ସେବାୟତ କହିଲେ ‘ତୁ ପୁରୀ ବାହାର ଟୋକା, ଯାହା ଦେଖିଲୁ କାହାକୁ କହିବୁ ନାହିଁ। ଏଠାରୁ ତୁରନ୍ତ ପଳେଇ ଯା।’ ଭୟରେ ଭକ୍ତ ଜଣଙ୍କ ପୁଣି ସିଂହଦ୍ୱାର ଦେଇ ବାହାରକୁ ପଳାଇ ଆସିଲେ। ଦକ୍ଷିଣଦ୍ୱାର ଦେଇ ଆଗକୁ ଗଲେ।



କାନ୍ଥରେ ଲଗାଯାଇଥିବା ପତ୍ର।

ଗାଣ୍ଡୁଆ ଚଉରା ଛକରେ ପୋଲିସ ଅଟକାଇ ଏତେ ରାତିରେ କୁଆଡ଼େ ଯିବ ପଚାରିଲେ। ଜଣେ ବନ୍ଧୁଙ୍କ ଘରକୁ ଯିବି ବୋଲି ସେ କହିଥିଲେ। ମାତ୍ର ପୋଲିସ ଶୁଣି ନ ଥିଲା। ବହୁ ଯୁକ୍ତିତର୍କ ହେବା ପରେ ଛାଡ଼ିଥିଲା। ପଶ୍ଚିମଦ୍ୱାରରେ ପହଞ୍ଚି ଦେଖିଲେ କେତେଜଣ ପ୍ରଶାସନିକ ଅଧିକାରୀ, ପୋଲିସ ଛିଡ଼ା ହୋଇଛନ୍ତି ଏବଂ ରତ୍ନଅଳଙ୍କାର ଅଣାଯାଇ ମିନିଟ୍ରକ୍‌ରେ ଲଦାଯାଉଛି। ସେଠାରେ ଯୁକ୍ତିତର୍କ ପରେ ଭକ୍ତ ଜଣଙ୍କ ଘରକୁ ଫେରିଯାଇଥିଲେ। ସେଦିନ ରାତିରେ ଯେଉଁ ସେବାୟତ ନାଲିଆଖି ଦେଖାଇ ମିଛ କହିଥିଲେ କିଛିବର୍ଷ ତଳେ ସେ କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ପରେ ସାମାନ୍ୟ ସୁସ୍ଥ ହୋଇଛନ୍ତି। ତାଙ୍କଠାରୁ ତଦନ୍ତ ଆରମ୍ଭ ହେଲେ ରତ୍ନ ଅଳଙ୍କାର ଚୋରିର ଗୁମର ଖୋଲିବ ବୋଲି ପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ଅତିରିକ୍ତ ଏସ୍‌ପି ଅରୁଣ ଜେନାଙ୍କୁ ପଚାରିବାରେ କହିଛନ୍ତି, ଏଭଳି ପୋଷ୍ଟର ଲାଗିବା ନେଇ ପୋଲିସ ନିକଟରେ କୌଣସି ସୂଚନା ନାହିଁ। ଯଦି ଅଭିଯୋଗ ଆସେ ତେବେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ଖୁଦୁରୁକୁଣୀ ପାଇଁ କଟକ କୁମ୍ଭାରସାହିରେ ଜଣେ ଶିଳ୍ପୀ ଗୁରୁବାର ମୃଣ୍ମୟୀ ପ୍ରତିମା ଗଢ଼ିବାରେ ବ୍ୟସ୍ତ।

# ବିଷ୍ଣୁଭାଇ ଥିଲେ ଯୁବପିଢ଼ିଙ୍କ ପାଇଁ ଆଦର୍ଶ

**ରଘୁନନ୍ଦନ ଦାସ**

ନିଜ ପ୍ରିୟ ପରିଜନଙ୍କ ଦେହାନ୍ତ ସହଜରେ ବିଶ୍ୱାସ କରିହୁଏନି। ସଦା ହସ ହସ ମୁହଁ, କର୍ମତତ୍ପର, ପ୍ରବୀଣ ରାଜନୀତିଜ୍ଞ, ଜଗତ୍‌ସିଂହପୁର ମାଟିର ସୁଯୋଗ୍ୟ ସନ୍ତାନ ବିଷ୍ଣୁ ଦାସ ଆଜି ଆମ ଗହଣରେ ନାହାନ୍ତି। ପୂର୍ବତନ ମନ୍ତ୍ରୀ, ଏମ୍‌ପି, ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ତଥା ଚଳିତ ବିଧାନ ସଭାରେ ତିର୍ତ୍ତୋଲ ବିଧାୟକ ରହିଥିବା ବିଷ୍ଣୁ ଦାସଙ୍କ ଗତ ୬ତାରିଖରେ ୬୯ବର୍ଷ ବୟସରେ ପରଲୋକ ଘଟିଛି। ଦୀର୍ଘବର୍ଷର ରାଜନୈତିକ ଜୀବନରେ ଜଗତ୍‌ସିଂହପୁର ଜିଲା ପାଇଁ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଅମର କରି ରଖିବ। ଜଣେ ଦକ୍ଷତାସମ୍ପନ୍ନ ନେତୃତ୍ୱ ଭାବେ ସେ ରାଜ୍ୟ ତଥା ଜାତୀୟ ରାଜନୈତିକ ଇତିହାସରେ ତାଙ୍କର ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି।

ବିଷ୍ଣୁଭାଇ ସମସ୍ତଙ୍କ ପାଇଁ ଆଦର୍ଶ। ଜଗତ୍‌ସିଂହପୁରର ଆବାଳବୃଦ୍ଧବନିତାଙ୍କ ପାଇଁ ସେ ବିଷ୍ଣୁ ଭାଇ ନାମରେ ପରିଚିତ ଥିଲେ। ବିଷ୍ଣୁ ଭାଇଙ୍କ ସହିତ ମୋର ସ୍ମୃତି ଓ ଅନୁଭୂତି ସବୁଦିନ ଅଭୁଲା ହୋଇରହିବ। ତାଙ୍କର ଅସୁସ୍ଥତା ଖବର ପାଇ ମୁଁ ଆପୋଲୋ ହସ୍ପିଟାଲରେ ତାଙ୍କୁ ଦେଖା କରିଥିଲି। ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସେତେବେଳେ ଗୁରୁତର ଥିଲା। ତାଙ୍କର ଦେହାନ୍ତ ପରେ ଭୁବନେଶ୍ୱରରୁ ଜଗତସିଂହପୁରକୁ ପାର୍ଥିବ ଶରୀର ଆସିବାଠାରୁ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ସବୁଥିରେ ମୁଁ ଯୋଗଦେଇଥିଲି। ଛାତ୍ର ଜୀବନରେ ରାଜନୀତିଠାରୁ ଆରମ୍ଭ କରି ୧୯୯୭ରେ ମୋର ବିଜୁ ଜନତା ଦଳରେ ଯୋଗଦାନ ଓ ପରେ ପରେ ରାଜନୈତିକ ଜୀବନର ପ୍ରତିଟି କ୍ଷେତ୍ରରେ ବିଷ୍ଣୁ ଭାଇ ମୋତେ ମାର୍ଗଦର୍ଶନ କରୁଥିଲେ। ଛାତ୍ର ଜୀବନରେ ଜଗତସିଂହପୁରର ସ୍ୱାମୀ ବିବେକାନନ୍ଦ ମେମୋରିଆଲ ମହାବିଦ୍ୟାଳୟ(ଏସ୍‌ଭିଏମ୍ କଲେଜ)ରେ ଆମେ ଅଧ୍ୟୟନ କରୁଥିଲୁ। ଆମେ ସବୁ ଅଣ କଂଗ୍ରେସ ରାଜନୀତିରେ ଥିଲୁ। ୧୯୯୭ରେ ବିଜୁ ଜନତା ଦଳ( ବିଜେଡି) ଗଠିତ ହେଲା। ସେ ସମୟରେ ବିଷ୍ଣୁ ଭାଇଙ୍କ ଆହ୍ୱାନ କ୍ରମେ ମୁଁ ବିଜେଡିରେ ନବୀନବାବୁଙ୍କ ଉପସ୍ଥିତିରେ ଯୋଗଦେଇଥିଲି। ବିଷ୍ଣୁ ଭାଇଙ୍କର ଜଗତସିଂହପୁର ଜିଲା ବାଲିକୁଦା ଏବଂ ନାଉଗାଁ ଅଞ୍ଚଳବାସୀଙ୍କ ସହିତ ନିବିଡ଼ ସମ୍ପର୍କ ଥିଲା। ସେହି ସମ୍ପର୍କକୁ ଆଧାର କରି ସେ ଏହି ଅଞ୍ଚଳରେ ସଂଗଠନକୁ ସୁଦୃଢ଼ କରିବାରେ ମୋତେ ସହଯୋଗ କରିଥିଲେ। କେବଳ ବାଲିକୁଦା ଓ ନାଉଗାଁ ଅଞ୍ଚଳ ନୁହେଁ, ବିଶେଷକରି ଜଲାର ଯେଉଁ ଅଞ୍ଚଳକୁ ପହଞ୍ଚିବାରେ ଯାତାୟାତର ଅସୁବିଧା ଥିଲା, ସେହିସବୁ ଅଗମ୍ୟ ଅଞ୍ଚଳରେ ନଦୀନାଳ ପାର ହୋଇ ପହଞ୍ଚି ମୋ ସହିତ ସାଂଗଠନିକ କାର୍ଯ୍ୟରେ ସେ ବିନା ଦ୍ୱିଧାରେ ସହାୟତା କରିଥିଲେ। ଛାତ୍ର ରାଜନୀତି ସମୟରୁ ସେ ମୋତେ ବରାବର ପରାମର୍ଶ ଓ ସହଯୋଗ ଦେଇଆସୁଥିଲେ। ରାଜ୍ୟ ରାଜନୀତିକୁ ଆସିବା ପୂର୍ବରୁ ବିଷ୍ଣୁ ଭାଇ କିଛିଦିନ ଓକିଲାତି କରିଥିଲେ ଓ ସେହି ସମୟରେ ମୁଁ ମଧ୍ୟ ଓକିଲାତି କରୁଥିଲି। ଏଣୁ ଆମ ଦୁଇଜଣଙ୍କ ସମ୍ପର୍କ ଆହୁରି ଘନିଷ୍ଠ ହୋଇଥିଲା। ୧୯୭୫ରେ ଦେଶରେ ଜରୁରିକାଳୀନ ପରିସ୍ଥିତି ସମୟରେ ସେ ସମସ୍ତଙ୍କୁ ଏକାଠି କରିବାରେ ସମର୍ଥ ହୋଇଥିଲେ। ତାଙ୍କ ସହିତ ମୋର ଅତି ସ୍ମରଣୀୟ ଘଟଣା ହେଉଛି, ୧୯୮୦ରେ ଛବିରାଣୀ ହତ୍ୟାକାଣ୍ଡ ଭଳି ଏକ ଲୋମହର୍ଷଣକାରୀ ଘଟଣା ସମୟର। ସେତେବେଳେ ଏହି ଘଟଣା କେବଳ ଆମ ରାଜ୍ୟ କି ଦେଶ ନୁହେଁ, ବିଶ୍ୱରେ ଚହଳ ପକାଇଥିଲା। ସେ ସମୟରେ ବିଷ୍ଣୁଭାଇ ଏଭଳି ଘଟଣାରେ ଦୃଢ଼ ପ୍ରତିବାଦର ସ୍ୱର ଉତ୍ତୋଳନ କରୁଥାନ୍ତି ଓ ମୁଁ ମଧ୍ୟ ତାଙ୍କ ସହ ସାମିଲ ହୋଇଥିଲି। ଏହି ଘଟଣାରେ ରବିରାୟ, କୁଲଦୀପ ସିଂ ଏବଂ ମଧୁ ଲିମାଏଙ୍କ ଭଳି ଦେଶର ବିଶିଷ୍ଟ ରାଜନୈତିକ ନେତୃବୃନ୍ଦଙ୍କୁ ସାମିଲ କରି ବିଷ୍ଣୁ ଭାଇ ରାଜ୍ୟ ତଥା ଜାତୀୟ ରାଜନୀତିରେ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହୋଇପାରିଥିଲେ।

ଜଗତ୍‌ସିଂହପୁର ଜିଲାର ସାମଗ୍ରିକ ବିକାଶ ଲାଗି ବିଷ୍ଣୁ ଭାଇ ଖୁବ୍ ଆଶାବାଦୀ ଥିଲେ। ଏକ ସାଧାରଣ ପରିବାରରେ ସେ ଜନ୍ମଗ୍ରହଣ କରି ଦାରିଦ୍ର୍ୟର କଷାଘାତ ମଧ୍ୟରେ ଆଗକୁ ବଢ଼ିଥିଲେ। ବିଜୁବାବୁଙ୍କୁ ଆଦର୍ଶ ଭାବେ ଗ୍ରହଣ କରି ସେ ଜଣେ ସଫଳ ରାଜନେତା ହୋଇପାରିଥିଲେ ଓ ଅନ୍ୟମାନଙ୍କ ପାଇଁ ଥିଲେ ପ୍ରେରଣାର ଉତ୍ସ। ୧୯୭୭ ମସିହାରେ ବିଷ୍ଣୁ ଦାସ ଜଗତସିଂହପୁର ଏସ୍‌ଭିଏମ୍ କଲେଜର ଛାତ୍ରସଂସଦର ସଭାପତି ହେଲେ ଓ ପରେ ପରେ ତିନିତିନି ଥର ଛାତ୍ରସଂସଦର ସଭାପତି ହୋଇଥିଲେ। ୧୯୯୦ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଲଗାତର ୫ ଥର ଜଗତ୍‌ସିଂହପୁର ବିଧାନସଭା କ୍ଷେତ୍ରରୁ ବିଜୟୀ ହେବା ସହ ୨୦୧୯ରେ ତିର୍ତ୍ତୋଲ ଆସନରୁ ସେ ବିଜୟୀ ହୋଇଥିଲେ। ଏହା ମଧ୍ୟରେ ସେ ରାଜ୍ୟରେ କ୍ୟାବିନେଟ୍ ମନ୍ତ୍ରୀ ଓ ରାଜ୍ୟସଭା ସଦସ୍ୟ ତଥା ଯୋଜନା ବୋର୍ଡର ଉପାଧ୍ୟକ୍ଷ ହୋଇଥିଲେ। ଯୁବବର୍ଗ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଜଗତସିଂହପୁର ଜିଲା ତଥା ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ଆଗକୁ ବଢ଼ିଛନ୍ତି। ଦଳମତ ନିର୍ବିଶେଷରେ ବିଷ୍ଣୁ ଦାସ, ଆମ ସମସ୍ତଙ୍କର ପ୍ରିୟ ବିଷ୍ଣୁ ଭାଇ ଥିଲେ ଜଣେ ଦରଦୀ, ସ୍ନେହୀ, ନିଷ୍କପଟ ଓ ବିରଳ ବ୍ୟକ୍ତିତ୍ୱ। ତାଙ୍କର ଅସୁସ୍ଥତା ଜନିତ ଅକାଳ ବିୟୋଗ ଆମ ସମସ୍ତଙ୍କୁ ମର୍ମାହତ କରିଛି। ତାଙ୍କ ବିୟୋଗ ଆମ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ବିଷ୍ଣୁଭାଇଙ୍କର ସଂଗ୍ରାମୀ ଜୀବନ ଓ ଆଦର୍ଶ ଆମ ସମସ୍ତଙ୍କୁ ବିଶେଷ କରି ଯୁବପିଢ଼ିକୁ ଅନୁପ୍ରାଣିତ କରୁ, ଏହା ମୁଁ କାମନା କରୁଛି।

**– ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ**
**୯୯୩୭୭୦୫୩୧୮**

**ଦ୍ୱାଦଶାହ ଉପଲକ୍ଷେ**



# ଛତ୍ରଭଙ୍ଗ ଦେଲେ ମାଓବାଦୀ

**ଚିତ୍ରକୋଣ୍ଡା, ୧୬।୭(ଡି.ଏନ.ଏ.)**

- ସ୍ୱାଭିମାନ ଅଞ୍ଚଳରେ ଅପରେଶନ
- ମୁଟିମପୁଟ ଜଙ୍ଗଲରେ ଗୁଳି ବିନିମୟ
- ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅଧୀନ ମୁଟିମପୁଟ ଜଙ୍ଗଲରେ ଗୁରୁବାର ସକାଳେ ସୁରକ୍ଷାକର୍ମୀ–ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଯବାନଙ୍କ ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ଲାଲ୍‌ବାହିନୀ ଛତ୍ରଭଙ୍ଗ ଦେଇଛନ୍ତି। ସର୍ଚ୍ଚ ଅପରେଶନ ବେଳେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ସହ ଗୋଟିଏ ‘ଏ–୩୦୩’ ବନ୍ଧୁକ ଜବତ କରାଯାଇଛି।

ମୁଟିମପୁଟ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଇ ଏସ୍‌ପି ଡି. ଋଷିକେଶ ଖିଲାରିଙ୍କ ନେତୃତ୍ୱରେ ଆନ୍ଧ୍ର–ଓଡ଼ିଶା ବର୍ଡର ସିକ୍ୟୁରିଟି ଫୋର୍ସ, ଏସ୍‌ଓଜି, ଡିଭିଏଫ୍ ଯବାନମାନେ ମିଳିତ ଅପରେଶନ ଆରମ୍ଭ କରିଥିଲେ। ସେଠାରେ ଥିବା ଏକ ଶିବିରକୁ ଯବାନମାନେ ଘେରିଯିବା ପରେ ମାଓବାଦୀମାନେ ଜୀବନ ବଞ୍ଚାଇବାକୁ ଗୁଳି ଚଳାଇଥିଲେ। ସୁରକ୍ଷାକର୍ମୀମାନେ ମଧ୍ୟ ଏହାର କଡ଼ା ଜବାବ ଦେଇଥିଲେ। ସୁରକ୍ଷା ବଳର ଆକ୍ରମଣର ସମ୍ମୁଖୀନ ହୋଇ ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେବାକୁ ବାଧ୍ୟ ହୋଇଥିଲେ। ସେହିପରି ଗୁରୁପ୍ରିୟା ସେତୁ ଅଞ୍ଚଳରୁ ମଧ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ମାଓବାଦୀଙ୍କ ଗୋଟିଏ କ୍ୟାମ୍ପକୁ ଯବାନମାନେ ବିସ୍ଫୋରଣ କରି ଉଡାଇ ଦେଇଥିବା ଜଣାପଡିଛି। ଗୁଳି ବିନିମୟରେ କେହି ମୃତାହତ ହୋଇନାହାନ୍ତି। ଏସ୍‌ପି ଖିଲାରିଙ୍କ ନେତୃତ୍ୱରେ ଏହି ଅପରେଶନ ଜାରି ରହିଥିବା ଆଇଜି (ଅପରେଶନ) ଅମିତାଭ ଠାକୁର ସୂଚନା ଦେଇଛନ୍ତି।



ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

MAHESWARI FINANCE
LOAN IN 3 DAYS
ମହିଳା/ପୁରୁଷ, ଦୋକାନୀ ବ୍ୟବସାୟୀ, ମାର୍କଶିଟ୍, ପ୍ରପର୍ଟି, କମ୍ ସୁଧ ହାରରେ (2,00,000-10,00,000) ଲକ୍ଷ ଋଣ ଉପଲବ୍ଧ।
Contact 9716825082 9911637672

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ | ବାଇକ୍
ଭଡ଼ା- 65,000 | ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
70876-30455
B-34/7 A Block Vijay Enclave, Bururi, New Delhi

BIJAY FINANCE
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

କାମ ନ ହେଲେ ପୁରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ – My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନି ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ | + ମାସିକ 20 ହଜାରର
ଭଡ଼ା: 45 ହଜାର | ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହସ୍ପିଟାଲରୁ ଚିକିତ୍ସା ନ ପାଇ କେହି ଫେରିବେନି

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

## ସିଡିଏମ୍‌ଓଙ୍କ ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

- ଟିକାକରଣ, ମା’ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ
- ଚିକିତ୍ସା କ୍ଷେତ୍ରରେ ଅବହେଳାକୁ ଗ୍ରହଣ କରାଯିବନି
- ଏନ୍‌ଏଚ୍‌ଏମ୍ କାର୍ଯ୍ୟକ୍ରମର ଲକ୍ଷ୍ୟ ହ୍ରାସକୁ ନେଇ ଉଦ୍‌ବେଗ

କରୋନା ପରିସ୍ଥିତି ଓ ଲଗାତାର୍ ଲକ୍‌ଡାଉନ୍ ଯୋଗୁ ଟୀକାକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଏଣିକି ରାଜ୍ୟର କୌଣସି ଶିଶୁ ଯେପରି ଟୀକାକରଣ କାର୍ଯ୍ୟକ୍ରମରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ସେହିଭଳି ଗତ ୫ମାସ ହେବ ରାଜ୍ୟର ସମସ୍ତ ହସ୍ପିଟାଲର ଓପିଡି, ଲ୍ୟାବ୍ ସେବା, ଅପରେଶନ ଥିଏଟର ଓ ଜରୁରୀ ଚିକିତ୍ସା ସେବାରେ ଅସୁବିଧା ସୃଷ୍ଟି ହୋଇଛି। ତେଣୁ ଚିକିତ୍ସା ନ ପାଇ କେହି ଯେପରି ହସ୍ପିଟାଲରୁ ନ ଫେରନ୍ତୁ ସେଥିପ୍ରତି ଗୁରୁତ୍ୱ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ରାଜ୍ୟର ସମସ୍ତ ଜିଲା ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କୁ କହିଛନ୍ତି।

ଗୁରୁବାର ମନ୍ତ୍ରୀ ଦାସ ଭିଡିଓ କନ୍‌ଫରେନ୍ସରେ ରାଜ୍ୟର ସ୍ୱାସ୍ଥ୍ୟ ସେବା ସ୍ଥିତିର ସମୀକ୍ଷା କରିବା ସହ ଏନେଇ ସିଡିଏମ୍‌ଓଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ। ହସ୍ପିଟାଲରେ କେହି ଯେପରି ଚିକିତ୍ସା ସେବାରୁ ବଞ୍ଚିତ ନ ହେବେ ସେଥିପାଇଁ ୫-ଟିକୁ ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ ପଡ଼ିବ। ହସ୍ପିଟାଲଗୁଡ଼ିକର ସଂକ୍ରମଣ ପ୍ରତିରୋଧର ମାର୍ଗଦର୍ଶିକାକୁ ସଠିକ୍ ରୂପେ ପାଳନ କରିବାକୁ ହେବ। କୋଭିଡ୍ ପାଇଁ ଅଣ କୋଭିଡ୍ ଚିକିତ୍ସା କ୍ଷେତ୍ରରେ ଯେପରି ଅବହେଳା ନ ହେବ ସେଥିପ୍ରତି ନଜର ଦେବାକୁ ପଡ଼ିବ। ବିଭିନ୍ନ ସ୍ଥାନରେ ମୁଖ୍ୟତଃ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ଗର୍ଭବତୀ ମହିଳାଙ୍କ ପ୍ରତି ଠିକ୍ ଭାବେ ଦୃଷ୍ଟି ଦିଆଯାଉନାହିଁ। ଫଳରେ ଉଭୟ ମା’ ଓ ଶିଶୁ ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ଏ ଦିଗରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ। ଆମ ଦାୟିତ୍ୱହୀନତା ଯୋଗୁ ଘଟୁଥିବା ଏହି ମୃତ୍ୟୁ କ୍ଷେତ୍ରରେ କୌଣସି କୈଫିୟତ ଗ୍ରହଣ ଯୋଗ୍ୟ ହେବ ନାହିଁ ମନ୍ତ୍ରୀ କଡ଼ା ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମର ସମୀକ୍ଷା କରି ଏହାର ଲକ୍ଷ୍ୟ ହ୍ରାସ ପାଇଥିବା କହିଛନ୍ତି। ତେଣୁ ୨୦୨୧ ମାର୍ଚ୍ଚ ସୁଦ୍ଧା ନିଶ୍ଚିତ ଭାବେ ଲେପ୍ରୋସି ମୂଳ ଉତ୍ପାଟନ ଲକ୍ଷ୍ୟ ପୂରଣ କରିବାକୁ ପଡ଼ିବ। ଓଡ଼ିଶାରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମରେ ୮୫% ଅଧିକ ସଫଳତା ମିଳିଥିବାବେଳେ ମୃତ୍ୟୁହାର ୯୦% ହ୍ରାସ ପାଇଛି। ଆଗକୁ ବର୍ଷାଦିନ ଆସୁଥିବାରୁ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ। ସେହିଭଳି ସୁନେତ୍ର କାର୍ଯ୍ୟକ୍ରମରେ ଯେତିକି ପ୍ରଗତି ହେବା ଉଚିତ ତାହା ହୋଇନାହିଁ। କ୍ୟାଟରାକ୍ଟ ସର୍ଜରୀ କ୍ଷେତ୍ରରେ ଆମେ ଲକ୍ଷ୍ୟ ହାସଲ କରିପାରି ନାହୁଁ। ଆଗାମୀ ୨ବର୍ଷରେ ଏ କ୍ଷେତ୍ରରେ ଆମକୁ ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପଡ଼ିବ। ସେହିପରି କ୍ୟାନସର କେୟାର ଚିକିତ୍ସାର ସୁବିଧା ଜିଲା ସ୍ତରରେ ଯେତିକି ରୋଗୀ ପାଇବା କଥା ତାହା ପାଇପାରୁ ନାହାନ୍ତି। କେମୋଥେରାପି ପାଇଁ ଏବେ ବି ବହୁ ରୋଗୀ ବହୁ ଦୂରାନ୍ତ ଅଞ୍ଚଳ ଉପରେ ନିର୍ଭରଶୀଳ। ଏପରି ହେବା ଉଚିତ ନୁହେଁ ବୋଲି ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଲେ, କରୋନା ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ସମସ୍ତ ପ୍ରକାର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯିବା ଉଚିତ। କୌଣସି ପ୍ରକାର ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ। କରୋନା ମୃତ୍ୟୁହାର ରୋକିବା କ୍ଷେତ୍ରରେ ସମସ୍ତ ପ୍ରକାର ଉଦ୍ୟମ କରାଯିବା ଦରକାର। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ଡିଏମ୍‌ଇଟି ପ୍ରଫେସର ଡା. ସିବିକେ ମହାନ୍ତି, ବିଭାଗର ନିର୍ଦ୍ଦେଶକ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭେଣ୍ଡିଂ ଜୋନ୍‌ରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୬।୭ (ବ୍ୟୁରୋ)

ଶହୀଦନଗର ଥାନା ଅଧୀନ ରମାଦେବୀ ବିଶ୍ୱବିଦ୍ୟାଳୟ ସମ୍ମୁଖ ଭେଣ୍ଡିଂ ଜୋନରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୨ ଦୋକାନ ଜଳିଯାଇଛି। ଖବରପାଇ କଳ୍ପନା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସନ୍ଧ୍ୟା ପ୍ରାୟ ସାଢେ ୭ଟା ବେଳେ ଭେଣ୍ଡିଂ ଜୋନରେ ଅଚାନକ ନିଆଁ ଲାଗିଯାଇଥିଲା। ଏହା ସଙ୍ଗେ ସଙ୍ଗେ ନିକଟସ୍ଥ ଚାଟ ଦୋକାନ ଓ ଫାଷ୍ଟଫୁଡ ଦୋକାନକୁ ନିଆଁ ବ୍ୟାପିଥିଲା। ସ୍ଥାନୀୟ ଲୋକେ ଦମକଳକୁ ଜଣାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ଏକ ଘଣ୍ଟାର ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ଫଳରେ ଦୁଇଟି ଦୋକାନରେ ସବୁ ଆସବାବପତ୍ର ଜଳି ନଷ୍ଟ ହୋଇଯାଇଛି। ତେବେ ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇପାରି ନାହିଁ।

## ସଂକ୍ଷେପରେ

### ସିବିଆଇକୁ ମାମଲା ହସ୍ତାନ୍ତର ହେଉ ଆଦିତ୍ୟ ଦାସ ମୃତ୍ୟୁ ଘଟଣାରେ ଭାଜପାର ଦାବି

**କଟକ ଅଫିସ,୧୬।୭:** ସାମାଜିକ କର୍ମୀ ଆଦିତ୍ୟ ଦାସଙ୍କ ମୃତ୍ୟୁ ଘଟଣାକୁ ୧୦ ଦିନ ପୂରିବାକୁ ବସିଲାଣି। କିନ୍ତୁ ଏହା ଆତ୍ମହତ୍ୟା ନା ହତ୍ୟା, ତାହା ଉପରୁ ପର୍ଦ୍ଦା ହଟାଇପାରୁନି ପୋଲିସ। ପରିବାର ଓ ବନ୍ଧୁଙ୍କ ମନ୍ତବ୍ୟରେ ତାଳମେଳ ନ ରହିବା ଘଟଣାକୁ ଅଧିକ ରହସ୍ୟଘେରକୁ ଟାଣି ନେଉଛି। ଜିଆରପି ପୋଲିସ ପ୍ରଥମେ ଉକ୍ତ ଘଟଣାକୁ ହତ୍ୟାଜନିତ ମାମଲା ରୁଜୁ କରିସାରିବା ପରେ ପୁଣି ଆତ୍ମହତ୍ୟା ବୋଲି ଦର୍ଶାଇବା ଗ୍ରହଣଯୋଗ୍ୟ ନୁହେଁ। ଆଦିତ୍ୟ ଦାସଙ୍କ ଆକସ୍ମିକ ମୃତ୍ୟୁ ପଛର କାରଣ ଉପରୁ ପରଦା ହଟାଇବା ଲାଗି ସିବିଆଇକୁ ଏ କେସ ହସ୍ତାନ୍ତର କରାଯାଉ ବୋଲି କଟକ ନଗର ଜିଲା ଭାଜପା ଯୁବମୋର୍ଚ୍ଚା ଦାବି କରିଛି। ସଙ୍ଗଠନ ସଭାପତି ସ୍ୱାଧୀନ ମହାନ୍ତି ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସାଧାରଣ ସମ୍ପାଦକ ଗଗନ ଓଝା, ଉପସଭାପତି ମନୋଜ ସାହୁ, କୀର୍ତ୍ତନ ପଟ୍ଟନାୟକ, ମଣ୍ଡଳ ସଭାପତି ପ୍ରଶାନ୍ତ ଦାସ ଉପସ୍ଥିତ ଥିଲେ।

### ୩୧ ଯାଏ ସିଏମ୍‌ସିର ଜନ୍ମମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ ବିଭାଗ ବନ୍ଦ

**କଟକ ଅଫିସ,୧୬।୭:** କଟକ ମହାନଗର ନିଗମ (ସିଏମସି)ର ଜନ୍ମମୃତ୍ୟୁ ପ୍ରମାଣପତ୍ର ପଞ୍ଜୀକରଣ ବିଭାଗ ଜୁଲାଇ ୩୧ ପର୍ଯ୍ୟନ୍ତ ବନ୍ଦ ରହିବ। ଏନେଇ ଗୁରୁବାର ସିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସହରବାସୀ ଏହା ପରିବର୍ତ୍ତେ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ ବୋଲି ସିଏମ୍‌ସି ସ୍ପଷ୍ଟ କରିଛି। କଟକ ସହରରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସିଏମ୍‌ସି ଏହି ପଦକ୍ଷେପ ନେଇଛି। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ସିଏମ୍‌ସି ଏହି ବିଭାଗକୁ ଗତ ଜୁଲାଇ ୧ରୁ ୧୬ ପର୍ଯ୍ୟନ୍ତ ବନ୍ଦ ରଖିଥିଲା।

### ବ୍ରାଇଟ୍ ଫ୍ୟୁଚର ବିଦ୍ୟାଳୟର ସଫଳତା

**କଟକ,୧୬।୭:** ବୁଧବାର ସିବିଏସ୍‌ଇ ପକ୍ଷରୁ ଦଶମ ବୋର୍ଡ ପରୀକ୍ଷାଫଳ ପ୍ରକାଶିତ ହୋଇଛି। କଟକ ସେକ୍ଟର-୬ ସ୍ଥିତ ବ୍ରାଇଟ୍ ଫ୍ୟୁଚର ବିଦ୍ୟାଳୟ ଶତପ୍ରତିଶତ ସଫଳତା ହାସଲ କରିଛି। ଏହି ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର କୃତିତ୍ୱର ସହ ସଫଳତା ଅର୍ଜନ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୟାସାଗର ସାହୁ ସର୍ବାଧିକ ୯୩% ନମ୍ବର ରଖିଥିବା ବେଳେ ସୌରଭ ଦୟା ୯୨% ଏବଂ ଶୁଭ୍ରା ଦାସ ୯୧% ନମ୍ବର ରଖିଛନ୍ତି। ଏମାନେ ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। ବିଦ୍ୟାଳୟର ଅଧିକାଂଶ ଛାତ୍ରୀଛାତ୍ର ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସଫଳତା ପଛରେ ବିଦ୍ୟାଳୟର ସଚିବ ଅନିଲ ଅଗ୍ରୱାଲ, ଅଧକ୍ଷା ତୃପ୍ତିରାଣୀ ମିଶ୍ର, ଉପାଧକ୍ଷା ମଧୁସ୍ମିତା ନାୟକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ବେଶ୍ ଅବଦାନ ରହିଛି। ଗତ କିଛି ବର୍ଷ ହେବ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରୁଥିବା ସୂଚନା ଦିଆଯାଇଛି। ଏହି ସଫଳତା କାରଣରୁ ଅନୁଷ୍ଠାନ ଗୌରବାନ୍ୱିତ ମନେକରୁଛି ବୋଲି କର୍ତ୍ତୃପକ୍ଷ ଓ ପରିଚାଳନ କମିଟି ମତ ଦେଇଛି।

### ସୀମା ସିଲ୍ ସତ୍ତ୍ୱେ ଆନ୍ଧ୍ରରୁ ପୁରୀ ଆସୁଛି ବସ୍

**ପୁରୀ ଅଫିସ,୧୬।୭:** କରୋନା ସଂକ୍ରମଣ ବୃଦ୍ଧି ଦୃଷ୍ଟିରୁ ପୁରୀ ଜିଲାର ସମସ୍ତ ସୀମା ସିଲ୍ କରାଯାଇଛି। ଜିଲାର ୬ଟି ପ୍ରବେଶ ପଥରେ କଡ଼ାକଡ଼ି ଯାଞ୍ଚ ହେଉଛି। ଏହା ସତ୍ତ୍ୱେ ଆନ୍ଧ୍ରପ୍ରଦେଶରୁ ପୁରୀ ସପ୍ତାହକୁ ତିନିଦିନ ଘରୋଇ ବସ୍ ଚଳାଚଳ କରୁଛି। ମଙ୍ଗଳବାର ହିନ୍ଦୁସ୍ତାନ ଟ୍ରାଭେଲ୍ସର ଏକ ବସ୍‌କୁ ପୁରୀ ପ୍ରଶାସନ ଜବତ କରିଛି। ବସ୍‌ରେ ଚାଳକ, ହେଲ୍‌ପର ଏବଂ ଆନ୍ଧ୍ରରୁ ଆସିଥିବା ଯାତ୍ରୀଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ବସ୍‌ମାଲିକଙ୍କ ନାଁରେ ସମୁଦ୍ରକୂଳ ଥାନାରେ ମାମଲା ରୁଜୁ କରାଯାଇଛି। ତେବେ ଏତେସବୁ କଟକଣା ଏବଂ କଡ଼ା ଚେକିଂ ସତ୍ତ୍ୱେ ଆନ୍ଧ୍ରରୁ ପୁରୀକୁ ଘରୋଇ ବସ୍ ଆସୁଛି କିପରି ଆସୁଛି ତାହା ପ୍ରଶ୍ନବାଚୀ ହୋଇଛି। ତେବେ ସବୁଠୁ ଚିନ୍ତାଜନକ ହେଉଛି ବସ୍‌ରେ ୧୪ ଜଣ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୦ ଜଣ ଖସି ପଳାଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ସମ୍ପୃକ୍ତ ବସ୍‌କୁ ମଙ୍ଗଳବାର ଭୋର ସମୟରେ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରୁ ଜବତ କରାଯାଇଛି।

# କର୍ଦ୍ଦମାକ୍ତ ୟୁନିଟ୍ ୧ ପରିବା ହାଟ

ଭୁବନେଶ୍ୱର, ୧୬।୭ (ବ୍ୟୁରୋ)



ଭୁବନେଶ୍ୱରରେ କରୋନା ସ୍ଥିତି ଦିନକୁ ଦିନ ଭୟଙ୍କର ହେବାରେ ଲାଗିଛି। ପ୍ରତ୍ୟହ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହରବାସୀଙ୍କୁ ସ୍ୱଚ୍ଛ ପରିବେଶ ଯୋଗାଇ ଦେଉଥିବା ଡିଣ୍ଡିମ ପିଟୁଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ସହରର ସବୁଠୁ ବଡ଼ ହାଟ କୁହାଯାଉଥିବା ୟୁନିଟ୍ ୧ ଅସ୍ଥାୟୀ ପରିବା ହାଟର ଅବସ୍ଥାକୁ ଦେଖିଲେ ଏହା ସହଜରେ ଅନୁମେୟ ହୋଇପଡୁଛି। ପରିବା ବ୍ୟବସାୟୀଙ୍କୁ ବିଏମ୍‌ସି ଅସ୍ଥାୟୀ ଭାବେ ସ୍ଥାନାନ୍ତର କରି ସେମାନଙ୍କ ଅବସ୍ଥା ସମ୍ପର୍କରେ ନଜର ରଖିବା ଭୁଲିଯାଇଥିବା ଭଳି ମନେ ହେଉଛି। ଏହି ଅସ୍ଥାୟୀ ହାଟ ଏବେ ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲୁଛି। ବର୍ଷା ହେବା ଫଳରେ ପରିବା ହାଟ କର୍ଦ୍ଦମାକ୍ତ ହୋଇଯାଇଛି। ବିଏମ୍‌ସି ଏନେଇ କିଛି ସ୍ଥାୟୀ ବ୍ୟବସ୍ଥା ନ କଲେ ବ୍ୟବସାୟୀମାନେ ବାଧ ହୋଇ ୟୁନିଟ୍ ୧ ମୁଖ୍ୟ ହାଟରେ ଥିବା ନିଜ ପୁରୁଣା ପିଣ୍ଡିକୁ ଫେରିଯିବେ ବୋଲି ମତ ପ୍ରକାଶ କରୁଛନ୍ତି।

ମିଳିଥିବା ସୂଚନାମୁତାବକ, ବର୍ତ୍ତମାନ ମୌସୁମୀ ସକ୍ରିୟ ଥିବାବେଳେ ଭୁବନେଶ୍ୱରରେ ପ୍ରାୟ ସବୁଦିନ ବର୍ଷା ଜାରି ରହିଛି। ଫଳରେ କରୋନା ଯୋଗୁ ଗତ ମାର୍ଚ୍ଚମାସରେ ଅସ୍ଥାୟୀଭାବେ ସ୍ଥାନାନ୍ତର ହୋଇଥିବା ୟୁନିଟ୍ ୧ ପରିବା ହାଟରେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ସ୍କୁଲ ପଡ଼ିଆରେ ହାଟ ବସୁଥିବାରୁ ଗାଡ଼ି ଯିବାଆସିବା ଦ୍ୱାରା କାଦୁଅ ପରିସ୍ଥିତି ସୃଷ୍ଟି ହେଉଛି। ଏନେଇ ୟୁନିଟ୍ ୧ କଞ୍ଚା ପରିବା ବ୍ୟବସାୟୀ ମହାସଂଘର ସଭାପତି କବିରାଜ୍ ସ୍ୱାଇଁ କହିଛନ୍ତି,

## ଅନୁକମ୍ପା ଅପେକ୍ଷାରେ ପରିବା ବ୍ୟବସାୟୀ

- ଆଲୋଚନା ହୋଇଛି, ପୂର୍ବ ସ୍ଥାନକୁ ଫେରିବେ ବ୍ୟବସାୟୀ
- ନାହିଁ ରକ୍ଷଣାବେକ୍ଷଣ, ସ୍ଥାନାନ୍ତର କରି ବିଏମ୍‌ସି ଚୁପ୍
- ଅସ୍ୱାସ୍ଥ୍ୟକର ପରିବେଶରୁ କମିଲେଣି ଗ୍ରାହକ, ନିରାଶ ବେପାରୀ

କରୋନା ପାଇଁ ବିଏମ୍‌ସି ଅଧିକାରୀ ଗହଳିକୁ ଏଡ଼ାଇବା ପାଇଁ ବ୍ୟବସାୟୀଙ୍କୁ ସ୍କୁଲ୍ ପଡ଼ିଆକୁ ବ୍ୟବସାୟ କରିବା ପାଇଁ ସ୍ଥାନାନ୍ତର କରିଥିଲେ। ହେଲେ ବର୍ତ୍ତମାନ ଉକ୍ତ ସ୍ଥାନର ଅବସ୍ଥା ଅତ୍ୟନ୍ତ ଖରାପ ସ୍ଥିତିରେ ଅଛି। ଏନେଇ ସଂଘ ପକ୍ଷରୁ ବିଏମ୍‌ସି ଅତିରିକ୍ତ କମିଶନର-୨ ଅବନୀକାନ୍ତ ପଟ୍ଟନାୟକଙ୍କ ସହ ଆଲୋଚନା ହୋଇଛି, ଯଦି ସ୍ଥିତି ବିଗିଡ଼େ କିମ୍ବା ଅଧିକ ପରିମାଣରେ ବର୍ଷା ହୁଏ ତେବେ ପରିବା ବ୍ୟସାୟୀମାନେ ନିଜ ପୁରୁଣା ସ୍ଥାନକୁ ଫେରିବେ ବୋଲି ଅତିରିକ୍ତ କମିଶନରଙ୍କୁ ଚେତାବନୀ ଦେଇଛନ୍ତି। କାଦୁଅରେ ବ୍ୟବସାୟ କରି ହେଉନାହିଁ, ପରିବେଶ ଭଲ ନ ଥିବାରୁ ଗ୍ରାହକ ମଧ୍ୟ ସ୍କୁଲ୍ ପଡ଼ିଆକୁ ଆସୁ ନାହାନ୍ତି। ତେଣୁ ପରିବା ବ୍ୟବସାୟୀମାନେ ପୁରୁଣା ସ୍ଥାନକୁ ଫେରି ବ୍ୟବସାୟ କରିବେ ବୋଲି ଆଲୋଚନା କରୁଥିବା ସ୍ୱାଇଁ କହିଛନ୍ତି।

ଏନେଇ ବ୍ୟବସାୟୀ ରାକେଶ ସାହୁ କହିଛନ୍ତି, ପେଟ ପାଟଣା ପାଇଁ ୟୁନିଟ୍ ୧କୁ ବ୍ୟବସାୟ କରିବାକୁ ଆସୁଛି। ହେଲେ ପଡ଼ିଆ ସାରା କାଦୁଅ ହେଉଥିବାରୁ ଗ୍ରାହକଙ୍କ ସଂଖ୍ୟା କମିବାରେ ଲାଗୁଛି। ଏପରିସ୍ଥିତିରେ ତେଲ ପୋଡ଼ି ଆଉ ଏଠାକୁ ବ୍ୟବସାୟ କରିବାକୁ ଆସି ହେବନାହିଁ। ପଡ଼ିଆର ସ୍ଥିତି ସୁଧାରିବାକୁ କେହି ଧ୍ୟାନ ଦେଉ ନାହାନ୍ତି ବୋଲି ସେ କହିଛନ୍ତି। ତେବେ ଏଯାବତ୍ ୟୁନିଟ୍ ୧ ଅସ୍ଥାୟୀ ପରିବା ହାଟକୁ ନେଇ ବିଏମ୍‌ସିର କୌଣସି ବି ପରବର୍ତ୍ତୀ ଆଲୋଚନା ହୋଇ ନ ଥିବାବେଳେ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପରିବା ହାଟର ଏଭଳି ଅବସ୍ଥା ସମ୍ପର୍କରେ ବିଏମ୍‌ସିର ବରିଷ୍ଠ ପଦାଧିକାରୀମାନେ ମୁହଁ ଖୋଲୁ ନାହାନ୍ତି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କଠାରୁ ଆରମ୍ଭ କରି ଅତିରିକ୍ତ କମିଶନର ଓ ମାର୍କେଟ୍ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ସବୁଜାଣି ମଧ୍ୟ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

# ଶହୀଦଙ୍କ ପ୍ରତିମୂର୍ତ୍ତି ଗଢ଼ିଛନ୍ତି ଅଜିତ୍

ପୁରୀ ଅଫିସ,୧୬।୭

## ମାଓବାଦୀ ଆକ୍ରମଣରେ ଆଖି ବୁଜିଥିଲେ ମନୋରଞ୍ଜନ

ଛତିଶଗଡ଼ର ସୁକ୍‌ମାରେ ୨୦୧୮ ମାର୍ଚ୍ଚ ୧୩ରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଯେଉଁଥିରେ ଦେଶ ପାଇଁ ପ୍ରାଣବଳି ଦେଇଥିଲେ ବୀର ଓଡ଼ିଆ ପୁଅ ମନୋରଞ୍ଜନ ଲେଙ୍କା। ନିଜ ୨୬ତମ ଜନ୍ମଦିନରେ ଚିରଦିନ ପାଇଁ ଆଖି ବୁଜିଥିବା ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ରେବଣା ନୂଆଗାଁର ମନୋରଞ୍ଜନଙ୍କ ସ୍ମୃତିରେ ତାଙ୍କର ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିପାଇଁ ମନୋରଞ୍ଜନଙ୍କ ଭାଇ ମଧୁସୂଦନଙ୍କ ବରାଦ ଅନୁଯାୟୀ ପୁରୀର ଯୁବ ଭାସ୍କର୍ଯ୍ୟ ଶିଳ୍ପୀ ଅଜିତ୍ ପରିଡ଼ା ୭ ଫୁଟର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତିଆରି କରିଛନ୍ତି।

ଏ ସମ୍ପର୍କରେ ଶିଳ୍ପୀ ଅଜିତ୍ କୁହନ୍ତି, ଶହୀଦମାନଙ୍କ ପ୍ରତି ତାଙ୍କର ବେଶ୍ ସମ୍ମାନ ରହିଛି। ମନୋରଞ୍ଜନଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପାଇଁ ତାଙ୍କ ଭାଇଙ୍କଠାରୁ ଅର୍ଡର ପାଇବା ପରେ ସେ ଖୁସି ହୋଇଯାଇଥିଲେ। ଜଣେ ଶହୀଦଙ୍କୁ ତାଙ୍କ ଭାସ୍କର୍ଯ୍ୟ କଳାରେ ଜୀବନ୍ତ କରି ଗଢିବାର ଦାୟିତ୍ୱକୁ ସଫଳତାର ସହ ସମ୍ପନ୍ନ କରିବେ ବୋଲି ମନେ ମନେ ଦୃଢ ନିଷ୍ପତ୍ତି ନେଇଥିଲେ। ବି.କେ. ଆର୍ଟ କଲେଜର ଛାତ୍ର ଅଜିତ୍ ପୂର୍ବରୁ ଯଦିଓ ଏକାଧିକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ତିଆରି କରିଥିଲେ କିନ୍ତୁ ମନୋରଞ୍ଜନଙ୍କ ପ୍ରତିମୂର୍ତ୍ତି ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ଅତି ନିଖୁଣ ଭାବେ ସେ ଏହାକୁ ତିଆରି କରିଛନ୍ତି। ୭ ଫୁଟର ଏହି ଫାଇବର ପ୍ରତିମୂର୍ତ୍ତି ତିଆରି ପାଇଁ ତାଙ୍କୁ ୭ ମାସ ସମୟ ଲାଗିଛି। କରୋନା କଟକଣା ଭିତରେ କିଛି ସାମଗ୍ରୀ ଭୁବନେଶ୍ୱରରୁ ମଗାଇ ସେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଇପାରିଛନ୍ତି।

ସେହିପରି ମଧୁସୂଦନ କହିଛନ୍ତି, ରେବଣା ନୂଆଗାଁ ହାଇସ୍କୁଲ ପରିସରରେ ଏହି ପ୍ରତିମୂର୍ତ୍ତି ସ୍ଥାପନ ହେବ। ଆସନ୍ତା ଅଗଷ୍ଟ ୧୫ ଅର୍ଥାତ୍ ସ୍ୱାଧୀନତା ଦିବସରେ ଏହାକୁ ଉନ୍ମୋଚନ କରାଯିବାର ଯୋଜନା ରହିଛି। ତେବେ ଏ ପର୍ଯ୍ୟନ୍ତ ପିଣ୍ଡି ତିଆରି ହୋଇପାରି ନାହିଁ। କରୋନା ସ୍ଥିତି



ଭୟଙ୍କର ହେଉଥିବାବେଳେ ଉକ୍ତ ସ୍କୁଲକୁ ମଧ୍ୟ କ୍ୱାରାଣ୍ଟାଇନ ସେଣ୍ଟର କରାଯାଇଛି। ତେଣୁ ଯଦି ସମସ୍ୟା ଉପୁଜେ ତା’ହେଲେ ଏହାକୁ ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସରେ ଉନ୍ମୋଚନ କରାଯିବ।

# ସହରରେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି

## ଜିଲାରେ ୨୬, ସିଏମ୍‌ସିରେ ୭ ଆକ୍ରାନ୍ତ ଚିହ୍ନଟ

କଟକ ଅଫିସ,୧୬।୭

କଟକ ଜିଲାରେ ଗୁରୁବାର ପୁଣି ୨୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବଡ଼ମ୍ବାରେ ସର୍ବାଧିକ ୧୪ ଜଣ ଥିବାବେଳେ ସିଏମ୍‌ସିରେ ୭, ନିଆଳି ୬ ଓ କଣ୍ଟାପଡ଼ାରୁ ୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କଟକ ମହାନଗର ନିଗମ (ସିଏମ୍‌ସି) ଅଞ୍ଚଳରେ ବାହାରିଥିବା ୭ ଆକ୍ରାନ୍ତଙ୍କ ମଧ୍ୟରୁ ପୁରୁଣା ରାଉସପାଟଣା କଣ୍ଟେନମେଣ୍ଟ ଅଞ୍ଚଳରୁ ୨ ଜଣ ଚିହ୍ନଟ ହେଇଛନ୍ତି। ପୁରୀଘାଟ ଅଞ୍ଚଳରୁ ଚିହ୍ନଟ ବ୍ୟକ୍ତି ଜଣେ ସ୍ଥାନୀୟ ଆକ୍ରାନ୍ତ। ତେଲେଙ୍ଗାବଜାର ଅଞ୍ଚଳରୁ ଜଣେ ପଜିଟିଭ ବାହାରିଛନ୍ତି। ପୁରୀଘାଟ ଓ ତେଲେଙ୍ଗାବଜାରର ଆକ୍ରାନ୍ତ ପୂର୍ବରୁ ବାହାରିଥିବା ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିଲେ। ସେଥିରୁ ଜଣେ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ସ୍ୱାବ ପରୀକ୍ଷା ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ସେହିପରି ଗୋପାଳପୁର, ବିଦ୍ୟାଧରପୁର ସଙ୍ଗରୋଧ କେନ୍ଦ୍ର ଓ ବାଲିକୁଦାସ୍ଥିତ ଏଲ୍‌ଆଣ୍ଡଟି ସଙ୍ଗରୋଧ କେନ୍ଦ୍ରରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏସ୍‌ସିବି ମେଡିକାଲରୁ ଚିହ୍ନଟ ଆକ୍ରାନ୍ତ ଗୁରୁବାର ଜଣେ ରୋଗୀଙ୍କ ସହ ମେଟୋଲୋଜି ଆଉଟଡୋର ଆସିଥିଲେ। ଆଣ୍ଟିଜେନ ଟେଷ୍ଟ ପରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା।

### କଣ୍ଟେନମେଣ୍ଟ ଜୋନ୍ ସୀମା ବଢ଼ାଇଲା ସିଏମ୍‌ସି

ପୁରୁଣା ରାଉସପାଟଣା କଣ୍ଟେନମେଣ୍ଟ ଜୋନର ସୀମାକୁ ସିଏମ୍‌ସି ବଢ଼ାଇଦେଇଛି। ଗୁରୁବାର ଏଠାରୁ ୨ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ସେମାନଙ୍କୁ ମିଶାଇ କଣ୍ଟେନମେଣ୍ଟ ଜୋନରେ ପଜିଟିଭ ସଂଖ୍ୟା ୨୪ରେ ପହଞ୍ଚିଛି। କଣ୍ଟେନମେଣ୍ଟ ଜୋନରେ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ସିଏମ୍‌ସି ଏପରି ନିଷ୍ପତ୍ତି ନେଇଛି। ଦକ୍ଷିଣରେ ଘନଶ୍ୟାମ ଦାସଙ୍କ ଘର ଏବଂ ସୋମନାଥ ମହାରଣାଙ୍କ ଘର ସାମ୍ନାରୁ ବିଦେଶୀ ମଦ ଦୋକାନ, ଉତ୍ତରରେ ସାଇ କେୟାର ମେଡିକାଲ ରିସର୍ଚ୍ଚ ସେଣ୍ଟର ପଛପାଖରୁ ଆମ ପରିବାର ବିଦ୍ୟାଳୟ ପଛପାଖ, ପଶ୍ଚିମରେ ସାଇ କେୟାର ମେଡିକାଲ ରିସର୍ଚ୍ଚ ସେଣ୍ଟରରୁ ସୋମନାଥ ମହାରଣାଙ୍କ ଘର ଏବଂ ପୂର୍ବରେ ଆମ ପରିବାର ବିଦ୍ୟାଳୟ ପଛ ପାଖରୁ ଜୀବନଜ୍ୟୋତି କ୍ଲବ, ଘନଶ୍ୟାମ ଦାସଙ୍କ ଘର ପର୍ଯ୍ୟନ୍ତ ସୀମା ବଢ଼ିଛି।

# ମୁଖ୍ୟ ଅଭିଯୁକ୍ତ ଦୁଇଭାଇଙ୍କ ସମେତ ୬ ଗିରଫ

ଖୋର୍ଦ୍ଧା ଅଫିସ,୧୬।୭



ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ସୂଚନା ଦେଉଛନ୍ତି।

## ବାର୍ କର୍ମଚାରୀଙ୍କୁ ହତ୍ୟା ଘଟଣା

- ବିଏମ୍‌ଡବ୍ଲ୍ୟୁ କାର, ବାଇକ, ଛୁରି, ମୋବାଇଲ ଜବତ
- ପାର୍କିଂ ଓ ସାମାନ୍ୟ ବଚସାରୁ ହୋଇଥିଲା ହତ୍ୟାକାଣ୍ଡ

ଖୋର୍ଦ୍ଧା ଟାଉନ ଥାନାର ଗଡ଼ଖୋର୍ଦ୍ଧାସ୍ଥିତ ପାଢ଼ୀ ବାର୍ ଆଣ୍ଡ୍ ରେଷ୍ଟୁରାଣ୍ଟର କର୍ମଚାରୀ ଅମିୟ ବାରିକ ହତ୍ୟାକାଣ୍ଡର ୨୪ ଘଣ୍ଟା ଭିତରେ ମୁଖ୍ୟ ଅଭିଯୁକ୍ତ ଦୁଇ ଭାଇଙ୍କ ସମେତ ୬ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନେ ହେଲେ ଭୁବନେଶ୍ୱର ନୟାପଲ୍ଲୀର ମିକୁ ଓରଫ ମୃତ୍ୟୁଞ୍ଜୟ ନାୟକ(୨୯), ସାନଭାଇ ଚିକୁ ଓରଫ ଧନଞ୍ଜୟ ନାୟକ(୨୮), ଅମିତ ପ୍ରଧାନ(୨୩), ଗଗନ ଓରଫ ନନ୍ଦନ ବେହେରା(୨୦), ଖୋର୍ଦ୍ଧା ଦଳେଇପୁଟର ନିଲୁ ଓରଫ ରାକେଶ ସାହୁ(୨୩) ଓ ଲୋକେଶ୍ୱରପୁରର ବାପିନା ଓରଫ ଦେବକାନ୍ତ ଦାସ(୨୫)। ସେମାନଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ରକ୍ତ ଲାଗିଥିବା ଶାର୍ଟ ସହ ହରିୟାଣା ନମ୍ବର ଥିବା ବିଏମଡବ୍ଲ୍ୟୁ କାର ଓ ପଲ୍‌ସର ବାଇକ ଜବତ ସହ ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ। ମୃତକଙ୍କ ସହ ଅଭିଯୁକ୍ତଙ୍କର କୌଣସି ଶତ୍ରୁତା ନ ଥିଲା। କାର୍ ପାର୍କିଂ ଓ ସାମାନ୍ୟ ବଚସାରୁ ହତ୍ୟାକାଣ୍ଡ ଘଟିଥିବା ଗୁରୁବାର ଖୋର୍ଦ୍ଧା ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ମିକୁ, ଚିକୁ, ଅମିତ ଓ ଗଗନଙ୍କ ନାଁରେ ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଏକାଧିକ ମାମଲା ରହିଛି। ହତ୍ୟାକାଣ୍ଡ ପୂର୍ବରୁ ସେମାନେ ଭୁବନେଶ୍ୱରରେ ଆଉଏକ ଅପରାଧ ଘଟାଇଥିଲେ। ଗତ ୧୪ ତାରିଖ ଅପରାହ୍ନରେ ମିକୁ, ଅମିତ ଓ ଗଗନ କାର୍‌ରେ ଯାଉଥିବାବେଳେ ପ୍ରଥମେ ଇସ୍କନ ମନ୍ଦିର ନିକଟରେ ଗାଡ଼ି ହର୍ନ ମାରିବାକୁ ନେଇ ସେମାନେ ୨ଜଣଙ୍କୁ ଛୁରାମାଡ଼ କରିଥିଲେ। ଏହାପରେ ସେମାନେ ଖୋର୍ଦ୍ଧା ଆଡକୁ ଚାଲି ଆସି ପାଢୀ ବାର୍‌କୁ ଯାଇଥିଲେ। କାର୍ ପାର୍କିଂକୁ ନେଇ ସିକ୍ୟୁରିଟି ଗାର୍ଡଙ୍କ ସହ ପାଟିତୁଣ୍ଡ ହେବାରୁ ସେମାନେ ସେଠାରୁ ପଳାଇ ଆସି ଖୋର୍ଦ୍ଧା ନବୀନାବାଗରେ ରହୁଥିବା ମିକୁର ସାନ ଭାଇ ଚିକୁଙ୍କ ପାଖରେ ପହଞ୍ଚି ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପଲ୍ଲା ହାଟଛକସ୍ଥିତ ଏକ ହାର୍ଡୱେର୍ ଦୋକାନରୁ ଦୁଇଟି ଛୁରି କିଣି ନିଲୁ ଓ ବାପିନାଙ୍କୁ ଡାକି ଉକ୍ତ ବାର୍‌ରେ ପହଞ୍ଚି କର୍ମଚାରୀ ଅମିୟ ଓ ଅନ୍ୟଜଣଙ୍କୁ ମାରଣାସ୍ତ୍ର ଧରି ଗୋଡାଇଥିଲେ। ଅମିୟ ତଳେ ପଡିଯିବାରୁ ପ୍ରଥମେ ଅମିତ ଓ ପରେ ମିକୁ ୭ରୁ ୮ଥର ଛୁରାମାଡ କରି ଫେରାର ହୋଇଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। କେସ୍ ନଂ.୨୪୩/୨୦ ରୁଜୁ କରାଯାଇ ୫ ପୋଲିସ ଟିମ୍ ଖୋର୍ଦ୍ଧା ସମେତ, ପୁରୀ, ଭୁବନେଶ୍ୱର ଏବଂ ନୟାଗଡରେ ଚଢାଉ କରିଥିଲା। ହେଲେ ଘଟଣା ପରେ ଅଭିଯୁକ୍ତମାନେ କନ୍ଧମାଳ ଚାଲି ଯାଇଥିଲେ। ସେଠାରୁ ବୌଦ୍ଧ ଚାରିଛକ, ରାଜସୁନାଖଳା ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବାବେଳେ ନୟାଗଡ଼ ପୋଲିସ ସହାୟତାରେ ରଣପୁର ଜଙ୍ଗଲ ନିକଟରୁ ସେମାନଙ୍କୁ ଧରାଯାଇଥିଲା। ତେବେ ଜବତ କାର୍ ମିକୁଙ୍କ ମା’ଙ୍କ ନାଁରେ ରହିଥିବା, ଏହା ଦିଲ୍ଲୀରେ କିଣାଯାଇଥିବାବେଳେ ହରିୟାଣାରେ ରେଜିଷ୍ଟ୍ରେଶନ ହୋଇଛି। ଏହି କାର୍ ଚୋରା କି ନୁହେଁ ଓ ଅଭିଯୁକ୍ତଙ୍କର ହରିୟାଣା ଓ ଦିଲ୍ଲୀ ନେଟ୍‌ୱର୍କ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।



ମଧ୍ୟପ୍ରଦେଶ ନରସିଂହପୁର ଜିଲା ଆମ୍‌ଗାଓଁ ଗାଁରେ ବହୁ ସଂଖ୍ୟାରେ ହଳଦିଆ ରଙ୍ଗର ବେଙ୍ଗ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଗୋଟିଏ ସ୍ଥାନରେ ପ୍ରାୟ ୫୦ ରୁ ଅଧିକ ବେଙ୍ଗ ବୁଲୁଥିବାର ଏକ ଭିଜୁଆଲ୍‌କୁ ପ୍ରଥମେ ସୋସିଆଲ୍ ମିଡିଆରେ ଶେୟାର କରାଯାଇଥିଲା। ଏହାପରେ ଭିଜୁଆଲ୍‌ଟି ଭାଇରାଲ୍ ହେବାରେ ଲାଗିଛି।



# ଚମତ୍କାର ପାଇଲଟ 'ଆଣ୍ଡେଆନ କଣ୍ଡର'

**ସୌରଜଗତର ସବୁଠାରୁ ଆଶ୍ଚର୍ଯ୍ୟଜନକ ଗ୍ରହ ପୃଥିବୀ। ଜୀବଜଗତକୁ ପରିପୁଷ୍ଟ କରିବା ଭଳି ସବୁକିଛି ଉପାଦାନ ଭରି ରହିଛି ଏଠାରେ। ବୈଜ୍ଞାନିକମାନେ ଯେତିକି ଯେତିକି ଏହି ବୈଚିତ୍ର୍ୟମୟ ଜୀବଜଗତ ଉପରେ ଗବେଷଣା କରୁଛନ୍ତି, ସେତିକି ଉନ୍ମୋଚିତ ହେଉଛି ନୂଆ ତଥ୍ୟ। ଆକାଶରେ ଉଡ଼ିପାରୁଥିବା ସବୁଠାରୁ ବଡ଼ ପକ୍ଷୀ 'ଆଣ୍ଡେଆନ କଣ୍ଡର' (ଶାଗୁଣା ପ୍ରଜାତିର ଏକ ପକ୍ଷୀ) ଉପରେ ଅଧ୍ୟୟନ କରୁଥିବା ବିଶେଷଜ୍ଞ ଦଳ ନିକଟରେ ଏକ ରହସ୍ୟ ଉପରୁ ପରଦା ଉଠାଇଛନ୍ତି। ଏହି ପକ୍ଷୀ ବିନା ଡେଣା ହଲାଇ ଅନାୟାସରେ ୧୬୦ କି.ମି. ପର୍ଯ୍ୟନ୍ତ ଯାତ୍ରା କରିପାରେ ବୋଲି ସେମାନେ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି।**



**ନୂଆଦିଲ୍ଲୀ**

'ଆଣ୍ଡେଆନ କଣ୍ଡର'। ଅନାୟାସରେ ଆକାଶରେ ଦୀର୍ଘପଥ ଯାତ୍ରା କରିପାରୁଥିବା ବିଶାଳକାୟ ପକ୍ଷୀ ମଧ୍ୟରୁ ଗୋଟିଏ। ୧୦ ଫୁଟିଆ ଡେଣା ସହାୟତାରେ ନିଜର ୧୫ କେଜି ଓଜନ ବିଶିଷ୍ଟ ଶରୀରକୁ ଶୂନ୍ୟରେ ଅତି ସହଜରେ ନିୟନ୍ତ୍ରଣ କରିପାରେ ଏହି ପକ୍ଷୀ। ଆଜିକାର ସମୟରେ ଉଡ଼ିପାରୁଥିବା ସବୁଠାରୁ ଓଜନଦାର ପକ୍ଷୀ ଭାବେ 'ଆଣ୍ଡେଆନ କଣ୍ଡର'ର ନାମ ସର୍ବାଗ୍ରେ ରହିଛି। 'ଆଣ୍ଡେଆନ କଣ୍ଡର' ଉପରେ ଅଧ୍ୟୟନ କରୁଥିବା ବିଶେଷଜ୍ଞ ଦଳ ଏହି ରହସ୍ୟମୟ ପକ୍ଷୀର ବିଚିତ୍ର ସ୍ୱଭାବ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଜାଗର କରିଛନ୍ତି। ଏହି ପକ୍ଷୀ ଡେଣା ନ ହଲାଇ ଶତାଧିକ କିଲୋମିଟର ପଥ ଅତିକ୍ରାନ୍ତ କରିପାରେ। କେଉଁ କୌଶଳ ପ୍ରୟୋଗକରି ଏହି ପକ୍ଷୀ ଏପରି ଦୀର୍ଘଯାତ୍ରା କରିପାରେ ତାହା ଜାଣିବା ଲାଗି ବୈଜ୍ଞାନିକ ଦଳ ୮ଟି 'ଆଣ୍ଡେଆନ କଣ୍ଡର' ଉପରେ ଗବେଷଣା କରିଥିଲେ। ଏଥିଲାଗି ସେମାନେ ପକ୍ଷୀ ଡେଣାରେ ସ୍ୱତନ୍ତ୍ର ରେକର୍ଡିଂ ମେଶିନ ଲଗାଇଥିଲେ। ଏଥିସହ ୨୫୦ ଘଣ୍ଟା ଧରି ସେମାନଙ୍କ ଉଡ଼ିବା କୌଶଳକୁ ଅବଲୋକନ କରିଥିଲେ। ଏଥିରୁ ଜଣାପଡ଼ିଲା ଯେ, 'ଆଣ୍ଡେଆନ କଣ୍ଡର' କେବଳ ଉଡ଼ିବା ସମୟରେ ହିଁ ଡେଣା ହଲାଇଥାଏ। ଥରେ ଆକାଶକୁ ଉଠିଯିବା ପରେ ପାଖାପାଖି ୫ ଘଣ୍ଟା ଧରି ଡେଣାର ଉପଯୋଗ କରେ ନାହିଁ। ବିନା ଡେଣା ହଲାଇ ଏହି ପକ୍ଷୀ ୧୬୦ କି.ମି. ଯାଏ ଯାତ୍ରା କରିବାରେ ସକ୍ଷମ ବୋଲି ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି।

## ଡେଣା ନ ହଲାଇ ଉଡ଼ିପାରେ ୧୬୦ କି.ମି.

'ଆଣ୍ଡେଆନ କଣ୍ଡର' ଉପରେ ଅଧ୍ୟୟନ କରୁଥିବା ଖାନସୀ ୟୁନିଭର୍ସିଟିର ସହଲେଖିକା ତଥା ବାୟୋଲୋଜିଷ୍ଟ ଏମିଲି ଶେଫର୍ଡ କହିଛନ୍ତି, 'ଅଣ୍ଡେନ କୋଣ୍ଡର' ହେଉଛି ଏକ ଚମତ୍କାର ପାଇଲଟ। ହେଲେ ଏକଥା ଜଣା ନ ଥିଲା ଏହା ଉଡ଼ିବାରେ ଏତେ ପ୍ରଖର। କଥାଛଳରେ ସେ ଆହୁରି କହିଛନ୍ତି ଯେ, ଅନୁକୂଳ ପାଗରେ 'ଗ୍ଲାଇଡର ପାଇଲଟ୍' ମଧ୍ୟ ଦୀର୍ଘ ସମୟ ବିମାନ ଚାଳନା କରିବାର କ୍ଷମତା ରଖନ୍ତି। ଏ ସମ୍ପର୍କିତ ଅଧ୍ୟୟନର ତଥ୍ୟ 'ପ୍ରୋସିଡିଂ ଅଫ୍ ଦି ନ୍ୟାଶନାଲ ଏକାଡେମୀ ଜର୍ନାଲ'ରେ ପ୍ରକାଶିତ ହୋଇଛି।

ସାଧାରଣତଃ ପକ୍ଷୀମାନଙ୍କ ଉଡ଼ିବା ଶୈଳୀରୁ ଜଣାପଡ଼େ ସେମାନେ ଆକାଶରେ ବେଶ୍ ସ୍ୱାଧୀନ। ହେଲେ ଏହା ଶତ ପ୍ରତିଶତ ସତ୍ୟ ନୁହେଁ। ଆକାଶରେ ମଧ୍ୟ ସେମାନଙ୍କୁ ଅନେକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ। ବିପରୀତ ଦିଗରୁ ପ୍ରବାହିତ ପବନ, ଉତ୍ତପ୍ତ ବାୟୁ ତରଙ୍ଗ, ପୃଥିବୀ ପୃଷ୍ଠରେ ରହି ବାଧା ସୃଷ୍ଟି କରୁଥିବା ସାମଗ୍ରୀ (ବଡ଼ ଗଛ, ସୁଉଚ୍ଚ ଅଟ୍ଟାଳିକା, ପାହାଡ଼, ପର୍ବତ) ପକ୍ଷୀଙ୍କ ଗତିରୋଧ କରେ। ତଥାପି ପରିବର୍ତ୍ତିତ ପରିବେଶ ସହ ନିଜକୁ ଖାପଖୁଆଇ ନେଇଛନ୍ତି 'ଆଣ୍ଡେଆନ କଣ୍ଡର' ଭଳି ଅନେକ ପକ୍ଷୀ। ସେମାନେ ବିନା ଡେଣା ହଲାଇ ଅନେକ ଦୂର ଯାଏ ଯାତ୍ରା କରିବାର ଦକ୍ଷତା ହାସଲ କରିପାରିଛନ୍ତି। ଆର୍ଜେଣ୍ଟିନାର ବାୟୋଲୋଜିଷ୍ଟ ତଥା ସନ୍ଦର୍ଭର ସହ ଲେଖକ ସର୍ଗେଇ ଲାମ୍ବେରଟ୍ୟୁସି କହିଛନ୍ତି, 'ଆଣ୍ଡେଆନ କଣ୍ଡର' ପକ୍ଷୀ ଦଳ ବର୍ଜ୍ୟବସ୍ତୁ ଏବଂ ଅସନା ପରିବେଶରୁ ଖାଦ୍ୟ ସଂଗ୍ରହ କରିଥାନ୍ତି। ତେଣୁ ସେମାନେ ଖାଦ୍ୟ ତଲାସରେ ଅନବରତ ଦୀର୍ଘପଥ ଯାତ୍ରା କରିଥାନ୍ତି। ଗବେଷଣାକାରୀ ଟିମ୍ ପକ୍ଷରୁ କୁହାଯାଇଛି, ଯେଉଁ ପକ୍ଷୀମାନଙ୍କ ଉପରେ ଗବେଷଣା କରାଯାଇଥିଲା ସେମାନେ ଅଧିକ ବୟସ୍କ ନ ଥିଲେ। ତଥାପି ସେମାନଙ୍କ ଉଡ଼ିବା କୌଶଳ ଚମତ୍କାର ଥିଲା। ଏହା ଜଣାପଡ଼ିବା ପରେ ଏକ ନିର୍ଦ୍ଦିଷ୍ଟ ଋତୁରେ ଦୀର୍ଘପଥ ଅତିକ୍ରମ କରୁଥିବା ପକ୍ଷୀଦଳ ଉପରେ ଅନେକ ତଥ୍ୟ ହାସଲ କରାଯାଇପାରିବ ବୋଲି ଗବେଷଣାକାରୀ ଦଳ ଆଶା ବାନ୍ଧିଛନ୍ତି।

# ସ୍ୱଭାବରେ ସରଳ କ୍ୟାଟ୍ରିନା



କ୍ୟାଟ୍ରିନା କୈଫ୍

ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



(ରୁହି)
ସାଇଶ୍ରଦ୍ଧା ସିଂହ
ନରସିଂହପୁର, ଦଶପଲ୍ଲା
ତୋର ୨ୟଜନ୍ମବାର୍ଷିକରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇନାଥ ତୋତେ ଦୀର୍ଘାୟୁ, ଯଶସ୍ୱୀ କରିବା ସହ ତୋର ଚଲାପଥ କୁସୁମିତ କରନ୍ତୁ, ଏତିକି କାମନା କରୁଛୁ।
-:ଆଶୀର୍ବାଦ ସହ:-
ଦାଦା, ଦାଦୀ, ବାବା, ମମି, ମାମୁ, ମାଈଁ, ନାନା, ନାନୀ ଏବଂ ସିଂହ ପରିବାର।
ଧ-୧୭୭୫୬

ମୁମ୍ବାଇ: ବଲିଉଡ୍ ନାୟିକା କ୍ୟାଟ୍ରିନା କୈଫ୍ ସହଜରେ ପାଖ ଲୋକଙ୍କୁ ଆପଣାର କରି ପାରନ୍ତି ବୋଲି କୁହାଯାଏ। ତାଙ୍କର ସରଳ ସ୍ୱଭାବ ସମସ୍ତଙ୍କୁ ଖୁବ ପସନ୍ଦ ଆସିଥାଏ। ଏବେ ଏହି ନାୟିକା ୩୭ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ତେବେ ସେ ତାଙ୍କ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚାକୁ ଆସିଥିବା ବେଳେ ସେ ନିଜେ ଜଣେ ବିଫଳ ପ୍ରେମିକା ବୋଲି କୁହାଯାଏ। କିଛିଦିନ କ୍ୟାଟ୍ରିନା କୈଫ ଓ ରଣବୀର କପୁରଙ୍କ ପ୍ରେମ କାହାଣୀକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ସମସ୍ତେ ଭାବୁଥିଲେ ରଣବୀର-କ୍ୟାଟ୍ରିନା ଦୁହେଁ ବିବାହ କରିପାରନ୍ତି। କିନ୍ତୁ ହଠାତ୍ ଉଭୟଙ୍କ ମଧ୍ୟରେ ଦେଖାଦେଇଥିଲା ଫାଟ। ଏହାର କାରଣ ଥିଲେ କ୍ୟାଟ୍ରିନା। ତାଙ୍କର କିଛି ବିକିନି ଫଟୋ ସାମ୍ନାକୁ ଆସିବା ପରେ ଏହା ରଣବୀରଙ୍କୁ ଆଦୌ ପସନ୍ଦ ନ ଥିଲା। ଏହାକୁ ନେଇ ରଣବୀରଙ୍କୁ ପ୍ରଶ୍ନ କରାଯିବାରୁ ସେ କହିଥିଲେ କ୍ୟାଟ୍ରିନା ମୋ ପାଇଁ ସବୁବେଳେ ସ୍ପେଶାଲ, ମୁଁ ତାଙ୍କ ପାଇଁ ଜୀବନ ଦେଇପାରେ। ତେବେ ରଣବୀରଙ୍କ ମାତାପିତାଙ୍କୁ କ୍ୟାଟ୍ରିନା ପସନ୍ଦ ନ ଆସିବାରୁ କୁଆଡେ ଉଭୟଙ୍କ ମଧ୍ୟରେ ବ୍ରେକଅପ୍ ହୋଇଯାଇଥିଲା। ତେବେ ରଣବୀର ଏବେ ଆଲିୟା ଭଟ୍ଟଙ୍କୁ ଡେଟ୍ କରୁଛନ୍ତି। ଏବେ କ୍ୟାଟ୍ରିନାଙ୍କ ନାମ ଭିକ୍କି କୌଶଲଙ୍କ ସହ ଯୋଡା ଯାଇଥିବା ବେଳେ ଦୁହିଁଙ୍କୁ ଏବେ ସବୁ ଜାଗାରେ ଏକାଠି ଦେଖିବାକୁ ମଧ୍ୟ ମିଳୁଛି।

# ହାତରେ କପର-ଟୀ ଧରି ଜନ୍ମହେଲା ଶିଶୁ

ନୂଆଦିଲ୍ଲୀ: ବେଳେବେଳେ ପ୍ରକୃତିର ବିସ୍ମୟରେ ମଣିଷ ଆଶ୍ଚର୍ଯ୍ୟ ନ ହୋଇ ରହିପାରେନି। ଠିକ୍ ଏମିତି ଏକ ଘଟଣା ଏବେ ସୋସିଆଲ୍ ମିଡିଆରେ ବେଶ୍ ଚର୍ଚ୍ଚାର କାରଣ ହୋଇଛି। ତାଇୱାନର ଏକ ଶିଶୁ ହାତରେ କପର-ଟୀ ଧରି ଜନ୍ମ ନେଇଥିବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଛି। ତାଇୱାନର ହାଇଫୋଙ୍ଗ ସହରର ଇଣ୍ଟର ନ୍ୟାଶନାଲ୍ ହସ୍ପିଟାଲ୍‌ରେ ଏକ ଶିଶୁ ହାତରେ ଗର୍ଭନିରୋଧକ ଆଣ୍ଟି ପ୍ରିଗନାନ୍ସି କଣ୍ଟ୍ରାସେପ୍ଟିଭ, ଆଇୟୁଡି ଧରି ଜନ୍ମ ହୋଇଛି। ଗର୍ଭନିରୋଧ ନିମନ୍ତେ ଶିଶୁଟିର ମାଆ ଏହି ଆଇୟୁଡି ବା କପର-ଟୀ ବ୍ୟବହାର କରିଥିଲେ। ସମ୍ପୃକ୍ତ ମହିଳାଜଣକ ଏହାକୁ ବ୍ୟବହାର କରି ଦୁଇ ବର୍ଷ ପର୍ଯ୍ୟନ୍ତ ଗର୍ଭବତୀ ହୋଇ ନ ଥିଲେ। କିନ୍ତୁ କିଛି ମାସ ତଳେ ସେ ଜାଣିବାକୁ ପାଇଥିଲେ କି ସେ ଗର୍ଭବତୀ ଅଛନ୍ତି। ଏହା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଜାଣିଥିଲେ କି ବେଳେବେଳେ ଆଇୟୁଡି ଡିଭାଇସ୍ ତା'ର ସ୍ଥାନରୁ ହଲି ଯାଇଥାଏ ଓ ଗର୍ଭଧାରଣର ସମ୍ଭାବନା ସୃଷ୍ଟି ହୋଇଥାଏ। ଏ କ୍ଷେତ୍ରରେ ମଧ୍ୟ ଏପରି ହୋଇଛି ବୋଲି ଡାକ୍ତରମାନେ ମତ ଦେଇଛନ୍ତି। ତେବେ ଡାକ୍ତରଖାନାରେ ପ୍ରଥମେ ଶିଶୁଟିକୁ ହାତରେ କପର-ଟୀ ଧରି ଜନ୍ମ ହୋଇଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ସୂଚନା ଅନୁସାରେ ଉଭୟ ମାଆ ଓ ଶିଶୁ ଏବେ ସୁସ୍ଥ ଅଛନ୍ତି।



# ଗରିବଙ୍କ ଦେବଦୂତ ସାଜିଛନ୍ତି ବୟସ୍କ ଦମ୍ପତି

## ଘର ତିଆରି କରି ବାଣ୍ଟୁଛନ୍ତି

ଥିରୁଭାନନ୍ତପୁରମ୍: ଘର ଖଣ୍ଡେ କରି ଶେଷ ଜୀବନକୁ ଶାନ୍ତିରେ କାଟିବା ପାଇଁ ସମସ୍ତଙ୍କର ଇଚ୍ଛା ରହିଥାଏ। କିନ୍ତୁ ୮୦ ବର୍ଷ ବୟସରେ ବି ଘର ତିଆରି କରି ଗରିବମାନଙ୍କୁ ବାଣ୍ଟୁଛନ୍ତି କେରଳର କେରାଟ୍‌ଟୀ ବର୍ଗୀସ୍। ତାଙ୍କ ପତ୍ନୀ ମଧ୍ୟ ଏହି କାମରେ ତାଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। କେରଳର ଏହି ଦମ୍ପତି ନିଜ ପୈତୃକ ଜମିରେ ବି ଘର ତିଆରି କରି ଦାନ କରିବା ପାଇଁ ଇଚ୍ଛା ରଖିଛନ୍ତି, ଯାହାଫଳରେ ବେସାହାରା ଲୋକେ ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ଟିକିଏ ପାଇପାରିବେ। ହେଲେ ସବୁଠୁ ବଡ଼ କଥା ହେଉଛି ସେମାନେ ନିଜ ପାଇଁ ଏପର୍ଯ୍ୟନ୍ତ ଖଣ୍ଡେ ଘର କରି ନାହାନ୍ତି। କେରାଟ୍‌ଟୀ ଆର୍ମିରେ ଡ୍ରାଇଭର ଓ ତାଙ୍କ ପତ୍ନୀ ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ। ଉଭୟ ନିଜର ସମସ୍ତ ରୋଜଗାରକୁ ସଞ୍ଚୟ କରି ଗରିବଙ୍କୁ ସାହାଯ୍ୟ କରିବା ପାଇଁ ଚିନ୍ତା କରିଥିଲେ। ଏଥିପାଇଁ ଉଭୟ ଅବସର ନେବା ପରେ ପ୍ରଥମେ ନିଜ ଜମି ଉପରେ ହିଁ ଘର ତିଆରି କରିବା ଆରମ୍ଭ କରିଥିଲେ ଏବଂ ଗରିବ ଲୋକଙ୍କୁ ବାଣ୍ଟିଥିଲେ। କେରାଟ୍‌ଟୀ କହନ୍ତି, ଛୋଟବେଳରୁ ସେ ଗରିବଙ୍କ ଦୁଃଖ ଦେଖିଛନ୍ତି। ଗରିବ ହେବାର କଷ୍ଟକୁ ସେ ନିଜେ ଅଙ୍ଗେ ନିଭାଇ ଥିବାରୁ ସେ ସବୁବେଳେ ଗରିବଙ୍କୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିଥାନ୍ତି।

# ବିଶ୍ୱରେ ଶାନ୍ତି, ସୁରକ୍ଷା ସୁନିଶ୍ଚିତ କରେ




ପ୍ରତିବର୍ଷ ଜୁଲାଇ ୧୭ ଆନ୍ତର୍ଜାତିକ ନ୍ୟାୟ ଦିବସ ଭାବେ ପାଳନ କରାଯାଇଥାଏ। ବିଶ୍ୱରେ ଏବେ ଅପରାଧକୁ ପ୍ରତିହତ କରିବା ପାଇଁ ନ୍ୟାୟ ପ୍ରକ୍ରିୟାରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହି ସବୁ ପ୍ରକ୍ରିୟାଗୁଡ଼ିକୁ ଲୋକଲୋଚନକୁ ଆଣିବାକୁ ଏହି ଦିବସ ପ୍ରୟାସ କରିଥାଏ। ଏହାକୁ ମଧ୍ୟ ଇଣ୍ଟରନ୍ୟାଶନାଲ କ୍ରିମିନାଲ ଜଷ୍ଟିସ ଡେ' ଭାବେ ପାଳନ କରାଯାଏ। ୧୯୯୮ ଜୁଲାଇ ୧୭ରେ ଇଟାଲୀର ରୋମ୍‌ରେ ଇଣ୍ଟର୍‌ନ୍ୟାଶନାଲ କ୍ରିମିନାଲ କୋର୍ଟ ଷ୍ଟାଟ୍ୟୁ ବା ରୋମ ଷ୍ଟାଟ୍ୟୁ ବା ସମ୍ବିଧାନ ପ୍ରସ୍ତୁତ କରାଯାଇ ସେଥିରେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି) ର ଭିତ୍ତିଭୂମି ତଥା ପ୍ରଶାସନିକ ଢାଞ୍ଚା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏହି ଆଇନ ୨୦୦୨ ଜୁଲାଇ ୧ରେ କାର୍ଯ୍ୟକାରୀ ହୋଇଥିଲା ଓ ଏହା ବଳରେ ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି)ବା ଆନ୍ତର୍ଜାତିକ ଅପରାଧିକ ନ୍ୟାୟାଳୟ ତା କାର୍ଯ୍ୟ ଆରମ୍ଭ କରିଥିଲା। ୨୦୧୯ ନଭେମ୍ବର ସୁଦ୍ଧା ଏହାର ସଦସ୍ୟ ସଂଖ୍ୟା ୧୩୯ରେ ପହଞ୍ଚିଛି। ଏହାର ମୁଖ୍ୟାଳୟ ହଗ୍, ନେଦରଲ୍ୟାଣ୍ଡରେ ରହିଛି। ୨୦୧୦ ଜୁନ୍ ୧ରେ ଉଗାଣ୍ଡାର କମ୍ପାଲାରେ ରୋମ୍ ସମ୍ବିଧାନ ବା ଆଇନର ସମୀକ୍ଷା ସମ୍ମିଳନୀରେ ୧୭ ଜୁଲାଇକୁ ଆନ୍ତର୍ଜାତିକ ନ୍ୟାୟ ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ଏହି ଦିବସ ପ୍ରତିବର୍ଷ ପାଳନ କରାଯାଇଆସୁଛି। ରୋମ ଷ୍ଟାଟ୍ୟୁକୁ ଏହି ଦିବସ ମନେପକାଇଦିଏ। ଏହି ଦିବସ ଅପରାଧ ବିରୋଧରେ ଲଢେଇ ଜାରି ରଖିବା ଲାଗି ଲୋକମାନଙ୍କୁ ସଚେତନ କରେ। ଯୁଦ୍ଧପୀଡିତ, ମାନବିକତା ବିରୋଧରେ ସଂଗଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି।

ଆଇସିସି ଏବେ ୧୫୦ରୁ ଊର୍ଦ୍ଧ୍ୱ ଦେଶରେ ୨,୫୦୦୦ ସଂଗଠନ ଦ୍ୱାରା କାର୍ଯ୍ୟ କରି ପୀଡିତଙ୍କୁ ନ୍ୟାୟ ପ୍ରଦାନରେ ପ୍ରମୁଖ ଭୂମିକା ନିଭାଉଛି। ପ୍ରତିବର୍ଷ ଆନ୍ତର୍ଜାତିକ ନ୍ୟାୟ ଦିବସରେ ସାରା ବିଶ୍ୱରେ ଆଇସିସିକୁ ସମର୍ଥନ କରିବା ସହ ଆନ୍ତର୍ଜାତିକ ଅପରାଧିକ ନ୍ୟାୟକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବିଶ୍ୱରେ ଏବେ ବିଭିନ୍ନ ପ୍ରକାର ଅପରାଧ ମୁଣ୍ଡ ଟେକିଲାଣି। ସାଇବର ଅପରାଧ ବି ଜଟିଳ ସମସ୍ୟା ସୃଷ୍ଟି କରୁଛି।

### ଭାରତୀୟ ନ୍ୟାୟ ବ୍ୟବସ୍ଥା ସ୍ୱତନ୍ତ୍ର



ଭାରତୀୟ ନ୍ୟାୟ ବ୍ୟବସ୍ଥା ସହିତ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ରର ନ୍ୟାୟ ବ୍ୟବସ୍ଥା ସମାନ ନୁହେଁ । ଅର୍ନ୍ତଜାତୀୟ କ୍ଷେତ୍ରରେ ଏହାର ଚର୍ଚ୍ଚା ହୁଏ । ଆମ ଦେଶର ନ୍ୟାୟ ବ୍ୟବସ୍ଥାକୁ ଅନ୍ୟ ରାଷ୍ଟ୍ରବାସୀ ସମ୍ମାନ ଜଣାନ୍ତି । ଏପରିକି ଜାତିସଂଘରେ ମଧ୍ୟ ଭାରତୀୟ ନ୍ୟାୟ ବ୍ୟବସ୍ଥାର ସ୍ୱତନ୍ତ୍ର ସ୍ଥାନ ରହିଛି । ପଡୋଶୀ ରାଷ୍ଟ୍ରକୁ ନେଇ ଅନେକ ଅନ୍ତର୍ଜାତୀୟ ମାମଲା ଏବେ ବି ବିଚାରାଧୀନ ରହିଛି । ଯାହାର ସମାଧାନ ଏବେ ଯାଏଁ ହୋଇ ପାରିନାହିଁ । ହେଲେ ଭାରତୀୟ ନ୍ୟାୟ ବ୍ୟବସ୍ଥାର ଗୋଟିଏ ଦୁର୍ବଳତା ହେଲା, ନ୍ୟାୟ ପ୍ରଦାନରେ ବିଳମ୍ବ ହୁଏ। ଯାହା ଅନ୍ତର୍ଜାତୀୟସ୍ତରୀୟ ମାମଲାରେ ମଧ୍ୟ ଦେଖିବାକୁ ମିଳେ। ନଚେତ୍ ନ୍ୟାୟ ପ୍ରଦାନରେ ତ୍ରୁଟି ହେଉଛି ବୋଲି କେହି ଆକ୍ଷେପ କରିପାରିବେ ନାହିଁ।

**- ଏ.ଏସ୍ ନାଇଡୁ, ହାଇକୋର୍ଟର ପୂର୍ବତନ ବିଚାରପତି**

### ଆଇନରେ ପରିବର୍ତ୍ତନ ଆବଶ୍ୟକ



ଭାରତର ନ୍ୟାୟିକ ବ୍ୟବସ୍ଥା ସବୁଠୁ ଭଲ। ଆମ ଦେଶରେ ଯେଉଁ ରାୟ ଦିଆଯାଏ ତାହାକୁ ଫ୍ରାନ୍ସ, ଆମେରିକାରେ ମଧ୍ୟ ପ୍ରଶଂସା କରାଯାଇଥାଏ। ତେବେ ଆମ ନ୍ୟାୟିକ ବ୍ୟବସ୍ଥାରେ କିଛିଟା ସମସ୍ୟା ରହିଛି। ତ୍ୱରିତ ନ୍ୟାୟ ବ୍ୟବସ୍ଥା ପାଇଁ ଆଇପିସି, ସିଆରପିସି ଏବଂ ଏଭିଡେନ୍ସ ଆକ୍ଟରେ ପରିବର୍ତ୍ତନ ସହ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ଆବଶ୍ୟକ ହୋଇପଡ଼ିଛି। ଫଳରେ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହେବେ ନାହିଁ।

**- ବୀରକିଶୋର ମିଶ୍ର, ହାଇକୋର୍ଟର ପୂର୍ବତନ ବିଚାରପତି**

# ବାପାଙ୍କ ଅପରେଶନ ଟଙ୍କାରେ ଗରିବଙ୍କୁ ରାଶନ



ମାହିନୁର ଖାତୁନ୍

କୋଲକାତା: ଲକ୍‌ଡାଉନ୍ ପାଇଁ ଏବେ ବହୁ ଅଞ୍ଚଳରେ ଲୋକେ ଦୁର୍ଦ୍ଦିନରେ ବିତାଉଛନ୍ତି। ଏଭଳି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ବି ଅନେକ ନିଜର ଯଥା ଉଦ୍ୟମ କରି ଉଦାହରଣ ପାଲଟିଛନ୍ତି। ଏଭଳି ଜଣେ ମହାନ୍ ହୃଦୟର ପ୍ରମାଣ ଦେଇଛନ୍ତି ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲାର କନଷ୍ଟେବଲ ମାହିନୁର ଖାତୁନ୍। ବାପାଙ୍କ ଅପରେଶନ୍ ପାଇଁ ରଖିଥିବା ଟଙ୍କାରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ରାଶନ ସାମଗ୍ରୀ ବାଣ୍ଟି ସେ ସମସ୍ତଙ୍କର ପ୍ରିୟ ପାତ୍ରୀ ହୋଇପାରିଛନ୍ତି। ମାହିନୁର ଏବେ ସ୍ଥାନୀୟ ଅଞ୍ଚଳର ବସ୍ତି ଲୋକଙ୍କୁ ରାଶନ ସାମଗ୍ରୀ ବାଣ୍ଟୁଛନ୍ତି। ସେ ରହୁଥିବା ଅଞ୍ଚଳରେ ଅଧିକାଂଶ ଲୋକ ଗରିବ ଶ୍ରେଣୀର। ଏମିତି କି ଦିନକୁ ଦୁଇଓଳି ଖାଦ୍ୟ ପାଇଁ ସେମାନେ ଚାଉଳ, ଆଳୁ ଭଳି ଅତି ଆବଶ୍ୟକ ସାମଗ୍ରୀ ମଧ୍ୟ ଯୋଗାଡ଼ କରିବାକୁ ଅକ୍ଷମ। ନିଜେ ଛୋଟବେଳରୁ ଏକ ଗରିବ ପରିବାରରେ ବଡ଼ ହୋଇଥିବାରୁ ସେମାନଙ୍କ କଷ୍ଟ ସହି ପାରି ନ ଥିଲେ ମାହିନୁର। ସେଥିପାଇଁ ତାଙ୍କ ବାପାଙ୍କ ହାର୍ଟ ଅପରେଶନ ପାଇଁ ସଞ୍ଚୟ କରିଥିବା ଟଙ୍କାରେ ଗରିବ ଲୋକଙ୍କୁ ଚାଉଳ ଡାଲି ଆଦି ଆବଶ୍ୟକ ସାମଗ୍ରୀ ଆଣି ବାଣ୍ଟି ଦେଇଥିଲେ। ଗତ ତିନି ମାସ ହେଲାଣି ସେ ଏଭଳି ସାମଗ୍ରୀ ବାଣ୍ଟିବାରେ ଲାଗିଛନ୍ତି। ସ୍ଥାନୀୟ ପଡ଼ୋଶୀମାନେ କହନ୍ତି କି ଗରିବଙ୍କ ପାଇଁ ମାହିନୁରଙ୍କ ଦ୍ୱାର ସବୁବେଳେ ଖୋଲା ରହିଥାଏ। ମାହିନୁରଙ୍କର ଏଭଳି କାମରେ ଏବେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ସାହାଯ୍ୟ କରିବାରେ ଲାଗିଛନ୍ତି। ତେଣୁ ସେ ସପୋର୍ଟ ମାହିନୁର ଅଭିଯାନ ଆରମ୍ଭ କରି ଗରିବଙ୍କୁ ସାହାଯ୍ୟ କରୁଛନ୍ତି ଓ ପୁଣି ଥରେ ବାପାଙ୍କ ଅପରେଶନ ପାଇଁ ଅର୍ଥ ସଂଗ୍ରହ କରିବା ଆରମ୍ଭ କରିବେ ବୋଲି କହିଛନ୍ତି।



ଅଶୋକ ମହାନ୍ତି

# କ୍ରୀଡ଼ା ଓ ବର୍ଣ୍ଣବୈଷମ୍ୟ

**କ୍ରୀଡ଼ାରେ ବର୍ଣ୍ଣବୈଷମ୍ୟ ଭାବ ରହିବା ଆଦୌ ନୂଆ କଥା ନୁହଁ। ଆମେରିକାରେ ଏହା ସବୁଠାରୁ ଅଧିକ ଦେଖିବାକୁ ମିଳିଥାଏ। ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନ 'କ୍ରୀତଦାସ ପ୍ରଥା ଉଚ୍ଛେଦ' କରିଥିଲେ। ଇତିମଧ୍ୟରେ ୧୫୫ ବର୍ଷ ବିତି ଯାଇଥିଲେ ମଧ୍ୟ ବର୍ଣ୍ଣବୈଷମ୍ୟ ଭାବ ସମ୍ପୂର୍ଣ୍ଣ ଭାବେ ହଟିନାହିଁ। ସମାଜ ପାଇଁ କର୍କଟ ରୋଗଠାରୁ ଅଧିକ ଭୟଙ୍କର ହୋଇଥିଲେ ମଧ୍ୟ ବର୍ଣ୍ଣବୈଷମ୍ୟତା ଆଶ୍ଚର୍ଯ୍ୟଜନକ ଭାବେ କ୍ରୀଡ଼ାକ୍ଷେତ୍ରକୁ ପ୍ରଭାବିତ କରିଛି...**

ମେ ମାସ ୨୫ରେ ଆମେରିକାର ମିନେପୋଲି ସହରରେ ୪୬ ବର୍ଷୀୟ ଆଫ୍ରିକାନ-ଆମେରିକାନ କୃଷ୍ଣକାୟ ବ୍ୟକ୍ତି ଜର୍ଜ ଫ୍ଲଏଡ୍ ଭୟଙ୍କର ବର୍ଣ୍ଣବିଦ୍ୱେଷର ଶିକାର ହୋଇ ପୋଲିସ ବର୍ବରତା ଦ୍ୱାରା ମୃତ୍ୟୁବରଣ କରିଥିଲେ। ଆମେରିକାରେ ଶ୍ୱେତକାୟ ପୋଲିସର ଏହି ବର୍ବରକାଣ୍ଡ ବିରୋଧରେ ଲକ୍ଷାଧିକ ଆମେରିକାବାସୀ ରାଜରାସ୍ତାକୁ ଓହ୍ଲାଇ ପୋଲିସ ଏବଂ ପ୍ରଶାସନ ବିରୁଦ୍ଧରେ ପ୍ରତିବାଦ କରୁଥିବାବେଳେ ଟ୍ରମ୍ପ ସରକାର ଏମାନଙ୍କ ସ୍ୱରକୁ ଦବାଇବା ପାଇଁ ବଳ ପ୍ରୟୋଗ କରିବାଦ୍ୱାରା ଆନ୍ଦୋଳନ ହିଂସାତ୍ମକ ହୋଇଥିଲା। ଏହାର ପ୍ରଭାବ ବିଶ୍ୱର ଅନ୍ୟ ଦେଶମାନଙ୍କରେ ମଧ୍ୟ ଦେଖିବାକୁ ମିଳିଥିଲା।

ଉପରୋକ୍ତ ଘଟଣାକୁ ବର୍ଣ୍ଣନା କରିବାର ଉଦ୍ଦେଶ୍ୟ ହେଉଛି ଯେ ଏପରି ବର୍ଣ୍ଣବିଦ୍ୱେଷ ଭାବ ପ୍ରାୟତଃ ଆମେରିକାରେ ସର୍ବାଧିକ ପରିଲକ୍ଷିତ ହୋଇଥାଏ। ଯୁକ୍ତରାଷ୍ଟ୍ର ଆମେରିକାର ୧୬ତମ ରାଷ୍ଟ୍ରପତି ଆବ୍ରାହମ ଲିଙ୍କନଙ୍କ ଦ୍ୱାରା ୧୮୬୫ରେ ସମ୍ବିଧାନର ୧୩ ତମ ସଂଶୋଧନ ମାଧ୍ୟମରେ ପାରିତ ହୋଇ 'କ୍ରୀତଦାସ ପ୍ରଥା ଉଚ୍ଛେଦ'ହୋଇଥିଲେ ମଧ୍ୟ ୧୫୫ ବର୍ଷ ପରେ ଆମେରିକୀୟମାନଙ୍କର କଳା ଏବଂ ଧୂସର ବର୍ଣ୍ଣର ଲୋକଙ୍କ ପ୍ରତି ଥିବା ବର୍ଣ୍ଣବିଦ୍ୱେଷ ମାନସିକତା ବଦଳି ନାହିଁ। ଏହି ବର୍ଣ୍ଣବୈଷମ୍ୟତା ଏକ ସାମାଜିକ ବ୍ୟାଧି ଭାବେ ବିଶେଷ ଭାବେ କ୍ରୀଡ଼ାକ୍ଷେତ୍ରକୁ ପ୍ରଭାବିତ କରିଛି।

କିଛିଦିନ ତଳେ ଗଣମାଧ୍ୟମଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାବିତ୍‌ମାନେ ବର୍ଣ୍ଣବିଦ୍ୱେଷର ଶିକାର ହେଉଥିବା ଲଗାତର ଭାବେ ପ୍ରସାର କରିଥିଲେ। ସେଣ୍ଟ ଲୁସିଆ ଜନ୍ମିତ ୱେଷ୍ଟଇଣ୍ଡିଜ୍ ଅଲରାଉଣ୍ଡର ଡାରେନ୍ ସାମି କିପରି ସନ୍ ରାଇଜର ହାଇଦ୍ରାବାଦ ଦଳରେ ଆଇପିଏଲ୍ ଖେଳିବା ସମୟରେ ଭାରତୀୟ ଖେଳାଳିଙ୍କ ବର୍ଣ୍ଣବୈଷମ୍ୟ ଆକ୍ଷେପର ଶିକାର ହୋଇଥିଲେ ତାହା ପ୍ରସାରିତ ହୋଇଥିଲା। ତାଙ୍କ ଦେହର ରଙ୍ଗ 'କଳା' ହୋଇଥିବାରୁ ଭାରତୀୟ ଖେଳାଳିମାନେ ତାଙ୍କୁ 'କାଲୁ' ବୋଲି ଡାକୁଥିଲେ ଏବଂ ଏହା ତାଙ୍କର ବର୍ଣ୍ଣ ପାଇଁ ଏକ ଅପମାନ ସୂଚକ ଶବ୍ଦ ବୋଲି ତାଙ୍କର ମନେ ହେଉଥିଲା। (ଯଦିଓ ପରବର୍ତ୍ତୀ ସମୟରେ ଉପରୋକ୍ତ ଭାରତୀୟ ଖେଳାଳିମାନେ ଏପରି ସମ୍ବୋଧନ କରିବା ପଛରେ କୌଣସି ବର୍ଣ୍ଣ ଆକ୍ଷେପର ଉଦ୍ଦେଶ୍ୟ ନ ଥିଲା ବରଂ ମଜା କରିବା ପାଇଁ ଏପରି ନାମ (କାଲୁ) ବ୍ୟବହାର କରୁଥିଲେ ବୋଲି ପ୍ରକାଶ କଲାପରେ ସାମି ମଧ୍ୟ ଏହାକୁ ଖେଳୁଆଡ଼ ମନୋଭାବରେ ଗ୍ରହଣ କରିଥିଲେ)।

ଅତୀତରେ କ୍ରୀଡ଼ା ବିଶେଷ ଭାବେ କ୍ରିକେଟ୍ ଖେଳରେ ବର୍ଣ୍ଣବୈଷମ୍ୟ ବାଦର ସର୍ବାଧିକ ନଗ୍ନ ଚେହେରା ଦେଖିବାକୁ ମିଳୁଥିଲା। ଦକ୍ଷିଣ ଆଫ୍ରିକାରେ ବହୁ ବର୍ଷ ଧରି ଦେଶରେ ଶାସନ କରୁଥିବା ସରକାରଙ୍କ ଅଣଶ୍ୱେତକାୟ ବର୍ଣ୍ଣ ଓ ଜାତି ବିରୋଧରେ ବିଦ୍ୱେଷ ମନୋଭାବ ସେ ଦେଶର କ୍ରୀଡ଼ା କ୍ଷେତ୍ରରେ ନକାରାତ୍ମକ ପ୍ରଭାବ ପକାଇଥିଲା। ୧୯୬୪ ଟୋକିଓ ଅଲିମ୍ପିକ୍ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି ପାଇଁ ତାଙ୍କୁ ଆମନ୍ତ୍ରଣ କରି ନ ଥିଲେ। ୧୯୬୮ ମେକ୍ସିକୋ କ୍ରୀଡ଼ାରେ ଭାଗ ନେବା ପାଇଁ ଦକ୍ଷିଣ ଆଫ୍ରିକା ସବୁ ବର୍ଣ୍ଣର କ୍ରୀଡ଼ାବିତ୍‌ମାନଙ୍କୁ ସାମିଲ ପାଇଁ ଆଇଓସି ସର୍ତ୍ତ ରଖିଥିଲେ। କିନ୍ତୁ ଆଇଓସିର ଏହି ନିଷ୍ପତ୍ତିକୁ ସମସ୍ତ ଆଫ୍ରିକୀୟ ଦେଶ ସମୂହ ବିରୋଧ କରି ଅଲିମ୍ପିକ୍ସକୁ ବର୍ଜନ କରିବେ ବୋଲି କହିବାରୁ ଦକ୍ଷିଣ ଆଫ୍ରିକାର ଏହି ଅଲିମ୍ପିକ୍ସରେ ଭାଗ ନେବା ସମ୍ଭବ ହୋଇ ନ ଥିଲା। ପରେ ୧୯୭୦ରେ ଆଇଓସି ଦକ୍ଷିଣ ଆଫ୍ରିକାକୁ ଅଲିମ୍ପିକ୍ସରୁ ସମ୍ପୂର୍ଣ୍ଣ ବାସନ୍ଦ କରିଥିଲା। ୬୦ ଦଶକର ଶେଷ ଭାଗରେ ଦକ୍ଷିଣ ଆଫ୍ରିକାର ଜାତୀୟ କ୍ରିକେଟ୍ ଦଳ ବର୍ଣ୍ଣବୈଷମ୍ୟ ନୀତି ପାଇଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଦେଶର 'ଆପାରଥିଡ଼' ନୀତିର ଶିକାର ହୋଇ ଅଧିକାଂଶ ବିଶ୍ୱସ୍ତରୀୟ ପ୍ରତିଭାବାନ୍ ଖେଳାଳି ଟେଷ୍ଟ କ୍ରିକେଟ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣ ଆଫ୍ରିକା ଜନ୍ମିତ ଅଣ ଶ୍ୱେତକାୟ ଓ ମିଶ୍ରିତ ବର୍ଣ୍ଣର କ୍ରିକେଟର ବାସିଲ ଡି'ଓଲିଭିଏରାଙ୍କ ବହୁଚର୍ଚ୍ଚିତ ଘଟଣା ସାରା ବିଶ୍ୱରେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣ ବିରୋଧୀ ଆଭିମୁଖ୍ୟକୁ ପଦାରେ ପକାଇଥିଲା। ଦକ୍ଷିଣ ଆଫ୍ରିକା ଜାତୀୟ କ୍ରିକେଟ ଦଳରେ କେବଳ ଶ୍ୱେତବର୍ଣ୍ଣ କ୍ରିକେଟରଙ୍କୁ ଖେଳିବାର ସୁଯୋଗ ଦିଆଯାଉଥିବାରୁ ଓଲିଭିଏରା ୧୯୬୦ ମସିହାରେ ଇଂଲଣ୍ଡ ଚାଲିଆସି ୧୯୬୬ରେ ତାଙ୍କର ଟେଷ୍ଟ କ୍ରିକେଟ ଜୀବନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଆରମ୍ଭ କରିଥିଲେ। ୧୯୬୮-୬୯ରେ ଇଂଲଣ୍ଡ ଟେଷ୍ଟ ସିରିଜ ଖେଳିବା ପାଇଁ ଦକ୍ଷିଣ ଆଫ୍ରିକା ଯିବାର ଥିଲା। ଏହି ସିରିଜ ପାଇଁ ଓଲିଭିଏରାଙ୍କୁ ଦଳରେ ସାମିଲ ନ କରିବା ପାଇଁ ଦକ୍ଷିଣ ଆଫ୍ରିକା ସରକାର ଏବଂ କ୍ରିକେଟ ବୋର୍ଡ ଇଂଲଣ୍ଡ ଉପରେ ଚାପ ପକାଇଥିଲେ। ମାତ୍ର ସେମାନେ ଏହି ଚେଷ୍ଟାରେ ବିଫଳ ହେବାରୁ କ୍ରିକେଟ ସିରିଜ ବାତିଲ ହୋଇଥିଲା। ଏପରି ବର୍ଣ୍ଣବୈଷମ୍ୟ ଆଭିମୁଖ୍ୟ ପାଇଁ ଆଇସିସି ଦକ୍ଷିଣ ଆଫ୍ରିକାକୁ ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ କରିଥିଲେ । ଏହା ଦ୍ୱାରା ଦୀର୍ଘ ୨୨ ବର୍ଷ ଧରି (୧୯୯୧ ପର୍ଯ୍ୟନ୍ତ) ଏହି ଦେଶର ଏକାଧିକ ବିଶ୍ୱସ୍ତରୀୟ ଖେଳାଳି ଯଥା- ପୋଲକ ଭ୍ରାତା ଦ୍ୱୟ (ଗ୍ରେମ୍ ଏବଂ ପିଟର), ବାରି ରିଚାର୍ଡସ୍, ମାଇକ ପ୍ରୋକ୍ଟର ପ୍ରଭୃତି ଖେଳାଳିମାନେ କେବଳ ସୀମିତ ଟେଷ୍ଟ ମ୍ୟାଚ ଖେଳିବାକୁ ସକ୍ଷମ ହୋଇଥିଲେ ।



ବାସିଲ ଡି'ଓଲିଭିଏରା





ଜେସି ଓଏନ୍ସ

୩୦ ଏବଂ ୬୦ ଦଶକରେ ବିଶ୍ୱ କ୍ରୀଡାର ଦୁଇ ଜଣ ମହାନ୍ କିମ୍ବଦନ୍ତି କ୍ରୀଡାବିତ୍ ଜେସି ଓଏନ୍ସ ଏବଂ ବିଶ୍ୱ ହେଭିୱେଟ୍ ବକ୍ସିଂ ଚାମ୍ପିୟନ ମହମ୍ମଦ ଅଲ୍ଲୀ ମଧ୍ୟ ବର୍ଣ୍ଣ ବୈଷମ୍ୟର ଶିକାର ହୋଇଥିଲେ । ୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଆମେରିକାର କୃଷ୍ଣକାୟ ଆଥଲେଟ୍ ଓଏନ୍ସ ଇତିହାସ ସୃଷ୍ଟି କରି ଏକାକୀ ୪ଟି ସ୍ୱର୍ଣ୍ଣ ପଦକ (୧୦୦, ୨୦୦ମି, ଲଙ୍ଗ ଜମ୍ପ ଏବଂ ୪x୧୦୦ ମି. ରିଲେ) ଜିତିବା ପରେ ସାରା ବିଶ୍ୱରେ ଜଣେ ବହୁ ଚର୍ଚ୍ଚିତ ଏବଂ ସମ୍ମାନର ଅଧିକାରୀ ହୋଇଥିଲେ। ତେବେ ସ୍ୱଦେଶ ଫେରିଲା ପରେ ପରମ୍ପରା ଅନୁସାରେ ଶ୍ୱେତକାୟ ଆଥଲେଟମାନଙ୍କୁ ଯେପରି ଦେଶର ରାଷ୍ଟ୍ରପତି ହ୍ୱାଇଟ୍ ହାଉସକୁ ଆମନ୍ତ୍ରଣ କରି ସମ୍ବର୍ଦ୍ଧିତ କରିଥାନ୍ତି ଓଏନ୍ସଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଥିଲା। ଯଦିଓ ଓଏନ୍ସଙ୍କ ନିଜ ସହର କ୍ଲିଭଲାଣ୍ଡରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା ତଥାପି ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ତାଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ ନ କରିବା ଆମେରିକା ସରକାର ଓ ପ୍ରଶାସନର ଚରମ ବର୍ଣ୍ଣ ବିରୋଧୀ ଚିନ୍ତାଧାରାକୁ ପଦାରେ ପକାଇଥିଲା ।

ଅନୁରୂପ ଭାବେ ୬୦ ଦଶକରେ ସାରା ବିଶ୍ୱରେ ଚହଳ ସୃଷ୍ଟି କରିଥିବା ଆମେରିକାର କିମ୍ବଦନ୍ତି କୃଷ୍ଣକାୟ ମୁଷ୍ଟିଯୋଦ୍ଧା କାସିୟସ କ୍ଲେ (ପରବର୍ତ୍ତୀ ସମୟରେ ମହମ୍ମଦ ଅଲ୍ଲୀ ନାମରେ ପ୍ରସିଦ୍ଧି ଲାଭ କରିଥିଲେ) ୧୯୬୦ ରୋମ୍ ଅଲିମ୍ପିକ୍ସରେ ଲାଇଟ୍ ହେଭିୱେଟ୍ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲାପରେ ସେ କୃଷ୍ଣକାୟ(ନିଗ୍ରୋ) ହୋଇଥିବାରୁ ଶ୍ୱେତକାୟଙ୍କ ପାଇଁ ଉଦ୍ଦିଷ୍ଟ ଏକ ହୋଟେଲରେ ପ୍ରବେଶ କରିବା ଲାଗି ତାଙ୍କୁ ବାରଣ କରାଯାଇଥିଲା। ଏପରି ବର୍ଣ୍ଣ ବୈଷମ୍ୟ ନୀତି ବିରୁଦ୍ଧରେ କ୍ଷୋଭ ପ୍ରକାଶକରି ସେ ତାଙ୍କ ଅଲିମ୍ପିକ ସ୍ୱର୍ଣ୍ଣ ପଦକକୁ ଓହାଇ ନଦୀକୁ ଫିଙ୍ଗି ଦେଇଥିଲେ (ତାଙ୍କ ଆତ୍ମ ଜୀବନୀରେ ପ୍ରକାଶିତ)। ପରବର୍ତ୍ତୀ ସମୟରେ ମହମ୍ମଦ ଅଲ୍ଲୀ ବିଶ୍ୱ ହେଭିୱେଟ୍ ବକ୍ସିଂ ଇତିହାସରେ ମହାନତମ ଶ୍ରେଷ୍ଠ ମୁଷ୍ଟିଯୋଦ୍ଧା ଭାବେ ପ୍ରସିଦ୍ଧି ଅର୍ଜନ କରିଥିବା ବେଳେ ବିଂଶ ଶତାବ୍ଦୀର ସର୍ବୋତ୍କୃଷ୍ଟ ଆକର୍ଷଣୀୟ କ୍ରୀଡ଼ା ବ୍ୟକ୍ତିତ୍ୱର ମାନ୍ୟତା ପାଇଥିଲେ। ଅଲ୍ଲୀଙ୍କୁ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ମସାଲ ପ୍ରଜ୍ୱଳନ କରିବାର ବିରଳ ସମ୍ମାନ ମିଳିଥିଲା ଏବଂ ଏହି ଅବସରରେ ଆଇଓସି ତାଙ୍କୁ ୧୯୬୦ ଅଲିମ୍ପିକ ସ୍ୱର୍ଣ୍ଣ ପଦକର ଏକ ଅବିକଳ ରିପ୍ଲିକା ପ୍ରଦାନ କରିଥିଲା।

ବର୍ତ୍ତମାନ ସକ୍ରିୟ ଥିବା ଏବଂ ଅନେକ ପୂର୍ବତନ ବିଶ୍ୱସ୍ତରୀୟ ତାରକା ଫୁଟବଲ ଖେଳାଳି ବର୍ଣ୍ଣବିଦ୍ୱେଷର ଶିକାର ହେବା ଖବର ପ୍ରାୟତଃ ଗଣମାଧ୍ୟମରେ ପ୍ରସାରିତ ହେଉଛି। ଇଂଲଣ୍ଡ ଜାତୀୟ ଦଳର ୩ ପ୍ରମୁଖ କୃଷ୍ଣକାୟ ଖେଳାଳି ଆସ୍‌ଲେ କୋଲ୍, ଥିଓ ୱାଲ୍‌କଟ୍ ଏବଂ ଆସ୍‌ଲେ ୟଙ୍ଗ୍ ୨୦୧୧ରେ ବୁଲଗେରିଆନ ଦର୍ଶକମାନଙ୍କ ଦ୍ୱାରା ପ୍ରବଳ ବର୍ଣ୍ଣବିରୋଧୀ ଗାଳିର ଶିକାର ହୋଇଥିଲେ। ନେଦରଲାଣ୍ଡର ତାରକା ଖେଳାଳି ରୁଡ୍ ଗୁଲିଟ୍ (୧୯୯୨-ଇଟାଲିଆନ ଲିଗ୍), ଘାନା ଜନ୍ମିତ ଇଟାଲୀ ଜାତୀୟ ଦଳର ଖେଳାଳି ମାରିଓ ବୋଲଟେଲ (୨୦୦୯), ବ୍ରାଜିଲର ପ୍ରସିଦ୍ଧ ଡିଫେଣ୍ଡର ରବର୍ଟ କାର୍ଲୋସ(୨୦୧୧-ମସ୍କୋ), ଚେଲ୍‌ସି ଖେଳାଳି ରହିମ ଷ୍ଟର୍ଲିଂ(୨୦୧୮), ଲିଭରପୁଲର ମହମ୍ମଦ ସାଲେ ଏବଂ ମାଞ୍ଚେଷ୍ଟର ୟୁନାଇଟେଡ୍‌ର ପଲ୍ ପୋଗ୍‌ବା(୨୦୧୯) ପ୍ରଭୃତି ସଂଖ୍ୟାଧିକ ଖେଳାଳି ବିଭିନ୍ନ ସମୟରେ ବର୍ଣ୍ଣବିରୋଧୀ ପକ୍ଷପାତିତା ଆରୋପର ଶିକାର ହୋଇଥିଲେ। ଏପରି କି ଜର୍ମାନୀ ଜାତୀୟ ଦଳର ତାରକା ଖେଳାଳି ମେସୁଟ୍ ଓଜିଲ ଟର୍କି ବଂଶୋଦ୍ଭବ ହୋଇଥିବାରୁ ଜାତି ପକ୍ଷପାତିତାର ଶିକାର ହୋଇ ସକ୍ରିୟ ଫୁଟବଲରୁ ଅବସର ନିଷ୍ପତ୍ତି ଅଜସ୍ର ଫୁଟବଲ ପ୍ରେମୀଙ୍କୁ ବିସ୍ମିତ କରିଥିଲା।

କୁହାଯାଇଥାଏ ଯେ କ୍ରୀଡ଼ା ଏପରି ଏକ କ୍ଷେତ୍ର ଯେଉଁଠାରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ କ୍ରୀଡ଼ାବିତମାନେ ସକାରାତ୍ମକ ପ୍ରତିଯୋଗିତା ମାଧ୍ୟମରେ ଶାନ୍ତି, ସୌହାର୍ଦ୍ୟ ଏବଂ ବନ୍ଧୁତା ବଜାୟ ରଖିବାରେ ସକ୍ଷମ ହୋଇଥାନ୍ତି। ମାନବ ଜାତିର ବୃହତ୍ତର ସ୍ୱାର୍ଥ ପାଇଁ ବିଶେଷ ଭାବେ କ୍ରୀଡ଼ା କ୍ଷେତ୍ରରେ ପରିଲକ୍ଷିତ ହେଉଥିବା ଜାତି ଏବଂ ବର୍ଣ୍ଣବୈଷମ୍ୟତା ସଂପୂର୍ଣ୍ଣ ଭାବେ ବିଲୋପ ହେବା ନିତାନ୍ତ ଆବଶ୍ୟକ।

## ହାମିଲଟନଙ୍କ ପାଇଁ ସୁଯୋଗ



**ବୁଦାପେଷ୍ଟ, ୧୬।୭ (ଏପି):** ଆସନ୍ତା ରବିବାର ଆୟୋଜିତ ହେବାକୁଥିବା ହଙ୍ଗେରିଆନ ଫର୍ମୁଲା ୱାନ୍ ଗ୍ରାଁପ୍ରିରେ ବିଜୟ ଲାଭ କରିପାରିଲେ ଲୁଇସ୍ ହାମିଲଟନ ଗୋଟିଏ ଟ୍ରାକ୍‌ରେ ସର୍ବାଧିକ ବିଜୟ ହାସଲ କରିବାରେ ମାଇକେଲ ସୁମାକରଙ୍କ ନାମରେ ରହିଥିବା ରେକର୍ଡର ସେ ସମକକ୍ଷ ହୋଇପାରିବେ। ପୁନଶ୍ଚ ସର୍ବାଧିକ ୯୧ ଥର ଗ୍ରାଁ ପ୍ରି ଟାଇଟଲ ଲାଭ କରି ସୁମାକର ଯେଉଁ ରେକର୍ଡ କରିଛନ୍ତି ତାହାଠାରୁ ମାତ୍ର ୫ଟି ବିଜୟ ଦୂରରେ ସେ ରହିବେ। ଗତ ସପ୍ତାହରେ ଅଷ୍ଟ୍ରିଆରେ ଷ୍ଟାଇରିଆନ ଗ୍ରାଁ ପ୍ରିରେ ଟାଇଟଲ ହାସଲ କରିଥିବା ଏହି ବ୍ରିଟିଶ ଡ୍ରାଇଭର ରବିବାର ରେସ୍ ଜିତିପାରିଲେ ହଙ୍ଗେରିଆନ ଟ୍ରାକ୍‌ରେ ଏହା ହେବ ତାଙ୍କର ୮ମ ବିଜୟ। ସୁମାକରଙ୍କ ଗୋଟିଏ ଭେନ୍ୟୁରେ ସର୍ବାଧିକ ବିଜୟ ରେକର୍ଡ ଫ୍ରେଞ୍ଚ ଗ୍ରାଁପ୍ରିରେ ରହିଛି। ହାମିଲଟନ ୨୦୦୭ରେ ହଙ୍ଗେରିଆନ ଗ୍ରାଁ ପ୍ରିରେ ତାଙ୍କର ପ୍ରଥମ ବିଜୟ ହାସଲ କରିଥିଲେ।

## ନେଗେଟିଭ୍ ପରେ ପାକିସ୍ତାନ ଦଳରେ କାଶିଫ୍

**ଲଣ୍ଡନ, ୧୬।୭ (ଏ.ପି.):** ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ପ୍ରୋଟୋକଲ୍ ଅନୁସାରେ ବାମହାତୀ ସ୍ପିନର କାଶିଫ ଭଟ୍ଟିଙ୍କର ଦୁଇଥର କୋଭିଡ୍-୧୯ ଟେଷ୍ଟରେ ନେଗେଟିଭ୍ ଆସିବାପରେ ବର୍ତ୍ତମାନ ଓରସେଷ୍ଟରଠାରେ ଥିବା ପାକିସ୍ତାନ କ୍ରିକେଟ ଦଳରେ ଯୋଗଦେବା ଲାଗି ତାଙ୍କୁ ଅନୁମତି ମିଳିଛି। ଆସନ୍ତା ମାସରେ ଭ୍ରମଣକାରୀ ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଟେଷ୍ଟ ସିରିଜ ଆରମ୍ଭ ହେବ। ପାକିସ୍ତାନ କ୍ରିକେଟ ଦଳ ତିନୋଟି ପର୍ଯ୍ୟାୟରେ ୟୁନାଇଟେଡ୍ କିଙ୍ଗଡମ୍(ୟୁକେ)ରେ ପହଞ୍ଚିଛି। ୩୩ ବର୍ଷୀୟ କାଶିଫ୍‌ଙ୍କର କରୋନା ଭାଇରସ୍ ଟେଷ୍ଟରେ ତାଙ୍କର ପଜିଟିଭ୍ ଆସିବାରୁ ସେ ପାକିସ୍ତାନ ଫେରିଯାଇଥିଲେ। ସେଠାରେ ଚିକିତ୍ସିତ ହୋଇ ସୁସ୍ଥ ହେବାପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ପ୍ରୋଟୋକଲ୍ ଅନୁସାରେ ଦୁଇଥର ତାଙ୍କର କରୋନା ଟେଷ୍ଟ ହୋଇଥିଲା ଏବଂ ନେଗେଟିଭ୍ ଆସିଥିଲା। ସେ ୟୁକେ ପ୍ରତ୍ୟାବର୍ତ୍ତନ କରିବା ପରେ ଇସିବି ପ୍ରୋଟୋକଲ ଅନୁସାରେ ତାଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ମାତ୍ର



ପଜିଟିଭ୍ ଆସିବାରୁ ଓରସେଷ୍ଟରଠାରେ ଅବଶିଷ୍ଟ ପାକିସ୍ତାନ ଦଳଠାରୁ ତାଙ୍କୁ ସେଲ୍‌ଫ ଆଇସୋଲେଶନରେ ରହିବାକୁ ପଡ଼ିଥିଲା। ମାଲିସ୍‌ବାଲା ମଲଙ୍ଗ ଅଲିଙ୍କ ବ୍ୟତୀତ ସାଥୀ କ୍ରିକେଟର ହାଇଦର ଅଲି ଓ ଇମ୍ରାନ ଖାଁଙ୍କ ସହ ମିଶିକରି ଭଟ୍ଟି ୟୁକେ ଆସିଥିଲେ। ପାକିସ୍ତାନରେ ପ୍ରଥମେ ଏହି ସମସ୍ତଙ୍କର ପଜିଟିଭ୍ ଆସିଥିଲା। ପ୍ରଥମ ପର୍ଯ୍ୟାୟରେ ପାକିସ୍ତାନୀ ଖେଳାଳିମାନେ ଜୁନ୍ ୨୯ରେ ପହଞ୍ଚିଥିଲେ। ଦ୍ୱିତୀୟ ପର୍ଯ୍ୟାରରେ ଆସିଥିବା ଖେଳାଳିମାନଙ୍କ ମଧ୍ୟରେ ଫଖର ଜମାନ, ମହମ୍ମଦ ହାସନେନ୍, ମହମ୍ମଦ ହାଫିଜ୍, ମହମ୍ମଦ ରିଜୱାନ, ଶାଦାବ ଖାଁ ଓ ୱାହାବ ରିଆଜ ପ୍ରମୁଖ ଏଠାରେ ପହଞ୍ଚିବାର କିଛିଦିନ ପରେ ସେମାନଙ୍କର ହୋଇଥିବା ଟେଷ୍ଟରେ ନେଗେଟିଭ୍ ଆସିଥିଲା।

## ସିବ୍‌ଲେ ଇନିଂସ ସମ୍ଭାଳିଲେ

**ମାଞ୍ଚେଷ୍ଟର, ୧୬।୭**

ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ କ୍ରିକେଟ ଟେଷ୍ଟ ଗୁରୁବାର ଆରମ୍ଭ ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଖବର ମିଳିବା ବେଳକୁ ୩ ଉଇକେଟ ହରାଇ ୧୩୯ ରନ ସଂଗ୍ରହ କରିଛି। ୮୧ ରନ ମଧ୍ୟରେ ୩ଟି ଉଇକେଟ ପଡ଼ିଥିବାବେଳେ ଅର୍ଦ୍ଧଶତକ ହାସଲ କରି ଇନିଂସ ସମ୍ଭାଳିଛନ୍ତି ଡୋମିନିକ୍ ସିବ୍‌ଲେ। ୧୬୪ ବଲ୍‌ରୁ ୨ ଚୌକା ସହ ଅର୍ଦ୍ଧଶତକ ପୂରଣ କରିଥିବା ସିବ୍‌ଲେ ୫୬ ଏବଂ ବେନ୍ ଷ୍ଟୋକ୍ସ ୩୪ ରନରେ ଅପରାଜିତ ରହିଥିଲେ। ୨୯ ରନରେ ଇଂଲଣ୍ଡ ପ୍ରଥମ ଉଇକେଟ ହରାଇଥିଲା। ରୋରି ବର୍ନ୍ସ ୧୫ ରନ କରିଥିବାବେଳେ ରଷ୍ଟନ ଚେଜ୍‌ଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ। ବର୍ନ୍ସ ରିଭ୍ୟୁ ନେଇଥିଲେ ହେଁ ଫଳପ୍ରଦ ହୋଇ ନ ଥିଲା। ସାଉଥାମ୍ପଟନ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଥିବା ଜ୍ୟାକ କ୍ରାଓଲେ ଏଠାରେ ଖାତା ଖୋଲିବା ପୂର୍ବରୁ ଚେଜ୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଫଳରେ ସେହି ୨୯ ରନରେ ଘରୋଇ ଦଳର ଦ୍ୱିତୀୟ ଉଇକେଟ ପତନ ଘଟିଥିଲା। ଅଧିନାୟକ ଜୋ ରୁଟ୍ ଓ ସିବ୍‌ଲେ ଇନିଂସ ଗଢ଼ିବାକୁ ଉଦ୍ୟମ କରିଥିଲେ। ତୃତୀୟ ଉଇକେଟ ଭାଗୀଦାରିରେ ୫୨ ରନ ଯୋଗ ହେବାପରେ ରୁଟ୍‌ଙ୍କୁ ବିଦାୟ ପଥ ଦେଖାଇଥିଲେ ଆଲଜାରି ଜୋସେଫ। ୪୯ ବଲ୍‌ର ସମ୍ମୁଖୀନ ହୋଇଥିବା ରୁଟ୍ ୨ ଚୌକା ସହ ୨୩ରନ କରିଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ଚେଜ୍ ୨ଟି ଏବଂ ଜୋସେଫ ଗୋଟିଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲ ପଥରେ ଶଟ୍ ଖେଳୁଛନ୍ତି ଡୋମିନିକ୍ ସିବ୍‌ଲେ।

ମେଘୁଆ ପାଗକୁ ଦୃଷ୍ଟିରେ ରଖି ୱେଷ୍ଟଇଣ୍ଡିଜ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଖରାପ ପାଗ ଯୋଗୁ ମ୍ୟାଚ ୯୦ ମିନିଟ ବିଳମ୍ବରେ ଆରମ୍ଭ ହୋଇଥିଲା। ସାଉଥାମ୍ପଟନରୁ ମାଞ୍ଚେଷ୍ଟର ଆସିବା ଅବସରରେ ନିଜ ଘରକୁ ଯାଇଥିବାରୁ ଆଇସୋଲେଶନ ପ୍ରୋଟୋକଲ ଭାଙ୍ଗିବା

**ଦ୍ୱିତୀୟ ଟେଷ୍ଟ**

ଅଭିଯୋଗରେ ଜୋଫ୍ରା ଆର୍ଚର ଦଳରୁ ବାଦ୍ ପଡ଼ିଛନ୍ତି। ଜେମ୍ସ ଆଣ୍ଡରସନ ଓ ମାର୍କ ଉଡ୍‌ଙ୍କୁ ବିଶ୍ରାମ ଦିଆ ଯାଇଥିବାରୁ ଇଂଲଣ୍ଡ ସମ୍ପୂର୍ଣ୍ଣ ନୂଆ ପେସ୍ ଆକ୍ରମଣ ସହ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଯାଉଛି। ଏହି ମ୍ୟାଚରେ ଷ୍ଟୁଆର୍ଟ ବ୍ରଡ୍, କ୍ରିସ୍ ୱକ୍ସ ଓ ସାମ୍ କୁରାନ ଦଳର ପେସ୍ ଆକ୍ରମଣ ଦାୟିତ୍ୱରେ ରହିବେ। ଜୋ ରୁଟ୍ ଅଧିନାୟକ ପଦକୁ ଫେରିଛନ୍ତି। ଦ୍ୱିତୀୟ ସନ୍ତାନର ଜନନୀ ହୋଇଥିବା ପତ୍ନୀଙ୍କ ସହ ରହିଥିବାରୁ ରୁଟ୍ ପ୍ରଥମ ଟେଷ୍ଟରେ ଖେଳିପାରି ନ ଥିଲେ। ସେ ଜୋ ଡେନ୍‌ଲଙ୍କ ସ୍ଥାନରେ ଖେଳିଛନ୍ତି। ଅନ୍ୟପକ୍ଷରେ ପ୍ରଥମ ଟେଷ୍ଟକୁ ୪ ଉଇକେଟରେ ଜିତିଥିବା ୱେଷ୍ଟଇଣ୍ଡିଜ ଦଳ ଅପରିବର୍ତ୍ତିତ ରହିଛି।

## ପ୍ରୋଟୋକଲ ଉଲ୍ଲଂଘନ: କ୍ଷମା ମାଗିଲେ ଆର୍ଚର

**ମାଞ୍ଚେଷ୍ଟର,୧୬।୭ (ପି.ଟି.):** ଗୁରୁବାରଠାରୁ ଆରମ୍ଭ ହୋଇଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରୁ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ବାଦ୍ ପଡିଛନ୍ତି। ଦଳର ଜୈବ ନିରାପତ୍ତା ନିୟମ ବା ପ୍ରୋଟୋକଲର ଉଲ୍ଲଂଘନ କରିଥିବାରୁ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏବେ ସେ ୫ ଦିନ ସେଲ୍ଫ ଆଇସୋଲେଶନରେ ରହିବେ ଓ ଏହି ସମୟରେ ତାଙ୍କର କୋଭିଡ୍-୧୯ ଟେଷ୍ଟ



ମଧ୍ୟ କରାଯିବ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ତରଫରୁ କୁହାଯାଇଛି। ଅବଶ୍ୟ ଏଥିପାଇଁ ଆର୍ଚର କ୍ଷମା ମାଗିଛନ୍ତି। ନିଜ ଆଚରଣ ପାଇଁ ଦୁଃଖିତ ଓ ମୋ ପାଇଁ ଦଳ ଓ ପୂରା ଟିମ୍ ମ୍ୟାନେଜମେଣ୍ଟ ବିପଦରେ ପଡିଛି ବୋଲି ସେ କହିଛନ୍ତି। ଆର୍ଚର ଗତ ସୋମବାର ବ୍ରିଜ୍‌ଟାଉନ୍‌ସ୍ଥିତ ନିଜ ଘରକୁ ଯାଇଥିଲେ। ଏହା ପ୍ରୋଟୋକଲର ଉଲ୍ଲଂଘନ ବୋଲି ଇସିବି ତରଫରୁ କୁହାଯାଇଛି। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ସାଉଥାମ୍ପଟନରେ ଇଂଲଣ୍ଡ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ଟେଷ୍ଟ ସଫଳତାର ସହ ଆୟୋଜନ ହୋଇଥିଲା। ଏଥିରେ ୱେଷ୍ଟଇଣ୍ଡିଜ ବିଜୟ ଲାଭ କରିଥିଲା। ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ପଛରେ ପଡିଥିବା ବେଳେ ଦଳରୁ ଆର୍ଚର ବାଦ୍ ପଡିବା ଇଂଲଣ୍ଡ ପାଇଁ ଏକ ଝଟ୍‌କା ସଦୃଶ ହୋଇଛି।

## ୨୬ ଜଣିଆ ଅଷ୍ଟ୍ରେଲିଆ ଦଳରେ ଖ୍ୱାଜା, ମ୍ୟାକ୍ସୱେଲ

**ମେଲବୋର୍ନ,୧୬।୭(ପି.ଟି):** ଆଗାମୀ ଇଂଲଣ୍ଡ ଗସ୍ତ ପାଇଁ ଅଷ୍ଟ୍ରେଲିଆ ଗୁରୁବାର ଏକ ୨୬ ଜଣିଆ ଶକ୍ତିଶାଳୀ ପ୍ରାଥମିକ ଦଳ ଘୋଷଣା କରିଛି। ଏହି ଦଳରେ ଗ୍ଲେନ୍ ମ୍ୟାକ୍ସୱେଲ ଓ ଉସ୍‌ମାନ ଖ୍ୱାଜାଙ୍କୁ ସାମିଲ କରାଯାଇଛି। ଆଗକୁ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ୩ ଜଣ ନବାଗତଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି।

କୋଭିଡ୍-୧୯ର ପ୍ରକୋପ ଜାରି ରହିଥିବା ବେଳେ ଏହି ଦଳ ଘୋଷଣା କରିବା ଏକ ସକାରାତ୍ମକ ପଦକ୍ଷେପ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ କୁହାଯାଇଛି। ଇତିମଧ୍ୟରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଟେଷ୍ଟ ସିରିଜ ଆରମ୍ଭ ହୋଇଛି। ଦୀର୍ଘ ଦିନ ପରେ ଅନ୍ତର୍ଜାତୀୟ କ୍ରିକେଟର ପ୍ରତ୍ୟାବର୍ତ୍ତନ ହୋଇଛି।

**ଇଂଲଣ୍ଡ ଗସ୍ତ**

ତେବେ ଏପର୍ଯ୍ୟନ୍ତ ଏହି ସୀମିତ ଓଭର ଗସ୍ତ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇନାହିଁ। ଏ ସଂକ୍ରାନ୍ତରେ କ୍ରିକେଟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଆଣ୍ଡ୍ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମଧ୍ୟରେ ଗଠନମୂଳକ ଆଲୋଚନା ଚାଲିଛି। ୩ଟି ଲେଖାଏ ଦିନିକିଆ ଓ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍‌କୁ ନେଇ ଆଗାମୀ ସେପ୍ଟେମ୍ବରରେ ଏହି ଗସ୍ତ ନିଶ୍ଚିତ ହେଲା ପରେ ଅନ୍ତିମ ଦଳ ଘୋଷଣା କରାଯିବ। ଏହି ଦଳରେ ନିୟମିତ ଖେଳାଳିମାନଙ୍କ ସମେତ ମ୍ୟାକ୍ସୱେଲ ଓ ଉସ୍‌ମାନ ଖ୍ୱାଜାଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି।

## ଟାଙ୍ଗୀ-ଚୌଦ୍ୱାରରୁ ୯୯ଜଣଙ୍କ ସ୍ୱାବ ସଂଗ୍ରହ

ଟାଙ୍ଗୀ(କଟକ)(ଡି.ଏନ୍.ଏ): ଟାଙ୍ଗି–ଚୌଦ୍ୱାର ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ସଙ୍ଗରୋଧ କେନ୍ଦ୍ରରୁ ୬୧ଜଣ ପ୍ରବାସୀ, ଘରୋଇ ସଙ୍ଗରୋଧରେ ଥିବା ୧୪ଜଣ, ସାଲେପୁର ବିଧାୟକଙ୍କ ଲିଙ୍କ୍‌ରେ ୪ଜଣ, କୟଲପଡ଼ା ଆକ୍ରାନ୍ତଙ୍କ ଲିଙ୍କ୍‌ରେ ୧୩ଜଣ ଓ ଟାଙ୍ଗୀ ଥାନାର ୭ଜଣଙ୍କୁ ମିଶାଇ ମୋଟ ୯୯ଜଣଙ୍କ ସ୍ୱାବ୍ ଗୁରୁବାର ସଂଗୃହୀତ ହୋଇଛି। ଟାଙ୍ଗୀ ବିଦ୍ୟାପୀଠରେ ଆୟୋଜିତ ଶିବିରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟାଧିକାରିଣୀ ଡା. ମଧୁସ୍ମିତା ନାୟକ ପରିଚାଳନା କରିଥିବାବେଳେ ବିପିଏମ୍ ଚିତ୍ତରଞ୍ଜନ ଦାସ ସହଯୋଗ କରିଥିଲେ।



## ସଂକ୍ଷେପରେ

### ବଡ଼ମ୍ବାରୁ ୧୪ ଆକ୍ରାନ୍ତ

ବଡ଼ମ୍ବା,୧୬।୭(ଡି.ଏନ.ଏ.): କଟକ ଜିଲା ବଡମ୍ବା ବ୍ଲକରୁ ଗୁରୁବାର ପୁଣି ୧୪ ପଜିଟିଭ ଚିହ୍ନଟ ହୋଇଛନ୍ତି ବୋଲି ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ମାଣିଆବନ୍ଧ ଓ କଣ୍ଟା ଗ୍ରାମରୁ ୫ ଜଣ ଲେଖାଏ ରହିଥିବା ବେଳେ ରଗଡ଼ିପଡ଼ା ଏବଂ ମହୁଲିଆରୁ ଜଣେ ଲେଖାଏ ଚିହ୍ନଟ ହୋଇଛନ୍ତି। ବଡ଼ମ୍ବାରୁ ୨ ଜଣ ରହିଛନ୍ତି। ଏହାକୁ ମିଶାଇ ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୫ ଛୁଇଁଛି। ଏ ସମ୍ପର୍କରେ ବିଡିଓ ଆଚାର୍ଯ୍ୟ କହିଛନ୍ତି, ଆକ୍ରାନ୍ତମାନଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯିବାକୁ ବ୍ୟବସ୍ଥା କରାଯାଉଛି। ପରେ ଉକ୍ତ ଅଞ୍ଚଳକୁ ବିଶୋଧନ କରାଯିବ।

### ବଡ଼ଦାଣ୍ଡରୁ କ୍ୟାବିନ ହଟାଯାଉ

ପୁରୀ ଅଫିସ,୧୬।୭: ବଡ଼ଦାଣ୍ଡର ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ କ୍ୟାବିନ ପକାଇବା ଲାଗି ପୌରସଂସ୍ଥା ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହାକୁ ବଡ଼ଶଙ୍ଖରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ବାସ କରୁଥିବା ଅଧିବାସୀମାନେ ବିରୋଧ କରିଛନ୍ତି। ଏ ନେଇ ସେମାନେ ଗୁରୁବାର ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବଡ଼ଦାଣ୍ଡ ଜାତୀୟ ରାଜପଥ ଅଧୀନରେ ରହିଛି। ତେଣୁ ପୁରୀ ପୌରସଂସ୍ଥା ଏଠାରେ କ୍ୟାବିନ ପକାଇବାକୁ କୌଣସି ଅନୁମତି ଦେବାର ଅଧିକାର ନାହିଁ। ଏପରି କରାଗଲେ ବଡ଼ଦାଣ୍ଡ ଦୁଇପାର୍ଶ୍ୱରେ ଥିବା ଅଧିବାସୀ ସମସ୍ୟାରେ ପଡ଼ିବେ। ଏହାଦ୍ୱାରା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର କ୍ଷୁଣ୍ଣ ହେଉଛି। ତେଣୁ ତୁରନ୍ତ ବଡ଼ଦାଣ୍ଡକୁ ଖାଲି କରାଯାଉ। ବଡ଼ଦାଣ୍ଡରେ ଉଠାଦୋକାନ କରିଥିବା ଓ କ୍ୟାବିନ ପକାଇଥିବା ବ୍ୟବସାୟୀଙ୍କୁ ପୁରୀ ମାର୍କେଟ କମ୍ପ୍ଲେକ୍ସ, ଜଗନ୍ନାଥ ବଲ୍ଲଭ ମଠ ପରିସରରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇ ଥଇଥାନ କରାଯାଉ ବୋଲି ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

### ସ୍କ୍ରାପ୍ ଅପସାରଣରେ ପୂର୍ବତଟ ରେଳପଥ ଆଗୁଆ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ପୂର୍ବତଟ ରେଳପଥ ଯଥାସମୟରେ ସ୍କ୍ରାପ ଅପସାରଣ(ରେଳ ଧାରଣାରେ ପଡ଼ିଥିବା ଲୁହାଖଣ୍ଡକୁ ବ୍ୟବହାର) କରିବାରେ ସକ୍ରିୟ ପଦକ୍ଷେପ ନେଉଛି। ଗତ ଆର୍ଥିକ ବର୍ଷରେ ପୂର୍ବତଟ ରେଳପଥ କରିଥିବା ସ୍କ୍ରାପ୍ ଅପସାରଣର ପରିମାଣ, ଭାରତୀୟ ରେଳ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟଠାରୁ ୩୪% ଅଧିକ ଥିଲା, ଯାହାକି ଅନ୍ୟ ରେଳପଥଗୁଡ଼ିକ କାର୍ଯ୍ୟପ୍ରଣାଳୀ ଅପେକ୍ଷା ଅଗ୍ରଣୀ। ବର୍ତ୍ତମାନ ଲକ୍‌ଡାଉନ ଉଠିବା ପରେ ଜୁନରେ ପୂର୍ବତଟ ରେଳପଥ ଦ୍ୱାରା ସ୍କ୍ରାପ୍ ଅପସାରଣ ପ୍ରକ୍ରିୟାକୁ ଇ-ନିଲାମ ମାଧ୍ୟମରେ ପୁନଃ ଆରମ୍ଭ କରାଯାଇଛି। ସମସ୍ତ ଡିଭିଜନରେ ସମୁଦାୟ ୧୧ ଇ-ନିଲାମ ଅନୁଷ୍ଠିତ ହୋଇଥିବାବେଳେ କେବଳ ଜୁଲାଇରେ ଏପର୍ଯ୍ୟନ୍ତ ୬ ଇ-ନିଲାମ ଅନୁଷ୍ଠିତ ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ଜଣାପଡ଼ିଛି। କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ପୂର୍ବତଟ ରେଳପଥ ଦ୍ୱାରା ଏହି କାର୍ଯ୍ୟକୁ ଇ-ନିଲାମ ମାଧ୍ୟମରେ କରାଯାଉଥିବାବେଳେ ୨୦୦୩ରୁ ଏହା ଭାରତୀୟ ରେଳ ଇ-ପ୍ରୋକ୍ୟୁରମେଣ୍ଟ ସିଷ୍ଟମ (ଆଇଆରଇପିଏସ୍) ଦ୍ୱାରା କରାଯାଉଛି। ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଅଧିକ କରାଯିବାକୁ ଥିବାବେଳେ ଚଳିତବର୍ଷ ମଧ୍ୟ ପୂର୍ବତଟ ରେଳପଥ ଅଗ୍ରଣୀ ରହିବାକୁ ଆଗଭରା ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ପ୍ରକାଶ ପାଇଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ବାଲିଅନ୍ତା,୧୬।୭(ଡି.ଏନ.ଏ): ବାଲିଅନ୍ତା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଚନ୍ଦନ ସାହୁ(୨୧)। ଏ ନେଇ ପୋଲିସ ନଂ. ୧୩୮/୨୦ରେ ଏକ ମାମଲା ରୁଜୁ କରିଛି। ବୁଧବାର ଅପରାହ୍ନରେ ନାବାଳିକା ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ ଚନ୍ଦନ ନାବାଳିକାଙ୍କ ଘରେ ପଶି ବଳାତ୍କାର କରିଥିଲେ। ପରେ ଏ ନେଇ ପୀଡ଼ିତାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଚନ୍ଦନଙ୍କୁ ବୁଧବାର ରାତିରେ ଧରିଥିଲେ।

# ସୁପରସ୍ପ୍ରେଡର ହୋଇପାରନ୍ତି କ୍ୟାବ୍ ଡ୍ରାଇଭର

## ଭୁବନେଶ୍ୱରରେ ୯୧୯ ଆକ୍ରାନ୍ତ, ୫୦୪ ସକ୍ରିୟ ସଂକ୍ରମିତ

- କଣ୍ଟାକ୍ଟ ଟ୍ରେସିଂରେ ଉପୁଜୁଛି ସମସ୍ୟା, ବଢ଼ିଲା ବିଏମ୍‌ସି ଚିନ୍ତା
- ପୁଣି ୬୦ ନୂଆ ଆକ୍ରାନ୍ତ, ୧୮ ସୁସ୍ଥ

ଭୁବନେଶ୍ୱର,୧୬।୭

ଭୁବନେଶ୍ୱରରେ ଏବେ କରୋନା ମହାମାରୀ ଧୀରେ ଧୀରେ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି। ସହରରେ ଲଗାତର ଦ୍ୱିତୀୟ ଦିନରେ ସଂକ୍ରମିତଙ୍କ ସଂଖ୍ୟା ୫୦ ଉପରେ ରହିଥିବାବେଳେ ୨୪ ଘଣ୍ଟାରେ ଆଉ ୬୦ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୪୦ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୨୦ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୧୯ରେ ପହଞ୍ଚିଛି। ସବୁଠୁ ବଡ଼ କଥା ହେଲା ହଟ୍‌ସ୍ପଟ୍ ଜିଲା ଫେରନ୍ତା ସଂକ୍ରମଣର ବାହକ ସାଜିଛନ୍ତି। ନୂଆ ଚିହ୍ନଟ ହୋଇଥିବା ୨୦ଜଣ ସ୍ଥାନୀୟ ସଂକ୍ରମିତ ମଧ୍ୟରେ ଜଣେ କ୍ୟାବ୍ ଡ୍ରାଇଭର ରହିଛନ୍ତି। ସେ କିଛିଦିନ ତଳେ ହଟ୍‌ସ୍ପଟ ଜିଲାରୁ ଫେରି ଭୁବନେଶ୍ୱରରେ କ୍ୟାବ୍ ଚଳାଉଛନ୍ତି। ତାଙ୍କ ଗାଡ଼ିରେ ବହୁ ଲୋକ ଯାତ୍ରା କରିଥିବାବେଳେ ସେ ରହୁଥିବା ପଟିଆ ରେଳ ଷ୍ଟେଶନ ନିକଟ ଅଞ୍ଚଳର ଶତାଧିକ ବ୍ୟକ୍ତି ତାଙ୍କ ସଂସ୍ପର୍ଶରେ ଆସିଥିବା ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ତଥ୍ୟରୁ ସୂଚନା ମିଳିଛି। ଉକ୍ତ କ୍ୟାବ୍ ଡ୍ରାଇଭର ଜଣକ ସୁପରସ୍ପ୍ରେଡର ହୋଇପାରନ୍ତି ବୋଲି ଆଶଙ୍କା କରି ବିଏମ୍‌ସି ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି। ହେଲେ କଣ୍ଟାକ୍ଟ ଟ୍ରେସିଂରେ ବହୁ ସମସ୍ୟା ଉପୁଜୁଥିବାରୁ ଓ ସମସ୍ତଙ୍କୁ ଚିହ୍ନଟ ସମ୍ଭବ ହେଉ ନ ଥିବାରୁ ଏଭଳି କେତେଜଣଙ୍କ ପାଇଁ ସହରର ସ୍ଥିତି ବିଗିଡିବାରେ ଲାଗିଥିବା ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି।

ଏହାବ୍ୟତୀତ ନୂଆ ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ଅଧିକାଂଶ ବସ୍ତି ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ଭୀମଟାଙ୍ଗୀ ଭୀମେଶ୍ୱର ମନ୍ଦିର ଅଞ୍ଚଳରୁ ଜଣେ ପୁରୁଷ, ଆଚାର୍ଯ୍ୟ ବିହାର ବିଶ୍ୱେଶ୍ୱର ବସ୍ତି ଅଞ୍ଚଳରୁ ୨ଜଣ ପୁରୁଷ, ଜୟଦେବ ବିହାର ଅଞ୍ଚଳରୁ ୨ଜଣ ପୁରୁଷ, ଜାଗମରା ଅଞ୍ଚଳରୁ ଜଣେ ପୁରୁଷ, ବମିଖାଲ ଅଞ୍ଚଳରୁ ଜଣେ ପୁରୁଷ, ସରକାରୀ ହସ୍ପିଟାଲ୍‌ରୁ ୩ଜଣ, ନୟାପଲ୍ଲୀ ଆଇଆର୍‌ସି ଭିଲେଜରୁ ଜଣେ ମହିଳା, ସାଲିଆ ସାହି ନିରଙ୍କାରୀ ନଗର ଅଞ୍ଚଳରୁ ୨ଜଣ ପୁରୁଷ, ଶ୍ୟାମପୁର ସମ୍ ହସ୍ପିଟାଲ ଅଞ୍ଚଳରୁ ଜଣେ ପୁରୁଷ, ସାଲିଆ ସାହି ଏକାମ୍ର ବିହାର ଅଞ୍ଚଳରୁ ଜଣେ ପୁରୁଷ, ଘାଟିକିଆ ନାକାଗେଟ୍ ଅଞ୍ଚଳରୁ ଜଣେ ମହିଳା, ନୟାପଲ୍ଲୀ ବେହେରା ସାହି ଅଞ୍ଚଳରୁ ଜଣେ ପୁରୁଷ, ସାଲିଆସାହି ଶ୍ରୀରାମନଗର ଅଞ୍ଚଳରୁ ଜଣେ ମହିଳା ଓ କେନ୍ଦ୍ର ସରକାରଙ୍କ ପରିଚାଳିତ ହସ୍ପିଟାଲରୁ ଜଣେ ପୁରୁଷ କରୋନା ଆକ୍ରାନ୍ତ ଥିବା ଜଣାପଡିଛି।

ସେହିପରି ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ୪୦ଜଣଙ୍କ ମଧ୍ୟରୁ ୩୦ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ବାକି ୧୦ ଜଣଙ୍କ ମଧ୍ୟରୁ ହଟ୍‌ସ୍ପଟ୍ ଜିଲା ଫେରନ୍ତା ୨ଜଣ, ପଶ୍ଚିମବଙ୍ଗ ଫେରନ୍ତା ୨ଜଣ ରହିଥିବାବେଳେ ବାକି ଅନ୍ୟମାନଙ୍କର ରାୟପୁର, ଦିଲ୍ଲୀ, ଗୁରୁଗ୍ରାମ, ବିହାର, ବିଶାଖାପାଟଣା ଓ ମୁମ୍ବାଇ ଗସ୍ତ ବିବରଣୀ ଥିବା ଜଣାପଡ଼ିଛି। ସେହିପରି ଗତ ୨୪ ଘଣ୍ଟାରେ ୧୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱରରେ ୪୦୪ଜଣ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଥିବାବେଳେ ୫୦୪ଜଣ ସକ୍ରିୟ ସଂକ୍ରମିତ ରହିଥିବା ବିଏମ୍‌ସି ସୂଚନା ଦେଇଛି।

# କରୋନା ଆଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଚଳ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଏସ୍‌ୟୁସିଆଇର କର୍ମକର୍ତ୍ତା।

## ଏସ୍‌ୟୁସିଆଇର ଅଭିଯୋଗ

କଟକ ଅଫିସ,୧୬।୭

କରୋନା ମହାମାରୀର ଭୟାବହତା ଆଳରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସଂପୂର୍ଣ୍ଣ ଅଚଳ କରିଦିଆଯାଇଛି। ଚିକିତ୍ସା କରୁଥିବା ସମସ୍ତ ଡାକ୍ତର ନର୍ସ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ଆବଶ୍ୟକ ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) ଯୋଗାଉ ନାହାନ୍ତି। ବର୍ତ୍ତମାନ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ କରୋନା ରୋଗୀଙ୍କୁ ଚିକିତ୍ସା କରିବା ଆଳରେ ସାଧାରଣ ରୋଗୀସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବା ଅଭିଯୋଗ କରିଛି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)। ଗୁରୁବାର ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି ଯେ, ଘରୋଇ ନର୍ସିଂହୋମ ଓ ପାଥୋଲାବ୍ ବନ୍ଦ ହେବା ଫଳରେ ନିୟମିତ ପରୀକ୍ଷା କରାଉଥିବା ରୋଗୀ ଅସୁବିଧା ଭୋଗୁଛନ୍ତି। କରୋନା ଭୟରେ ଅନେକ ଆମ୍ବୁଲାନ୍ସ ରୋଗୀଙ୍କୁ ମେଡିକାଲ ଆଣୁନାହାନ୍ତି। କରୋନା ଆଳରେ ଅନ୍ୟ ରୋଗୀଙ୍କୁ ମରଣ ମୁହଁକୁ ଠେଲା ନ ଯାଉ ବୋଲି ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ଶିବାଶିଷ ପ୍ରହରାଜ, ପାଭେଲ ପ୍ରିୟଦର୍ଶନ ପ୍ରକାଶ କରିଛନ୍ତି। କରୋନା ସହ ସମସ୍ତ ରୋଗର ପୀଡ଼ିତଙ୍କୁ ଚିକିତ୍ସା ଯୋଗାଇବା ସହ ବ୍ୟାପକ ପିପିଇ କିଟ୍ ଯୋଗାଣ ପାଇଁ ଜିଲା ସମ୍ପାଦକ ବିଶ୍ୱାବସୁ ଦାସ ଦାବି କରିଛନ୍ତି।


ଭୁବନେଶ୍ୱରସ୍ଥ ବିନ୍ଦୁସାଗର ପୋଖରୀରେ ଗୁରୁବାର ପିଲାମାନେ ଗାଧୋଉଛନ୍ତି।

# ପୁରୀ: ୭ କରୋନା ପଜିଟିଭ ଚିହ୍ନଟ

ପୁରୀ ଅଫିସ,୧୬।୭: ପୁରୀ ଜିଲାରୁ ଗୁରୁବାର ୭ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ଜଣେ ସୁସ୍ଥ ହୋଇଛନ୍ତି। ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୩୯୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଗୁରୁବାରର ଜଣଙ୍କୁ ମିଶାଇ ମୋଟ ୨୯୪ ଜଣ ସୁସ୍ଥ ହୋଇଥିବା ବେଳେ ୮୬ ଜଣ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଜିଲାର ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣଙ୍କ ମୃତ୍ୟୁ ଅନ୍ୟ ରୋଗ ପାଇଁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗୁରୁବାର ଚିହ୍ନଟ ୭ ସଂକ୍ରମିତଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

ଜିଲା ପ୍ରଶାସନ ସୂଚନା ଅନୁଯାୟୀ, ମୋଟ ପଜିଟିଭଙ୍କ ମଧ୍ୟରେ କଣାସ ବ୍ଲକରୁ ସର୍ବାଧିକ ୬୦ ଜଣ ରହିଛନ୍ତି। ସେହିପରି ବ୍ରହ୍ମଗିରି ୫୯, ପୁରୀ ମ୍ୟୁନିସିପାଲିଟି ୫୦, କାକଟପୁର ୩୭, ଗୋପ ୩୨, ଡେଲାଙ୍ଗ ୨୮, ଅସ୍ତରଙ୍ଗ ୨୫, ପିପିଲି ୨୪, ନିମାପଡ଼ା ୨୧, ସତ୍ୟବାଦୀ ୨୦, ପୁରୀ ସଦରରୁ ୧୪, କୃଷ୍ଣପ୍ରସାଦ ୭, କୋଣାର୍କ ଏନ୍‌ଏସି ୩, ନିମାପଡ଼ା ଏନ୍‌ଏସି ୨ ଏବଂ ପିପିଲି ଏନଏସିରୁ ଜଣେ ଚିହ୍ନଟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ପୁରୀ ମ୍ୟୁନିସିପାଲିଟିରୁ ୨୦ ଏବଂ ବ୍ରହ୍ମଗିରିରୁ ୧୦ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ବ୍ଲକ ଏବଂ ଏନ୍‌ଏସିରୁ ଏକ ସଂଖ୍ୟା ବିଶିଷ୍ଟ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ଏବେ ସୁଦ୍ଧା ୨୦,୩୨୦ ଜଣଙ୍କ କୋଭିଡ଼ ଟେଷ୍ଟ ହୋଇଛି। ସୁସ୍ଥହାର ରହିଛି ୭୬.୭୬ ପ୍ରତିଶତ। ଜିଲାରେ ମୋଟ ୫୬ଟି ଜାଗାରେ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଗଲାଣି। ସେଥିମଧ୍ୟରୁ ୩୦ଟି ଏବେ ବଳବତ୍ତର ଥିବାବେଳେ ୨୬ଟିରୁ ପ୍ରତ୍ୟାହାର କରାଯାଇଛି।

# ରେଭେନ୍‌ଶାରେ ଜାତୀୟ ୱେବିନାର୍ ସିରିଜ

କଟକ ଅଫିସ,୧୬।୭: ରେଭେନଶା ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ବିଭାଗ ଆନୁକୂଲ୍ୟରେ 'କରୋନା ମହାମାରୀ ସମୟରେ ଉଚ୍ଚଶିକ୍ଷା' ଶୀର୍ଷକରେ ଚାଲିଥବା ଜାତୀୟ ୱେବିନାର ଗୁରୁବାର ଉଦ୍‌ଯାପିତ ହୋଇଛି। ଜୁଲାଇ ୧୩ରୁ ୧୬ ପର୍ଯ୍ୟନ୍ତ ଚାଲିଥିବା ଆଲୋଚନାଚକ୍ରରେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନାଗରାଜୁ ଗୁଣ୍ଡିମେଡ଼ା କରୋନା କାଳରେ ଶିକ୍ଷା ପ୍ରତି ଥିବା ଆହ୍ୱାନ ଉପରେ ଆଲୋକପାତ କରିଥିଲେ। ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଅମନ ମଦନ ଅନଲାଇନ୍ ଶିକ୍ଷାର ବିଭିନ୍ନ ବିଭବ ଉପରେ ଗୁରୁତ୍ୱାରୋପ କରିଥିଲେ। ବନାରସ୍ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଧାପିକା ଶ୍ୱେତା ପ୍ରସାଦ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଧାପିକା ତତ୍ତ୍ୱମସି ପାଲଟାସିଂହ, ସାଉଥ୍ ଏସିଆନ୍ ବିଶ୍ୱବିଦ୍ୟାଳୟର ପ୍ରଧାପକ ଦେଓ ନାଥ ପାଠକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ନବନିତା ରଥ କରୋନା ସମୟରେ ଉଚ୍ଚଶିକ୍ଷାର ସ୍ଥିତି, ଆହ୍ୱାନ ଓ ସମ୍ଭାବନାର ସମୀକ୍ଷା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ବିକ୍ରମ କେଶରୀ ମିଶ୍ର କାର୍ଯ୍ୟକ୍ରମ ଆବାହନ ଓ ସହାୟକ ଅଧାପକ ଡ. ଜେମସ୍ କିଣ୍ଡୋ ଏହାର ସଂଯୋଜନା କରିଥିଲେ।

# ଲକ୍‌ଡାଉନ ଯୋଗୁ ଅନାହାର ମୃତ୍ୟୁ ବଢ଼ୁଛି: ନିରଞ୍ଜନ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ତାଲାବନ୍ଦ ସମୟରେ ରାଜ୍ୟରେ ଘଟୁଥିବା ଅନାହାର ମୃତ୍ୟୁକୁ ନେଇ ଗଭୀର ଦୁଃଖ ଓ କ୍ଷୋଭ ପ୍ରକାଶ କରିଛନ୍ତି। ଏଭଳି ଅନାହାର ମୃତ୍ୟୁ ରାଜ୍ୟରେ ଚାଲିଥିବା ଖାଦ୍ୟ ସୁରକ୍ଷା ଓ ଗରିବ କଲ୍ୟାଣ ଯୋଜନାର ଅସଲ ରୂପକୁ ପଦାରେ ପକାଇବା ସହିତ ପ୍ରଶାସନିକ ଅବହେଳା ଏଥିପାଇଁ ଦାୟୀ ବୋଲି ସେ ଅଭିଯୋଗ କରିଛନ୍ତି। ନିରଞ୍ଜନ କହିଛନ୍ତି ଯେ, ନୟାଗଡ଼ ଜିଲା ସ୍ଥିତ କାଲିଆମ୍ବ ଗାଁର ୪୬ ବର୍ଷୀୟା ଦୁଃଖୀ ଜାନିଙ୍କ ଭୋକରେ ଘଟିଥିବା ଏକ ଦୁଃଖଦ ମୃତ୍ୟୁକୁ ସଭ୍ୟ ସମାଜରେ କଦାପି ଗ୍ରହଣ କରାଯାଇପାରିବ ନାହିଁ। ଦୁଃଖୀଙ୍କ ମୃତ୍ୟୁ ଜୁନ୍ ୨୪ରେ ଘଟିଥିଲେ ମଧ୍ୟ କୌଣସି ପ୍ରଶାସନିକ ତତ୍ପରତା ପ୍ରକାଶ ନ ପାଇବା ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ବିଷୟରେ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଓଡ଼ିଶା ଖାଦ୍ୟ ଅଧିକାର ଅଭିଯାନର କର୍ମକର୍ତ୍ତା ଉକ୍ତ ଗାଁକୁ ଯାଇ ଯେଉଁ ତଥ୍ୟ ଉନ୍ମୋଚନ କଲେ ସେଥିରୁ ଜଣାଗଲା ସେହି ମହିଳାଙ୍କ ମୃତ୍ୟୁ ପୂର୍ବରୁ ତିନିଦିନ ଖାଇବାକୁ ନ ପାଇ ସେ ଭୋକରେ ଥିଲେ। ତାଙ୍କୁ ପିଡିଏସ୍‌ରୁ ଠିକ୍ ସମୟରେ ଖାଦ୍ୟ ସାମଗ୍ରୀ ମିଳୁ ନ ଥିଲା। ଅନ୍ନପୂର୍ଣ୍ଣା ଯୋଜନାରେ ୨୦୧୬ରେ ମିଳିଥିବା କାର୍ଡରେ ଯଦିଓ ସେ ୧୦କିଲୋ ଚାଉଳ ମାଗଣା ପାଇବା ପାଇଁ ହକ୍‌ଦାର ଥିଲେ ତେବେ ତାଙ୍କୁ ଏହା ମିଳୁ ନ ଥିଲା। ସେ ଜଣେ ଅଣକୁଶଳୀ ଶ୍ରମିକ ଭାବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନରେ କାମ ପାଇବା କଥା। ଏଥିରେ ମଧ୍ୟ ତାଙ୍କୁ ହତାଦାର କରାଯାଇଥିଲା। କେନ୍ଦ୍ରୀୟ ଯୋଜନା ତଥା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଓ ଜନ ଧନ ଯୋଜନାରେ ବି ତାଙ୍କୁ କୌଣସି ପ୍ରକାର ସହାୟତା ମିଳୁ ନ ଥିଲା ; ଯାହାର ପରିଣାମ ସ୍ୱରୂପ ଶେଷକୁ ଏହି ନିରୀହ ଆଦିବାସୀ ମହିଳାଙ୍କ କ୍ଷୁଧା ଓ ଅନାହାର ଯୋଗୁ ମୃତ୍ୟୁ ଘଟିଲା। ଏଭଳି ଦୁଃଖଦାୟକ ଘଟଣାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱୀକାର କରି ଭବିଷ୍ୟତରେ ଯେପରି ଏଭଳି ଘଟଣାର ପୁନରାବୃତ୍ତି ନ ହେବ ସେଥିପାଇଁ ବିଶେଷ ଦୃଷ୍ଟି ଦେବାକୁ ନିରଞ୍ଜନ କହିଛନ୍ତି।

# ହୋମ୍ ଡେଲିଭରି ସତ୍ତ୍ୱେ କ୍ଷତି ସହୁଛି ରେଷ୍ଟୁରାଣ୍ଟ

## ଆର୍ଥିକ ପ୍ୟାକେଜ୍ ଦାବି କଲା ସଂଘ

ଭୁବନେଶ୍ୱର,୧୬।୭(ବ୍ୟୁରୋ)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମାର୍ଚ୍ଚ ମାସରୁ ରାଜ୍ୟର ସମସ୍ତ ରେଷ୍ଟୁରାଣ୍ଟ ଏବଂ ହୋଟେଲ୍‌କୁ ବନ୍ଦ କରାଯାଇଛି। ଏଥିଯୋଗୁ କର୍ମଚାରୀ ଓ ମାଲିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ବ୍ୟବସାୟ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷେ ବର୍ତ୍ତମାନ ପରିସ୍ଥିତିରେ କେବଳ ହୋମ୍ ଡେଲିଭରି ଏବଂ ଟେକ୍ ଆୱେର ବ୍ୟବସ୍ଥା ଥିବାରୁ ମାତ୍ର ୧୦ ପ୍ରତିଶତ ବ୍ୟବସାୟ ହେଉଛି। ଏହାଉପରେ 'ଜୋମାଟୋ', 'ସ୍ୱିଗି' ଭଳି ବିତରକ ସଂସ୍ଥା ୩୦% କମିଶନ୍ କାଟି ନେଉଛନ୍ତି। ତେଣୁ ଏଭଳି ପରିସ୍ଥିତିରେ ହୋଟେଲ୍ ବା ରେଷ୍ଟୁରାଣ୍ଟ ବ୍ୟବସାୟିକ ପ୍ରତିଷ୍ଠାନ ଠିକ ଭାବେ ଚାଲିବା ଅସମ୍ଭବ ହୋଇପଡ଼ିଛି ବୋଲି ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା ଅଭିଯୋଗ କରିଛି। ହୋଟେଲ୍, ରେଷ୍ଟୁରାଣ୍ଟର ଭଡ଼ାରେ କୋହଳ, ବିଦ୍ୟୁତ୍ ବିଲ୍‌ରେ ସାମାନ୍ୟ ରିହାତି ଏବଂ ଏହା ଉପରେ ନିର୍ଭରଶୀଳ କର୍ମଚାରୀଙ୍କ ଜୀବିକା ପ୍ରତି ସରକାର ଦୃଷ୍ଟି ଦେବାକୁ ସଂଘ ଦାବି କରିଛି।

ଓଡ଼ିଶାରେ ୧୫୦୦ରୁ ଊର୍ଦ୍ଧ୍ୱ କେବଳ ରେଷ୍ଟୁରାଣ୍ଟ ଥିବାବେଳେ ଏହା ଉପରେ ୭୦ ହଜାର ପରିବାର ନିର୍ଭରଶୀଳ। ମାତ୍ର କରୋନା କଟକଣା ପାଇଁ ଏ ସମସ୍ତ ରେଷ୍ଟୁରାଣ୍ଟ, ହୋଟେଲ ସହ ସାଧାରଣ ଲୋକ ମଧ୍ୟ ହନ୍ତସନ୍ତ ହେଉଛନ୍ତି। ହୋଟେଲ୍ ଶିଳ୍ପ ବନ୍ଦ ହେବା ଯୋଗୁ କର୍ମଚାରୀଙ୍କ ପ୍ରତିପୋଷଣ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ଚିନ୍ତା ପାଲଟିଛି। ରାଜ୍ୟ ସରକାର ବିଭିନ୍ନ ସର୍ତ୍ତ ଦେଇ ଆଂଶିକ ଭାବେ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିବାକୁ ଅନୁମତି ଦେଇଥିଲେ ମଧ୍ୟ ଏହା ଲୋକଙ୍କ ଆବଶ୍ୟକତାକୁ ମେଣ୍ଟାଇପାରୁ ନାହିଁ ବୋଲି ରେଷ୍ଟୁରାଣ୍ଟ ଆସୋସିଏଶନ୍ ଅଫ୍ ଓଡ଼ିଶା ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ବୈଠକରେ ଅଭିଯୋଗ କରାଯାଇଛି। ସଂଘ ସଭାପତି ରାଜୀବ ସ୍ୱାଇଁ, ସାଧାରଣ ସମ୍ପାଦକ ଏମ୍. ତେଜେଶ୍ୱର ରାଓ, ଉପସଭାପତି ଅମିତେଶ ଗୁଗ୍ନାନିଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଏଥିରେ ଯୋଗଦେଇଥିଲେ। ଯୁବ ହୋଟେଲ୍ ଶିଳ୍ପୋଦ୍ୟୋଗୀଙ୍କ ମିଳିତ ପ୍ରୟାସରେ ଆରମ୍ଭ ହୋଇଥିବା ଏହି ଆସୋସିଏଶନ୍ ସରକାର ଓ ଜନସାଧାରଣଙ୍କ ସ୍ୱାର୍ଥ ଏବଂ ରାଜ୍ୟର ଅର୍ଥନୀତିକ ଅବସ୍ଥାକୁ ଦୃଷ୍ଟିରେ ରଖି ହୋଟେଲ୍, ରେଷ୍ଟୁରାଣ୍ଟ ଶିଳ୍ପ ପ୍ରତି ଆର୍ଥିକ ପ୍ୟାକେଜ୍ ଓ ସହଯୋଗର ହାତ ବଢାଇବାକୁ ଦାବି କରିଛନ୍ତି।

# ପ୍ରବାସୀ ଶ୍ରମିକଙ୍କ ସମସ୍ୟା ନେଇ ବିକ୍ଷୋଭ

## ରୋଜଗାର ଯୋଗାଇବାକୁ ଦାବି

ପୁରୀ ଅଫିସ,୧୬।୭

ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ନେଇ ସିପିଆଇଏମ୍ ପକ୍ଷରୁ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ଦିଆଯାଇଛି। ସେଥିରେ ଉଲ୍ଲେଖ ରହିଛି ଯେ, ଓଡ଼ିଶା ଫେରିଥିବା ସମସ୍ତ ପ୍ରବାସୀ ଶ୍ରମିକ ପରିବାରକୁ ମୁଣ୍ଡପିଛା ୧୦ କେଜି ହିସାବରେ ୬ମାସ ପର୍ଯ୍ୟନ୍ତ ମାଗଣାରେ ଚାଉଳ/ଗହମ ଦିଆଯାଉ। ପ୍ରତ୍ୟେକଙ୍କୁ ମାସିକ ୭,୫୦୦ ଟଙ୍କାର ସହାୟତା, ସଙ୍ଗରୋଧ ସମ୍ପୂର୍ଣ୍ଣ ପରେ ଫେରନ୍ତା ପ୍ରବାସୀ ଶ୍ରମିକଙ୍କୁ ୨ ହଜାର ଟଙ୍କା ସହାୟତା, ଶ୍ରମ ବିଭାଗ ଦ୍ୱାରା ପଞ୍ଜୀକରଣ କରି ପରିଚୟପତ୍ର ପ୍ରଦାନ, କଲ୍ୟାଣମୂଳକ କାର୍ଯ୍ୟକ୍ରମ ଲାଗୁ, ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକ୍ରମ ଆରମ୍ଭ, ରାଜ୍ୟରେ ବନ୍ଦ ପଡ଼ିଥିବା ସୂତାକଳ ସହିତ ଅନ୍ୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଚାଲୁ କରି ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ, ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ ଆଇନ–୧୯୭୯କୁ କଡ଼ାକଡ଼ି ଭାବେ ଲାଗୁ କରିବା, ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସିପିଆଇଏମ୍ ଦାବି କରିଛି। ଏହି ବିକ୍ଷୋଭରେ ସିପିଆଇଏମ୍‌ର ପୁରୀ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ରଞ୍ଜିତ ନାୟକ, ଟୁନା ନାୟକ, ମନୋରଞ୍ଜନ ମହାନ୍ତି, ଅମରେନ୍ଦ୍ର ନନ୍ଦ, ରଶ୍ମିତା ଗୋଚ୍ଛିକାର, ପୂର୍ଣ୍ଣଚନ୍ଦ୍ର ଧଳ, ବସନ୍ତ ମହାନ୍ତି, ଜ୍ୟୋତି ପ୍ରକାଶ ନାୟକ ପ୍ରମୁଖ ସାମିଲ ଥିଲେ।



ସିପିଆଇଏମ୍ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ପଡ଼ିରହି ନଷ୍ଟ ହେଉଛି ମୂଲ୍ୟବାନ୍ କାଠ

## ବାଲୁଖଣ୍ଡ ଅଭୟାରଣ୍ୟ


ବାଲୁଖଣ୍ଡ ଅଭୟାରଣ୍ୟରେ କଟା ହୋଇ ଗଦାରହିଥିବା କାଠ।

- ଫନୀକୁ ୧୪ ମାସ ବିତିଲାଣି | ■ ଅନୁମତି ଦେଉନି ସିଇସି

ପୁରୀ ଅଫିସ,୧୬।୭

ବାତ୍ୟା ଫନୀକୁ ୧୪ ମାସ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ବାଲୁଖଣ୍ଡ ଅଭୟାରଣ୍ୟରୁ କଟାଯାଇଥିବା କାଠ ଉଠିପାରିଲାନି। ଖରା, ବର୍ଷା, ଶୀତ କାକର ଖାଇ ବହୁ ମୂଲ୍ୟବାନ କାଠ ନଷ୍ଟ ହେବା ସାଙ୍ଗକୁ ଚୋରି ମଧ୍ୟ ହେଉଛି। ଫଳରେ ବନ ବିଭାଗ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବା ବେଳେ ବନ୍ୟପ୍ରାଣୀଙ୍କ ପାଇଁ ବି ଏହା ବିପଦ ସାଜୁଛି। ଏମିତି କି ଠାଏ ଠାଏ କାଠ ଗଦା ହୋଇ ରହିଥିବାରୁ ଅଭୟାରଣ୍ୟରେ ନିଆଁ ଲାଗିଯିବାର ଭୟ ରହିଛି।

ବାଲୁଖଣ୍ଡ–କୋଣାର୍କ ଅଭୟାରଣ୍ୟ। ୪୦ କିମି ଲମ୍ବ ଓ ୮୭ ବର୍ଗ କିମି ଅଞ୍ଚଳକୁ ନେଇ ପରିବ୍ୟାପ୍ତ ଏହି ଅଭୟାରଣ୍ୟରେ ୟୁକାଲିପଟାସ, କାଜୁ, ଆକାଶିଆ, ଝାଉଁ, ନିମ୍ବ ଆଦି ବିଭିନ୍ନ ପ୍ରଜାତିର ଗଛରେ ପରିପୂର୍ଣ୍ଣ ଥିଲା। ତେବେ ୨୦୧୯ ମେ ୩ ତାରିଖରେ ଏହାର ଚିତ୍ର ବଦଳିଯାଇଥିଲା। ବାତ୍ୟା ଫନୀରେ ବଡ଼ ବଡ଼ ଗଛ ଭାଙ୍ଗିବା ସହ ଉପୁଡ଼ି ମଧ୍ୟ ପଡ଼ିଥିଲା। ପ୍ରାୟ ୫ ହଜାର ହେକ୍ଟର ଅଞ୍ଚଳରେ ୫୦ରୁ ୬୦ ଲକ୍ଷ ଗଛ ଧରାଶାୟୀ ହୋଇଥିଲା। ପରବର୍ତ୍ତୀ ସମୟରେ ବନ ବିଭାଗ ଭଙ୍ଗା ଗଛରୁ କାଠ ସଂଗ୍ରହ କରିଥିଲା। ବହୁ ସଂଖ୍ୟକ ଶ୍ରମିକଙ୍କୁ ଲଗାଇ କାଠ କଟାଯିବା ପରେ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଏହାକୁ ଗଦା କରି ରଖାଯାଇଛି। ଫନୀର ୧୪ ମାସ ପରେ ବି ଏହି କାଠ ହଟାଯାଇ ନାହିଁ। ଅନୁମତିକୁ ଅପେକ୍ଷା କରିଥିବା ବନ ବିଭାଗ ମୁଣ୍ଡରେ ଏବେ ଏହି କାଠ ବୋଝ ହୋଇଛି। ଖରା, ବର୍ଷା ଖାଇ କାଠଗୁଡ଼ିକ ନଷ୍ଟ ହେବାରେ ଲାଗିଛି। ଖରା ଦିନ ପୂର୍ବରୁ ଯଦି କାଠଗୁଡ଼ିକୁ ଅଭୟାରଣ୍ୟରୁ ସ୍ଥାନାନ୍ତର କରା ନ ଯାଏ ତେବେ କୌଣସି ମୁହୂର୍ତ୍ତରେ ନିଆଁ ଲାଗି ଯାଇପାରେ। ବିଭିନ୍ନ ସ୍ଥାନରେ କାଠ ଗଦା ହୋଇଥିବାରୁ ଏହା ବନ୍ୟଜନ୍ତୁଙ୍କ ପରିସଂସ୍ଥାନକୁ ପ୍ରଭାବିତ କରୁଛି। ଗତବର୍ଷ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ବୈଠକରେ ଏହି କାଠ ଶ୍ରୀମନ୍ଦିର, ସ୍ୱର୍ଗଦ୍ୱାର ଏବଂ ପରିବେଶ ଉନ୍ନୟନ ସମିତି (ଇଡିସି)କୁ ଦିଆଯିବା ଲାଗି ନିଷ୍ପତ୍ତି ହୋଇଥିଲା। ସେହି ଅନୁଯାୟୀ, ୨୮ଟି ସ୍ଥାନୀୟ ଇଡିସି ସମେତ ସ୍ୱର୍ଗଦ୍ୱାର ଓ ଶ୍ରୀମନ୍ଦିରକୁ କାଠ ଦିଆଯିବ। ବନ୍ୟପ୍ରାଣୀଙ୍କ ସୁରକ୍ଷା, ଅଭୟାରଣ୍ୟର ବିକାଶ, ପରିବେଶ ନିୟମର ଅନୁପାଳନ ଆଦି ସମସ୍ତ ଦିଗକୁ ଅନୁଧ୍ୟାନ କରି ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଏହି ଅନୁମତି ଦେଇଛି। ହେଲେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି (ସିଇସି) ସୁପାରିସ ବିନା ଉକ୍ତ ଶୁଖିଲା କାଠ ଅଭୟାରଣ୍ୟରୁ ଖାଲି କରାଯାଇପାରିବ ନାହିଁ। ଅନ୍ୟପକ୍ଷରେ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ଶ୍ରୀମନ୍ଦିର ରୋଷଶାଳା, ସ୍ୱର୍ଗଦ୍ୱାର, ଇଡିସି ଓ ବଳକା କାଠ ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫ୍‌ଡିସି)କୁ ଉକ୍ତ କାଠ ଦେବା ଲାଗି ପ୍ରସ୍ତାବ ଦେଇଥିଲା। ମାତ୍ର ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି ଓଏଫ୍‌ଡିସିକୁ କାଠ ଯୋଗାଣ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛି। ସେପଟେ କମିଟି ଏ ଯାଏ ଅନୁମତି ଦେଇ ନ ଥିବାରୁ କାଠ ଉଠାଯାଇ ପାରୁନାହିଁ। ସ୍ଥାନୀୟ ଲୋକେ ଜାଳେଣି ପାଇଁ କାଠ ନେଇ ଯାଉଛନ୍ତି। ଏ ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବାଲୁଖଣ୍ଡ ଅଭୟାରଣ୍ୟରେ ବିଗୁଡୁଥିବା ପରିସଂସ୍ଥାନକୁ ପୁଣି ସଜାଡିବାକୁ ବନ ବିଭାଗ ତତ୍ପର ହେବା ଆବଶ୍ୟକ ବୋଲି ସେମାନେ ମତ ରଖିଛନ୍ତି। ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷକ ପ୍ରଶାନ୍ତ କୁମାର ସ୍ୱାଇଁ କହିଛନ୍ତି, କାଠଗୁଡ଼ିକୁ ଉଠାଇବା ପାଇଁ ସେଣ୍ଟ୍ରାଲ ଏମ୍ପାୱାର୍ଡ କମିଟି (ସିଇସି)ଙ୍କ ଅନୁମତି ଦରକାର। କିନ୍ତୁ ଏ ପର୍ଯ୍ୟନ୍ତ ଅନୁମତି ମିଳି ନ ଥିବାରୁ କାଠ ସ୍ଥାନାନ୍ତର କରାଯାଇ ପାରୁନାହିଁ।

## ମତ୍ସ୍ୟଜୀବୀ ପରିବାରଙ୍କ ଘରଭାଙ୍ଗି ଜଣେ ଗିରଫ

ବ୍ରହ୍ମଗିରି,(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅନ୍ତର୍ଗତ କରିମପୁର ଗ୍ରାମରେ ଗତ ୫ ତାରିଖ ରାତିରେ ୫ଜଣ ମତ୍ସ୍ୟଜୀବୀ ପରିବାରଙ୍କ ଘର ଭାଙ୍ଗିବା ମାମଲାରେ ଗୁରୁବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଉକ୍ତ ଗ୍ରାମର ଜୟନୀ ଓରଫ ଜୟସେନ ଘଡେଇ। ଏକ ସରକାରୀ ଜାଗାକୁ ନେଇ ୫ ମତ୍ସ୍ୟଜୀବୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ଗ୍ରାମବାସୀ ୫ ତାରିଖରେ ସେମାନଙ୍କ ଘର ଭାଙ୍ଗି ଦେଇଥିଲେ। ଏ ନେଇ ଅଭିଯୋଗ ପରେ ମଧ୍ୟ ପୋଲିସ ନୀରବ ରହିବାରୁ ଉକ୍ତ ୫ ପରିବାର ଜିଲାପାଳ ଅଫିସ ଆଗରେ ଧାରଣା ଦେଇଥିଲେ। ପୋଲିସ ମାମଲା(ନଂ.୧୦୬/୨୦) ରୁଜୁ କରି ଜୟନୀଙ୍କୁ ଧରିଥିଲା।



### ସଂକ୍ଷେପରେ

## ମନୋଜ ମହାନ୍ତି ପାଇବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର

ଭୁବନେଶ୍ୱର, ୧୬।୭ (ବ୍ୟୁରୋ): ବିଶିଷ୍ଟ ଗୀତିକବି ମନୋଜ ମହାନ୍ତି ୨୦୧୫ ମସିହା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଗୀତି କବିତା ବିଭାଗରେ 'ପ୍ରତି ପଲକରେ ତୁମେ' ପୁସ୍ତକ ପାଇଁ ସେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇବେ। ଏହା ପୂର୍ବରୁ ସେ ୨୦୧୩ ମସିହା ପାଇଁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଛନ୍ତି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଗନେଇ ଗ୍ରାମର ବାସୁଦେବ ମହାନ୍ତି ଓ ପ୍ରମିଳା ମହାନ୍ତିଙ୍କ ସୁପୁତ୍ର ମନୋଜ ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ ସଫଳ ଗୀତିକାର। ଏଥିସହ ସେ ୧୦ଟି ଗୀତି କବିତା ପୁସ୍ତକର ରଚୟିତା। ଏକାଧିକ ବଡ଼ ପୁରସ୍କାର ପାଇଥିବା ମନୋଜ ମଧ ଅନେକ ବେସରକାରୀ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିସହ ସେ ଓଡ଼ିଶା ସରକାରଙ୍କ ଅଧୀନରେ ବିଭିନ୍ନ ବିଭାଗରେ ଯୁଗ୍ମ ଶାସନ ସଚିବ ଭାବରେ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି।

## ଖବରଦାତାଙ୍କୁ ଫାଇନାନ୍ସ କମ୍ପାନୀର ଧମକ

ବ୍ରହ୍ମଗିରି,୧୬।୭(ଡି.ଏନ.ଏ): ବ୍ରହ୍ମଗିରି ଥାନା ଅଞ୍ଚଳରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ଗୁରୁବାର ଏକ ଫାଇନାନ୍ସ କମ୍ପାନୀ ତରଫରୁ ଫୋନ ଯୋଗେ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ବ୍ରହ୍ମଗିରିରେ କାର୍ଯ୍ୟରତ ଖବରଦାତା ରବିନାରାୟଣ ପୂଜାରୀଙ୍କ ପାଖକୁ ଗୁରୁବାର ସକାଳେ +୯୧-୭୪୦୦୩୯୮୧୯ ନମ୍ବରରୁ ଏକ ଫୋନ କଲ ଆସିଥିଲା। ଏଥିରେ ଜଣେ ମହିଳା ନିଜକୁ ଏକ ଫାଇନାନ୍ସ କମ୍ପାନୀର ପରିଚୟ ଦେଇ ଆମ କମ୍ପାନୀରୁ ଏକ ବାଇକ ଲୋନରେ ନେଇଛ ବୋଲି ରବିଙ୍କୁ ପଚାରିଲେ। କିନ୍ତୁ ସେ ମନାକରିବାରୁ ମହିଳାଜଣଙ୍କ ତାଙ୍କୁ ଠକ, ଆମେ ତୁମକୁ କୋର୍ଟକୁ ନେବୁ ଆଦି କଥା କହିଥିଲେ। ଏଥିରେ ରବି ପ୍ରତିବାଦ କରିବାରୁ ମହିଳାଜଣଙ୍କ ତାଙ୍କୁ ବିଭିନ୍ନ ଅଶ୍ରାବ୍ୟ ଭାଷାରେ କହିବା ସହ କମ୍ପାନୀ ତରଫରୁ ତୁମ ନାମରେ କେସ କରାଯିବ ବୋଲି ଧମକ ଦେଇଥିଲେ। ଏ ନେଇ ରବି ସମ୍ପୃକ୍ତ ମହିଳାଙ୍କ ବିରୋଧରେ ଥାନାରେ ଜଣାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମନୋଜ କୁମାର ଶତପଥୀ କୁହନ୍ତି, ଘଟଣାକୁ ନେଇ ଅଭିଯୋଗ ହୋଇଥିବାବେଳେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୬।୭(ବ୍ୟୁରୋ): ଶହୀଦନଗର ଥାନା ଅଞ୍ଚଳରେ ସାମାନ୍ୟ କଥାକୁ ନେଇ ଜଣେ ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ବାଙ୍କୁଆଳ ଗ୍ରାମର ବିପିନ ପ୍ରଧାନ। ସାଇମନ୍ଦିର ନିକଟ ପ୍ଲଟ ନଂ. ୪୫/୫୭ରେ ରହୁଥିବା ଆଇନଜୀବୀ ରାଜେନ୍ଦ୍ର ସାହୁଙ୍କ ସହ ବିପିନଙ୍କର ବୁଧବାର ସାମାନ୍ୟ କଥାକୁ ନେଇ ଝଗଡ଼ା ହୋଇଥିଲା। ଉଭୟଙ୍କ ମଧ୍ୟରେ କଥା କଟାକଟି ହେବାରୁ ବିପିନ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଏକ ପଥରରେ ରାଜେନ୍ଦ୍ରଙ୍କ ମୁହଁକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ ରାଜେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୯୨/୨୦ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବିପିନଙ୍କୁ ଗିରଫ କରିଥିଲା।

# ଦୀପୁ, ସୌମ୍ୟ, ଘର ମାଲିକଙ୍କୁ ପଚରାଉଚରା

ଭୁବନେଶ୍ୱର,୧୬।୭ (ବ୍ୟୁରୋ)

**ଆଦିତ୍ୟ ମୃତ୍ୟୁ ମାମଲା**

- ବଲାଙ୍ଗୀରରେ ଥିବା ଆଦିତ୍ୟଙ୍କ ସାଙ୍ଗଙ୍କୁ ନୋଟିସ
- ବ୍ୟାଙ୍କ ଆକାଉଣ୍ଟ, ଅଜଣା ଫୋନ ନମ୍ବର ଯାଞ୍ଚ
- ବିକାଶ ଓ ବିଦ୍ୟାଶ୍ରୀଙ୍କ ଅଡିଓ ବାର୍ତ୍ତାଳାପ ପଦାକୁ ଆସିଲା

ସମାଜସେବୀ ତଥା ମାନବପ୍ରେମୀ ଅଦିତ୍ୟ ଦାସ ମୃତ୍ୟୁକୁ ନେଇ ଏବେବି ସସ୍‌ପେନ୍ସ ଲାଗି ରହିଛି। ଭୁବନେଶ୍ୱର ଜିଆର୍‌ପି ଥାନା ପୋଲିସ ଏହି ମାମଲାରେ ଆଦିତ୍ୟଙ୍କ ସାଙ୍ଗ ଓ ପରିବାର ଲୋକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବୟାନ ରେକର୍ଡ କରିଛି। ଗୁରୁବାର ପୁଣି ବିକାଶଙ୍କ ସାଙ୍ଗ ଦୀପୁ ଓ ସୌମ୍ୟଙ୍କୁ ପଚରାଉଚରା କରିଛି। ୪ ଘଣ୍ଟାର ପଚରାଉଚରାବେଳେ ପୋଲିସ ବିଭିନ୍ନ ପ୍ରସଙ୍ଗରେ ଜାଣିବାକୁ ଚାହିଁଥିଲା। ତେବେ ଆବଶ୍ୟକ ପଡିଲେ ସେମାନେ ପୁଣି ଥାନାରେ ହାଜର ହେବେ ବୋଲି ପୋଲିସ କହିଛି। ସେମାନେ ଆଦିତ୍ୟ ଓ ସାଙ୍ଗ ବିକାଶଙ୍କ ସମ୍ପର୍କରେ କିଛି ନୂଆ ତଥ୍ୟ ପୋଲିସକୁ ଦେଇଥିବା ଜଣାପଡିଛି।

ଅନ୍ୟପକ୍ଷରେ ପୋଲିସ ବଲାଙ୍ଗୀରରେ ଥିବା ଆଦିତ୍ୟଙ୍କ ସାଙ୍ଗକୁ ନୋଟିସ କରିଛି। ବଲାଙ୍ଗୀରରେ ଥିବା ସାଙ୍ଗ ଆଦିତ୍ୟଙ୍କ ସହ ନିୟମିତ ଭିଡ଼ିଓ କଲ୍ ମାଧ୍ୟମରେ କଥା ହୁଅନ୍ତି। ଏମିତି କି ସେହି ସାଙ୍ଗ ଆଦିତ୍ୟଙ୍କ ଘନିଷ୍ଠ ବନ୍ଧୁ ବୋଲି କୁହାଯାଉଛି। ତାଙ୍କୁ ଜେରା କରାଗଲେ ଆଦିତ୍ୟଙ୍କ ମୃତ୍ୟୁ ସମ୍ପର୍କରେ କିଛିଟା ସୁରାକ ମିଳିବ ବୋଲି ପୋଲିସ ଆଶା ରଖିଛି। ତେଣୁ ତାଙ୍କୁ ଭୁବନେଶ୍ୱର ଜିଆର୍‌ପି ଥାନାରେ ହାଜର ହେବାକୁ କୁହାଯାଇଛି। ସେହିଭଳି ଆଦିତ୍ୟ ରହୁଥିବା ଭଡ଼ାଘର ମାଲିକଙ୍କୁ ଜେରା କରାଯାଇଥିଲା। ଆଦିତ୍ୟ କେବେଠୁ ଭଡ଼ାରେ ଥିଲେ। କେବେ ମାଲିକଙ୍କ ସହ ଝଗଡା ହୋଇଥିଲା କି? ଏଭଳି ଅନେକ ପ୍ରଶ୍ନ ମାଲିକଙ୍କୁ ପୋଲିସ ପଚାରିଥିଲା। ଆଦିତ୍ୟଙ୍କର ବାଲକାଟୀରେ ଥିବା ଏସ୍‌ବିଆଇ ଆକାଉଣ୍ଟ ଓ କଳିଙ୍ଗ ବିହାରରେ ଥିବା ୟୁନିୟନ୍ ବ୍ୟାଙ୍କ ଆକାଉଣ୍ଟର ଖୋଲତାଡ଼ ମଧ କରିଛି ଜିଆର୍‌ପି। ମୃତ୍ୟୁ ପୂର୍ବରୁ ଏକ ଅଜଣା ନମ୍ବରରେ ଆଦିତ୍ୟ କଥା ହୋଇଥିଲେ। ଏହି ନମ୍ବର କାହାର ତାହାକୁ ନେଇ ମଧ ଜିଆର୍‌ପି ଖୋଲତାଡ଼ କରୁଛି।

ଏଥିସହ ସାମ୍ନାକୁ ଆସିଛି ଆଦିତ୍ୟଙ୍କ ସାଙ୍ଗ ବିକାଶ ଓ ସ୍ତ୍ରୀ ବିଦ୍ୟାଶ୍ରୀଙ୍କ ଫୋନ୍ ବାର୍ତ୍ତାଳାପ। ଆଦିତ୍ୟ ନିଖୋଜ ପରେ ଏହି କଥାବାର୍ତ୍ତା ହୋଇଥିବାବେଳେ ଫୋନ୍ ରେକର୍ଡରେ ବିକାଶକୁ ଅନେକ କିଛି କହିଛନ୍ତି ବିଦ୍ୟାଶ୍ରୀ। ଘରେ ଆଦିତ୍ୟଙ୍କ ବ୍ୟବହାର, ମାନସିକ ସ୍ଥିତି ଓ ସ୍ତ୍ରୀ ବିଦ୍ୟାଶ୍ରୀ ସହ ରହିଥିବା ପାରିବାରିକ ସମ୍ପର୍କ କିପରି ଥିଲା ତାହା ଉକ୍ତ ଅଡ଼ିଓରୁ ଜଣାପଡୁଛି। ଏହି ଅଡିଓ ଏବେ ପୋଲିସ ହାତରେ ଲାଗିଛି। ଏଥିରୁ ପୋଲିସ କିଛି ନୂଆ ସୁରାକ ଖୋଜୁଛି। ଡ଼ିଓରୁ କିଛି ନୂଆ ସୁରାକ ମିଳିପାରେ ବୋଲି ପୋଲିସ ଆଶା କରୁଛି। ଖୁବ୍‌ଶୀଘ୍ର ପୋଲିସ ମାମଲାର ତଦନ୍ତ ଶେଷ କରି ଘଟଣାର ପର୍ଦ୍ଦାଫାସ କରିବ ବୋଲି ଜିଆର୍‌ପିର ଜଣେ ଅଧିକାରୀ କହିଛନ୍ତି।

## ଆଜିଠୁ ଭୁବନେଶ୍ୱର ୧୪ ଦିନ ଲକ୍‌ଡାଉନ୍

ଭୁବନେଶ୍ୱର,୧୬।୭

ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ଜାରି ହୋଇଥିବା ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ୪ଟି ଜିଲା ଓ ଗୋଟିଏ ମ୍ୟୁନିସିପାଲିଟିକୁ ଲକ୍‌ଡାଉନ୍ କରିବା ନିଷ୍ପତ୍ତି ଭୁବନେଶ୍ୱରରେ ଲାଗୁ ହେବ। ଏ ନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନୂତନ ନିୟମ ଭୁବନେଶ୍ୱରରେ ମଧ୍ୟ ଲାଗୁ ହେବ। ଏହାର ପରିବର୍ଦ୍ଧିତ ନିର୍ଦ୍ଦେଶନାମା ବିଏମ୍‌ସି ଦ୍ୱାରା ପ୍ରକାଶ କରାଯିବାକୁ ଥିବାବେଳେ ଜନସାଧାରଣଙ୍କ ପାଇଁ ତାହା ଶୁକ୍ରବାର ପୂର୍ବାହ୍ନରେ ପ୍ରଦାନ କରାଯିବ। ଭୁବନେଶ୍ୱରବାସୀଙ୍କ ପାଇଁ କ'ଣ ନୂଆ ନିର୍ଦ୍ଦେଶନାମା ରହିଛି ତାହା ଉଲ୍ଲେଖ କରାଯିବ। ଏଥିସହ ବଢୁଥିବା ସଂକ୍ରମଣକୁ ଲକ୍ଷ୍ୟ କରି ରାଜ୍ୟ ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତାହ ସ୍ୱାଗତଯୋଗ୍ୟ ବୋଲି କମିଶନର କହିଛନ୍ତି। କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟ ସରକାର ପୁଣି ଏକ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ବହୁଳ ସଂକ୍ରମଣ ଥିବା ୪ ଜିଲା ଓ ଗୋଟିଏ ମ୍ୟୁନିସିପାଲିଟିକୁ ୧୪ଦିନ ଲାଗି ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଗୁରୁବାର ଏକ ସ୍ୱତନ୍ତ୍ର ଖବରଦାତା ସମ୍ମିଳନୀ କରି ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ରାଜ୍ୟବାସୀଙ୍କୁ ଏହି ନିଷ୍ପତ୍ତି ସମ୍ପର୍କରେ ଅବଗତ କରିଛନ୍ତି। ଗଞ୍ଜାମ, ଖୋର୍ଦ୍ଧା, କଟକ ଓ ଯାଜପୁର ଏବଂ ସୁନ୍ଦରଗଡ଼ ଜିଲାର ୯୦ ପ୍ରତିଶତ ସଂକ୍ରମଣ ରାଉରକେଲା ମ୍ୟୁନିସିପାଲିଟି ଅଞ୍ଚଳରୁ ହୋଇଥିବାରୁ ଏହାକୁ ମଧ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହିସବୁ ଅଞ୍ଚଳ ୧୭ ତାରିଖ ରାତି ୯ଟା ଠାରୁ ୩୧ ତାରିଖ ପର୍ଯ୍ୟନ୍ତ 'ଲକ୍‌ଡାଉନ୍' ରହିବ। ୪ ଜିଲାରୁ ୬୬ ପ୍ରତିଶତ ସଂକ୍ରମଣ ଚିହ୍ନଟ ହୋଇଥିବାରୁ ଏପରି ପଦକ୍ଷେପ ନିଆଯାଇଥିବା ମୁଖ୍ୟ ଶାସନ ସଚିବ ଘୋଷଣା କରିଛନ୍ତି।



କଟକ ଜିଲା ନରାଜ ଆନିକଟ ଉପରେ ଗୁରୁବାର ଆକାଶରେ ଭସା ବାଦଲର ମନୋରମ ଦୃଶ୍ୟ।

## ସୀତାପୁର ବସ୍ତି କଣ୍ଟେନମେଣ୍ଟ ଜୋନ୍

### ୟୁନିଟ୍-୪ ହାଟ ବନ୍ଦ ନିର୍ଦ୍ଦେଶ ଦେଲା ବିଏମ୍‌ସି

ଭୁବନେଶ୍ୱର, ୧୬।୭

ଭୁବନେଶ୍ୱର ନୟାପଲ୍ଲୀର ସୀତାପୁର ବସ୍ତିରେ କୋଭିଡ୍ ସଂକ୍ରମଣ ବ୍ୟାପକ ହେବାରୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ ସମଗ୍ର ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍ ହେବ। ବସ୍ତି ନିକଟରେ ଥିବା ଡକ୍ଟର ମିଲନ ପାଲିତଙ୍କ ଘରଠାରୁ ସୀତାପୁର ବସ୍ତି ପର୍ଯ୍ୟନ୍ତ ଅଞ୍ଚଳ କଣ୍ଟେନମେଣ୍ଟ ଜୋନ୍ ଭାବେ ବିଏମ୍‌ସି ଘୋଷଣା କରିଛି। ଉକ୍ତ ଅଞ୍ଚଳରେ ବର୍ତ୍ତମାନ ସମସ୍ତ ଦୋକାନ ଓ ଅନୁଷ୍ଠାନ ବନ୍ଦ ରହିବ ଏବଂ ଉକ୍ତ ଅଞ୍ଚଳରେ ଥିବା ଗୃହଗୁଡ଼ିକ କଣ୍ଟେନମେଣ୍ଟ ନିୟମକୁ କଠୋର ଭାବେ ପାଳନ କରିବେ। ସେହିପରି ନୟାପଲ୍ଲୀ ତ୍ରିନାଥ ବସ୍ତି ମଧ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷିତ ହୋଇଛି। ତ୍ରିନାଥ ବସ୍ତି ଅଧୀନରେ ଥିବା ଅଞ୍ଚଳଗୁଡ଼ିକ ହେଉଛି ଅଲକାବାଦ ବ୍ୟାଙ୍କରୁ ଦୁର୍ଗାମଣ୍ଡପ ପାଦୁଆ, ଦୁର୍ଗାମଣ୍ଡପ ପାଦୁଆଠାରୁ ତାରିଣୀ ମନ୍ଦିର ଓ କବାଡିଆ ଦୋକାନ ଏବଂ ନାବାର୍ଡର ପଛପଟୁ ତାରିଣୀ ମନ୍ଦିର ଯାଏ ଅଞ୍ଚଳ କଣ୍ଟେନମେଣ୍ଟ ଭାବେ ଘୋଷଣା କରାଯାଇଛି। ଉକ୍ତ ଅଞ୍ଚଳରେ ଏବେ ସମସ୍ତ ସେବା ବିଏମ୍‌ସି ଯୋଗାଇବ ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସେହିପରି ୟୁନିଟ୍-୪ ହାଟ ଏବଂ ଏହାର ପାର୍ଶ୍ୱ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଠାରେ ଥିବା ଦୋକାନଗୁଡ଼ିକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# ୩ଜଣଙ୍କଠାରୁ ୧୧ଲକ୍ଷ ଠକେଇ

ଭୁବନେଶ୍ୱର,୧୬।୭ (ବ୍ୟୁରୋ)

ରାଜଧାନୀରେ ପୁଣି ବଡ଼ଧରଣର ସାଇବର ଠକେଇ। ସାଇବର ଅପରାଧୀମାନେ ୩ଜଣଙ୍କଠାରୁ ୧୧ଲକ୍ଷ ଟଙ୍କା ଠକି ନେଇଛନ୍ତି। ଖାରବେଳନଗର ଥାନା ଅଞ୍ଚଳର ଜଣେ ବ୍ୟାଙ୍କ୍ ମ୍ୟାନେଜର ୫୦ ହଜାର ଟଙ୍କା ହରାଇଥିବାବେଳେ କ୍ୟାପିଟାଲ ଥାନାଞ୍ଚଳରେ ଜଣେ ସଙ୍ଗୀତଜ୍ଞଙ୍କଠାରୁ ୭ ଲକ୍ଷ ଟଙ୍କା ଲୁଟିନେଇଛନ୍ତି ଠକ। ସେହିପରି ଚନ୍ଦ୍ରଶେଖରପୁର ଥାନାଞ୍ଚଳର ଅନ୍ୟ ଜଣେ ବ୍ୟକ୍ତି ସାଢେ ୩ଲକ୍ଷ ଟଙ୍କା ହରାଇଛନ୍ତି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ଅଭିଯୋଗ ଅନୁଯାୟୀ, ସତ୍ୟନଗର ଷ୍ଟେଟ୍ ବ୍ୟାଙ୍କ୍ ମ୍ୟାନେଜର ଅଜିତ କୁମାର ଆଚାର୍ଯ୍ୟଙ୍କ ହ୍ୱାଟ୍ସଆପ୍‌କୁ ଗତ ୧୦ ତାରିଖରେ ଠକ ଜଣକ ଏକ ମେସଜ୍ ପଠାଇଥିଲେ। ୧୨ ତାରିଖରେ ଉକ୍ତ ନମ୍ବରରେ କଲ୍ କରି ନିଜକୁ ଏସ୍‌ବିଆଇର ଫୁଲବାଣୀ ରିଜିଓନାଲ ମ୍ୟାନେଜର ବୋଲି ପରିଚୟ ଦେଇ ଶାଳୀଙ୍କ ହାର୍ଟ ସର୍ଜରି ହେବ କହି ୫୦ହଜାର ଟଙ୍କା ମାଗିଥିଲେ। ତାଙ୍କ ହ୍ୱାଟ୍ସ ଆପ୍ ପ୍ରୋଫାଇଲ୍‌ରେ ଏସ୍‌ବିଆଇର ଫୁଲବାଣୀ ରିଜିଓନାଲ ମ୍ୟାନେଜରଙ୍କ ଫଟୋ ଦେଖି ବିଶ୍ୱାସ କରି ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ ଠକ ଜଣକ ଆଉ ୨୫ ହଜାର ମାଗିଥିଲେ। ଏଥିରେ ସନ୍ଦେହ କରି ଅଜିତ ଫୁଲବାଣୀ ରିଜିଓନାଲ ମ୍ୟାନେଜରଙ୍କ ଯୋଗାଯୋଗ କରିବା ପରେ ଠକେଇର ଶିକାର ହୋଇଥିବା ଜାଣିଲେ।

ସେହିପରି କ୍ୟାପିଟାଲ ଥାନା ବାପୁଜୀନଗର ପ୍ଲଟ ନଂ-୧୯୫ରେ ରହୁଥିବା ସଂଗୀତଜ୍ଞ ସତ୍ୟ ଶଙ୍କର ନିଜର ଏକ ମ୍ୟୁଜିକ୍ ପ୍ଲେୟାର ବିକ୍ରି ପାଇଁ ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ। ଠକ ଜଣକ ତାଙ୍କୁ ଯୋଗାଯୋଗ କରି ତାଙ୍କ ପେଟିଏମ୍‌ରେ ଟଙ୍କା ପଠାଇବାକୁ କହିଥିଲେ। ସତ୍ୟଙ୍କ ପେଟିଏମ୍ ଆକାଉଣ୍ଟ ନ ଥିବାରୁ ଠକ ଜଣକ ତାଙ୍କୁ ଗୁଗୁଲ ପ୍ଲେ ଷ୍ଟୋରରୁ ଡାଉନ୍ ଲୋଡ୍ କରିବାକୁ କହିଥିଲେ। ସତ୍ୟ ତାହାକୁ ଡାଉନ୍‌ଲୋଡ୍ କରିବା ପରେ ହଠାତ୍ ଜଣେ ବ୍ୟକ୍ତି ଫୋନ୍ କରି ପେଟିଏମ୍ କଷ୍ଟମର କେୟାରରୁ କହୁଥିବା ଜଣାଇ କେତେକ ପରାମର୍ଶ ଦେଇଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ଫିକ୍ସଡ୍ ଡିପୋଜିଟ୍ ଥିବା ୭ଲକ୍ଷ ଟଙ୍କା କଟିଯାଇଥିବା ମେସେଜ ଆସିଥିଲା।

ସେହିପରି ଶୈଳଶ୍ରୀବିହାରରେ ରହୁଥିବା ଜିତେନ୍ଦ୍ର ନାରାୟଣ ଦାଶଙ୍କୁ ସାଇବର ଠକ ଫୋନ୍ କରି ପେଟିଏମ୍ କଷ୍ଟମର କେୟାରରୁ କହୁଥିବା କହିଥିଲେ। ୨୪ ଘଣ୍ଟା ଭିତରେ ପେଟିଏମ୍ ଆକାଉଣ୍ଟ ବନ୍ଦ ହୋଇଯିବ ବୋଲି କହି ତାଙ୍କୁ ୧୦ଟଙ୍କା ପଠାଇବାକୁ କହିଥିଲେ। ଏହାପରେ ତାଙ୍କ ଆକାଉଣ୍ଟରୁ ସାଢେ ୩ଲକ୍ଷ ଟଙ୍କା କଟିଯାଇଥିବା ମେସେଜ ଆସିଥିଲା।

## ମହାପ୍ରଭୁଙ୍କ କଚେରି ଘର ଜବରଦଖଲ

ପୁରୀ ଅଫିସ,୧୬।୭

ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁର ମୌଜାରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କଚେରି ଘର। ଏହା କେତକୀବଣିଆ ନାମରେ ପରିଚିତ। ୧୯୨୭ ମସିହା ବନ୍ଦୋବସ୍ତ ଖତିଆନାରେ ତାହା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାଁରେ ରେକର୍ଡ ହୋଇଥିଲା। ପ୍ରତିବର୍ଷ ଚୈତ୍ର ମାସରେ କପିଳେଶ୍ୱରପୁର ମୌଜାରେ ଶ୍ରୀମନ୍ଦିର ପ୍ରଶାସନ ଆନୁକୂଲ୍ୟରେ ଶ୍ରୀକୃଷ୍ଣ ପଞ୍ଚପାଣ୍ଡବ ମେଳଣ ଯାତ୍ରା ହୋଇଥାଏ। ଏହାଛଡ଼ା ସୁନାବେଶ ଓ ଶ୍ରୀମନ୍ଦିର ସହ ସମ୍ପୃକ୍ତ ପଞ୍ଚପାଣ୍ଡବ ମହାଦେବଙ୍କ ଶିବରାତ୍ରି ଉତ୍ସବ ଉପଲକ୍ଷେ ସେଠାରୁ କେତକୀ ଫୁଲ ସଂଗ୍ରହ କରାଯାଇ ଅର୍ପଣ କରାଯାଇ ଥାଏ। ଗଜପତି ମହାରାଜା ଏହି ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଦାନ କରିଥିଲେ। ହେଲେ କେତେଜଣ ବ୍ୟକ୍ତି ଏହି କଚେରି ଘରକୁ ଅବରୋଧ କରି ରଖିବା ସହ ଠାକୁରଙ୍କ ନୀତିକାନ୍ତି ପାଇଁ ବ୍ୟବହୃତ ସାମଗ୍ରୀ ଅକ୍ତିଆର କରିଥିବା ଅଭିଯୋଗ ହୋଇଛି। ଏଥିଯୋଗୁ ଶ୍ରୀକୃଷ୍ଣ ପଞ୍ଚପାଣ୍ଡବ ମେଳଣ ସମେତ ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ବାଧାପ୍ରାପ୍ତ ହେଉଛି। ଏ ସମ୍ପର୍କରେ ଶ୍ରୀକୃଷ୍ଣ ମେଳଣ କମିଟି ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ପୁରୀ ସଦର ଥାନାରେ ଲିଖିତ ଏତଲା ବି ଦିଆଯାଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଥିଯୋଗୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବାକୁ ଶ୍ରୀକୃଷ୍ଣ ପଞ୍ଚପାଣ୍ଡବ ମେଳଣ କମିଟି ଦାବି କରିଛି।

## 'ବିକାଶ ପାଇଁ ଆତ୍ମନିର୍ଭର ଭାରତ ଅଭିଯାନ'

ଖୋର୍ଦ୍ଧା ଅଫିସ,୧୬।୭

କରୋନା ଯୋଗୁ ଦେଶର ଅର୍ଥନୀତି ଉପରେ ବିଶେଷ ପ୍ରଭାବ ପଡ଼ିଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତ୍ମନିର୍ଭର ଭାରତ ଅଭିଯାନ ମାଧ୍ୟମରେ ଗରିବ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତିକୁ ପ୍ରୋତ୍ସାହନ ଦେଉଛନ୍ତି। କରୋନା ପରବର୍ତ୍ତୀ ଭାରତର ବିକାଶ ତ୍ୱରାନ୍ୱିତ ଦିଗରେ ଏହା ସହାୟକ ହେବ ବୋଲି ଗୁରୁବାର ଖୋର୍ଦ୍ଧା ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

ଏମ୍‌ପି ଷଡ଼ଙ୍ଗୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି, ଜନଧନ ଆକାଉଣ୍ଟ, ସାମାଜିକ ସୁରକ୍ଷା ଭତ୍ତା ଓ ଉଜ୍ଜଳା ଯୋଜନାରେ ଜୁନ ୨୭ତାରିଖ ସୁଦ୍ଧା ଦେଶର ୪୦ କୋଟି ଲୋକଙ୍କୁ ୬୪ହଜାର ୫ଶହ କୋଟି ଟଙ୍କା ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ନଭେମ୍ବର ମାସ ଯାଏ ବୃଦ୍ଧି କରାଯାଇଛି। ଏହି ଯୋଜନାରେ ପ୍ରତି ପରିବାର ମୁଣ୍ଡ ପିଛା ୫କେଜି ଚାଉଳ କିମ୍ବା ଗହମ ଓ ୧କେଜି ଡାଲି ପାଇବେ। ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅତିରିକ୍ତ ୪୦ହଜାର କୋଟି ବ୍ୟୟ ବରାଦ କରାଯାଇଛି। ଶ୍ରମିକଙ୍କୁ ରୋଜଗାରକ୍ଷମ ଲାଗି ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ ହୋଇଛି। ଏହି ଯୋଜନାରେ ଗଞ୍ଜାମ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର ଭଳି ଜିଲା ବିଶେଷ ଲାଭାନ୍ୱିତ ହେବେ। ଏମ୍‌ଏସ୍‌ଏମ୍‌ଇ ପାଇଁ ୩ଲକ୍ଷ କୋଟି ଟଙ୍କା ବନ୍ଧକବିହୀନ ଋଣ ବ୍ୟବସ୍ଥା ରହିଛି। ଏମ୍‌ଏସ୍‌ଏମ୍‌ଇ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀ ଏବଂ ସେମାନଙ୍କ ନିଯୁକ୍ତିଦାତାଙ୍କ ପାଇଁ ୨୫ଶହ କୋଟିର ଇପିଏଫ ସହଯୋଗ ଦିଆଯାଇଛି। ଚାଷୀଙ୍କୁ ଋଣ ପାଇଁ ଜୁନ ଶେଷ ସୁଦ୍ଧା ୭୦.୩୨ଲକ୍ଷ କିଷାନ କ୍ରେଡିଟକୁ ମଞ୍ଜୁରୀ ଦିଆଯାଇଛି। ନାବାର୍ଡ ପକ୍ଷରୁ କୃଷିଋଣ ସ୍ୱତନ୍ତ୍ର ନଗଦ ପାଣ୍ଠି ବ୍ୟବସ୍ଥା ହୋଇଛି। ଜୁନ ୩୦ ସୁଦ୍ଧା ୨୪ ହଜାର ୫୮୬.୮୭ କୋଟି ଟଙ୍କା କର୍ପୋରେଟିଭ୍ ବ୍ୟାଙ୍କକୁ ପ୍ରଦାନ କରାଯାଇଛି। ଲଘୁ ଉଦ୍ୟୋଗକୁ ସଙ୍ଗଠିତ ଲାଗି ୧୦ହଜାର କୋଟି ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ପାଇଁ ୨୦ହଜାର କୋଟି, ଦୁଗ୍ଧ ଶିଳ୍ପକୁ ପ୍ରୋତ୍ସାହନ ଲାଗି ୧୫ହଜାର କୋଟିର ପଶୁପାଳନ ଭିତ୍ତିଭୂମି ବିକାଶ ପାଣ୍ଠି ଗଠନ ହୋଇଛି। ମହୁଚାଷ ଭିତ୍ତିଭୂମି ସୁଦୃଢ଼ ଲାଗି ୫ଶହ କୋଟି ଘୋଷଣା କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ନିକୁଞ୍ଜ କିଶୋର ପଟ୍ଟନାୟକ, ସୁବାସ ଗନ୍ତାୟତ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପ୍ରତାପ ଚନ୍ଦ୍ର ମହାପାତ୍ର, ଶକ୍ତି ମିଶ୍ର ଏବଂ ପ୍ରଦୀପ୍ତ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## କଣାସ ଥାନା ଆଗରେ ଭାଜପା କର୍ମୀଙ୍କ ଧାରଣା

କଣାସ,୧୬।୭(ସ୍ୱ.ପ୍ର.)

କଣାସ ଥାନା ମହନ୍ତ ବନମାଳି ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପାଖରେ ଗତ ୯ ତାରିଖରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଭାଜପାର ୪କର୍ମୀ ଆହତ ହୋଇଥିବାରୁ ଆକ୍ରମଣକାରୀଙ୍କୁ ଗିରଫ କରିବା ଦାବିରେ ଗୁରୁବାର ଭାଜପା ଯୁବନେତା ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଥାନା ଆଗରେ ଧାରଣା ଦେଇଥିଲେ। ଥାନା ଆଇଆଇସି ତପନ ରାଉତ ପହଞ୍ଚି ଆକ୍ରମଣକାରୀଙ୍କୁ ଧରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନା ଅନୁଯାୟୀ, ୯ତାରିଖ ରାତିରେ ପୂର୍ବ ଶତ୍ରୁତାକୁ ନେଇ ୪ କର୍ମୀଙ୍କୁ କେତେଜଣ ଯୁବକ ଆକ୍ରମଣ କରିଥିଲେ। ସେମାନେ ଗୁରୁତର ହୋଇ ଭୁବନେଶ୍ୱରସ୍ଥ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ନେଇ ଜଣେ ଆହତଙ୍କ ପିତା ଗୁଣନିଧି ପ୍ରଧାନ ଥାନାରେ ବିଜେଡି କର୍ମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ୪ଜଣଙ୍କୁ ଗିରଫ କରିଛି। ସେହିପରି ବିଜେଡି ପକ୍ଷରୁ ସହନା ଗ୍ରାମର ମୀନାକ୍ଷୀ ଜୟସିଂହ ତାଙ୍କର ପୁଅକୁ ଭାଜପାର ୫ଜଣ କର୍ମୀ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଗୋଟିଏ ମାମଲା ରୁଜୁ କରି ଜଣକୁ ଅଟକ ରଖିଛି। ଫେରାର ଥିବା ଅନ୍ୟ ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଗୁରୁବାର ଭାଜପାକର୍ମୀମାନେ ୨ଘଣ୍ଟା ଥାନା ଆଗରେ ବସିରହିଥିଲେ। ପୋଲିସ ବୁଝାଶୁଝା କରିବାରୁ ଉଠିଥିଲେ। କଣାସରେ ଉତ୍ତେଜନା ଲାଗିରହିଥିବାରୁ ଦାୟିତ୍ୱରେ ଥିବା ଏସ୍‌ପି ଉମାଶଙ୍କର ଦାଶ, ଅତିରିକ୍ତ ଏସ୍‌ପି ତଦନ୍ତ କରି ଫେରିଛନ୍ତି।

# ୧୬ଦିନ ପରେ ମରଶରୀର ପାଇଲେ ପରିବାର

ଭୁବନେଶ୍ୱର, ୧୬।୭(ବ୍ୟୁରୋ)

**ସବ୍ୟସାଚୀଙ୍କ ଆଉ ଏକ ବଦାନ୍ୟତା**

**ଦୁବାଇରୁ ଆସିଲା ଗଞ୍ଜାମ**

ବିଦେଶରେ ବନ୍ଧା ପଡ଼ିଥିଲା ମରଶରୀର। ଶେଷଥର ପାଇଁ ମରଶରୀରକୁ ଦେଖିବା ପାଇଁ ପରିବାର ବ୍ୟାକୁଳ ଥିଲେ। ୧୬ଦିନ ପରେ ମା' ଫେରିପାଇଲେ ପୁଅକୁ, ସ୍ତ୍ରୀ ସ୍ୱାମୀକୁ ଏବଂ ପିଲାମାନେ 'ବାପା'ଙ୍କୁ। ହେଲେ ଜୀବନ୍ତ ନୁହେଁ ମୃତ ଅବସ୍ଥାରେ। ପୁରା ଗାଁ ସ୍ତବ୍ଧ ପାଲଟିଯାଇଛି। ଗଞ୍ଜାମ ଜିଲାର ଖଲ୍ଲିକୋଟ ପଞ୍ଚାୟତ ଖୁଜାପଲ୍ଲୀ ଗାଁର ବଳରାମ ପ୍ରଧାନ। ବୟସ ୩୬ବର୍ଷ। ଦୀର୍ଘ ଦେଢବର୍ଷ ହେବ ରୋଜଗାର ଆଶାରେ ଦୁବାଇକୁ ଯାଇଥିଲେ। ସେଠାରେ ଦାଦନ ଶ୍ରମିକଭାବେ କାମ କରୁଥିଲେ। କିନ୍ତୁ କରୋନା ସବୁକିଛି ବିଗାଡ଼ି ଦେଲା। କାମ ଧନ୍ଦା ନ ପାଇବାରୁ ଭବିଷ୍ୟତ ଚିନ୍ତା କରି ବଳରାମଙ୍କ ମୃତ୍ୟୁ ଘଟିଲା। ଗତ ୨୯ତାରିଖରେ ବଳରାମଙ୍କ ମୃତ୍ୟୁ ହୋଇଥିବା ଖବର ଘରଲୋକ ପାଇଥିଲେ। ସେହିଦିନଠାରୁ କେମିତି ବଳରାମଙ୍କ ମୃତଦେହ ଗ୍ରାମକୁ ଆସିବ ସେଥିପାଇଁ ସମସ୍ତେ ଚିନ୍ତାରେ। ଏମିତି ସମୟରେ ବିପଦର ବନ୍ଧୁ ସାଜିଲେ ଅଭିନେତା ସବ୍ୟସାଚୀ। ଏସମ୍ପର୍କରେ ଖବର ପାଇବା କ୍ଷଣି ୩୦ଦିନରେ ଆସି ପହଞ୍ଚିବାକୁ ଥିବା ମରଶରୀରକୁ ନିଜ ମାନବିକତା ଦେଖାଇ ୩ଦିନ ମଧ୍ୟରେ ଆଣି ପରିବାର ଲୋକଙ୍କ ହସ୍ତାନ୍ତର କରିଲେ। ଅନ୍ତର୍ଜାତୀୟ ଏୟାରପୋର୍ଟରେ ମରଶରୀର ଆସି ପହଞ୍ଚିବାରେ ବହୁ ସମସ୍ୟା ହୁଏ। କିନ୍ତୁ ସବ୍ୟସାଚୀ କନ୍‌ସୁଲେଟ୍ ଜେନେରାଲ ଅଫ୍ ଇଣ୍ଡିଆଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଦୁବାଇ ପୋଲିସଙ୍କ ସହ ଯୋଗାଯୋଗ କରିବାପରେ ମରଶରୀରକୁ ଉଦ୍ଧାର କରି କରୋନା ଟେଷ୍ଟ କରାଯାଇଥିଲା। ଏହାପରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ମରଶରୀର ଓଡ଼ିଶାରେ ପହଞ୍ଚିବା ସବ୍ୟଙ୍କ ପାଇଁ ସବୁଠାରୁ ବଡ ଚ୍ୟାଲେଞ୍ଜ ଥିଲା। ଏହାପରେ ସେ ଗୁଇନ୍ଦା ବିଭାଗ ଡିଆଜି ଅନୁପ ସାହୁଙ୍କୁ ଯୋଗାଯୋଗ କରିବାପରେ କଷ୍ଟମ୍ ଇନ୍‌ସ୍ପେକ୍ଟର ମାଲ୍ୟବିକ ଘୋଷ, ଏୟାରପୋର୍ଟ ଥାନା ଆଇଆଇସି ଉମାକାନ୍ତ ପ୍ରଧାନ, ଏୟାର ଇଣ୍ଡିଆ ସିନିୟର୍ ମ୍ୟାନେଜର୍ ଜିତେନ୍ଦ୍ର ଦାସଙ୍କ ସହାୟତାରେ ବଳରାମଙ୍କ ମରଶରୀରକୁ ସବ୍ୟସାଚୀ ଗତକାଲି ହସ୍ତାନ୍ତର କରିଛନ୍ତି। ବଳରାମ କାମ କରୁଥିବା କମ୍ପାନୀ ସହ ସବ୍ୟସାଚୀ ଯୋଗାଯୋଗ କରିଛନ୍ତି। ଏହାସହିତ ବଳରାମଙ୍କ ୨ପୁଅଙ୍କ ପାଠପଢ଼ାର ଦାୟିତ୍ୱ ବହନ କରିବାପାଇଁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି।



ଗୁରୁ ଦେବପ୍ରସାଦ ଦାସଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀରେ ଗୁରୁବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ 'ତ୍ରିଧାରା' ସଦସ୍ୟମାନେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଶୁକ୍ରବାର, ଜୁଲାଇ ୧୭/୨୦୨୦ Friday, July 17/2020

# ସୌରଭ ଗାଙ୍ଗୁଲି କ୍ୱାରାଣ୍ଟାଇନ୍‌ରେ

**କୋଲକାତା,୧୬।୭ :** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଏବେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ବାସଭବନ ନିକଟରେ ରହିଥିବା ଏକ କାର୍ଯ୍ୟାଳୟରେ ତାଙ୍କୁ ବିସିସିଆଇର ସମସ୍ତ କାର୍ଯ୍ୟ ତୁଲାଇବାକୁ ପଡୁଛି। ଗାଙ୍ଗୁଲିଙ୍କ ବଡ଼ ଭାଇ ସ୍ନେହାଶିଷ ଗାଙ୍ଗୁଲି ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି)ର ଯୁଗ୍ମ ସମ୍ପାଦକ ଅଛନ୍ତି। ସେ କରୋନା ସଂକ୍ରମିତ ବୋଲି ଜଣାପଡ଼ିବା ପରେ ପ୍ରୋଟୋକଲ ଅନୁସାରେ ଗାଙ୍ଗୁଲିଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହୋଇଛି। ସିଏବି ମୁଖ୍ୟ ଅଭିଷେକ ଡାଲମିଆଙ୍କୁ ମଧ୍ୟ ନିଜ ବାସଭବନରେ କ୍ୱାରାଣ୍ଟାଇନ୍‌ରେ ରହିବାକୁ ହୋଇଛି। ଅନ୍ୟପକ୍ଷରେ ରାଜାରହାଟ୍ ଷ୍ଟୁଡିଓ ଏକ କଣ୍ଟେନମେଣ୍ଟ ଜୋନ୍‌ରେ ପଡୁଥିବାରୁ ଗାଙ୍ଗୁଲିଙ୍କ ଲୋକପ୍ରିୟ ବେଙ୍ଗଲୀ ଶୋ 'ଦାଦାଗିରି ଅନ୍‌ଲିମିଟେଡ୍ ସିଜନ ଏଇଟ୍'ର ଶୁଟିଂ କାର୍ଯ୍ୟ ପୁନଆରମ୍ଭ ହୋଇପାରିନାହିଁ ବୋଲି ଷ୍ଟୁଡିଓର ଜଣେ କର୍ମଚାରୀ ସୂଚନା ଦେଇଛନ୍ତି। ସିଏବି ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ ଡାଲମିଆ କହିଛନ୍ତି, ସ୍ନେହାଶିଷ ସାମାନ୍ୟ ଜ୍ୱର ଅନୁଭବ କରିବାରୁ ବୁଧବାର ନିଜେ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ରହିଛି। ମୁଁ ତାଙ୍କର ଆଶୁ ଆରୋଗ୍ୟକାମନା କରୁଛି। ସିଏବି କାର୍ଯ୍ୟାଳୟକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିବା ଡାଲମିଆ ପ୍ରକାଶ କରିଛନ୍ତି।


















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ